RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-144 ♦THURSDAY ♦20 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୪ ♦ଗୁରୁବାର ♦୨୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଫେଡେରର୍

▶ପୃଷ୍ଠା ୧୦ ଦେଖନ୍ତୁ...

## ବିପଦରେ ୩୫୦ କୋଟି ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡାଟା

**ଭାରତର ୭୪.୯ କୋଟି ବ୍ୟବହାରକାରୀ**

**ପ୍ରୋଫାଇଲ ପିକ୍ଚର ଷ୍ଟାଟସ୍ ପ୍ରଘଟ ହୋଇପାରେ**

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ବିପଦରେ ବିଶ୍ୱର ୩.୫ ବିଲିୟନ ଅର୍ଥାତ୍ ୩୫୦ କୋଟିରୁ ଅଧିକ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ। ଏଥିରେ କେବଳ ଭାରତର ସର୍ବାଧିକ ୭୪.୯ କୋଟି ବ୍ୟବହାରକାରୀଙ୍କ ଆକାଉଣ୍ଟ ରହିଛି। ସୁରକ୍ଷାରେ ବଡ଼ ତ୍ରୁଟି ଯୋଗୁ ହ୍ୱାଟ୍ସଆପ୍‌ରେ ବ୍ୟବହାରକାରୀଙ୍କ ପ୍ରୋଫାଇଲ୍ ପିକ୍ଚର ଏବଂ ଷ୍ଟାଟସ୍ ଆଦିରେ ଥିବା ତଥ୍ୟ ଲିକ୍ ହୋଇଯାଇପାରେ। ଭିଏନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ତ୍ରୁଟିକୁ ଧରିଛନ୍ତି। ଗବେଷକଙ୍କ ଅନୁଯାୟୀ, ଏହି ଦୁର୍ବଳତା ଯେକୌଣସି ବ୍ୟକ୍ତିଙ୍କୁ ଯାଞ୍ଚ କରିବାକୁ ଅନୁମତି ଦିଏ ଯେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରେ ସକ୍ରିୟ ଅଛନ୍ତି କି ନାହିଁ। ତା'ପରେ ସେମାନଙ୍କ ପ୍ରୋଫାଇଲ୍ ପିକ୍ଚର ଓ ଷ୍ଟାଟସ୍‌ର ବିବରଣୀ ସହଜରେ ବାହାର କରାଯାଇପାରିବ। ପରେ ଏହାର ସମ୍ଭାବ୍ୟ ଅପବ୍ୟବହାର କରାଯାଇପାରେ ବୋଲି ଗବେଷକମାନେ କହିଛନ୍ତି। ଏହି ସମସ୍ୟାଟି ହ୍ୱାଟ୍ସଆପ୍‌ର କନେକ୍ଟ ଡିସ୍କଭରି ଫିଚରର ବୈଶିଷ୍ଟ୍ୟରେ ରହିଛି। ଏହା ବ୍ୟବହାରକାରୀଙ୍କ ଫୋନ୍ ଠିକଣା ପୁସ୍ତିକାକୁ ସିଙ୍କ୍ କରି ଲୋକଙ୍କୁ ସର୍ଚ୍ଚ ସହଜ କରିବା ପାଇଁ ଡିଜାଇନ୍ କରାଯାଇଥିଲା, କିନ୍ତୁ ଏହା ଅଜାଣତରେ ୟୁଜରଙ୍କ ଡାଟାର ବଡ଼ ପରିମାଣରେ ଚୋରି ପାଇଁ ଦ୍ୱାର ଖୋଲି ଦେଇଥିଲା। ଗବେଷକମାନେ ରିପୋର୍ଟ କରିଛନ୍ତି ଯେ ଏଥିରେ ବିଶ୍ୱର ୩୫୦ କୋଟି ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ୭୪.୯ କୋଟି (୨୧.୬୭%), ଇଣ୍ଡୋନେସିଆର ୨୩୫ନିୟୁତ (୬.୮୧%), ବ୍ରାଜିଲର ୨୦୭ ନିୟୁତ ▶ପୃଷ୍ଠା-୭

## ଟ୍ରିବ୍ୟୁନାଲ ସଂସ୍କାର ଆଇନ ରଦ୍ଦ କଲେ ସୁପ୍ରିମ୍‌କୋର୍ଟ



**ବିଚାର ବିଭାଗର କ୍ଷମତାରେ ହସ୍ତକ୍ଷେପ ନକରିବାକୁ ଚେତାବନୀ**

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଟ୍ରିବ୍ୟୁନାଲ ସଂସ୍କାର ଆଇନ, ୨୦୨୧କୁ ଆଜି ରଦ୍ଦ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ଆଇନକୁ ଅସାମ୍ବିଧାନିକ ବର୍ଣ୍ଣନା କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦରେ ଗୃହୀତ ଏହି ଆଇନ କ୍ଷମତାର ପୃଥକୀକରଣ ଏବଂ ବିଚାର ବିଭାଗର ନିରପେକ୍ଷତା ସଂକ୍ରାନ୍ତ ନିୟମରର ଉଲ୍ଲଂଘନ କରୁଛି। ବିଚାର ବିଭାଗର ସ୍ୱୟଂଶାସନ ପାଇଁ ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନକରିବା ଲାଗି କେନ୍ଦ୍ର ସରକାରଙ୍କୁ କୋର୍ଟ ସତର୍କ କରାଇଦେଇଛନ୍ତି। ସଂପୃକ୍ତ ଟ୍ରିବ୍ୟୁନାଲ ଆଇନକୁ ଚାଲେଞ୍ଜ କରି ଆଗତ ଏକାଧିକ ପିଟିସନର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ। ରାୟ ଶୁଣାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ କହିଲେ ଯେ ▶ପୃଷ୍ଠା-୭

# ବିହାରରେ ପୁଣି ନୀତୀଶ ସରକାର

## ରାଜ୍ୟପାଳଙ୍କୁ ଭେଟି ଦେଲେ ଇସ୍ତଫା; ଆଜି ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ନେବେ ଶପଥ



**ଯୋଗ ଦେବେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କୃଷିମନ୍ତ୍ରୀ**

**ଶପଥ ଉତ୍ସବରେ ଉପସ୍ଥିତ ରହିବେ ୧୧ ମୁଖ୍ୟମନ୍ତ୍ରୀ**

■ ପାଟନା, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା, ତାହା ହିଁ ଘଟିଛି। ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟପାଳଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ଓ ଆସନ୍ତାକାଲି ପୁଣି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ବିଜେପି ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ, ୧୧ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୧୫୦ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ନୀତୀଶ ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ବୋଲି ସୂଚନା ମିଳିଛି।

ଆଜି ସକାଳେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳୀୟ ପର୍ଯ୍ୟବେକ୍ଷକ ତଥା ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ସହ ପର୍ଯ୍ୟବେକ୍ଷକ ଅର୍ଜୁନରାମ ମେଘୱାଲ ଓ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କ ଉପସ୍ଥିତିରେ ସମ୍ରାଟ ଚୌଧୁରୀଙ୍କୁ ବିଜେପି ବିଧାୟକ ଦଳ ନେତା ଓ ବିଜୟ ସିହ୍ନାଙ୍କୁ ବିଧାୟକ ଦଳ ଉପନେତା ମନୋନୟନ କରାଯାଇଥିଲା। ଅନ୍ୟପକ୍ଷରେ ଜେଡିୟୁ ବିଧାୟକ ଦଳ ବୈଠକରେ ନୀତୀଶ କୁମାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ପରେ ଏନ୍‌ଡିଏ ବିଧାୟକ ଦଳ ବୈଠକ ବିଧାନସଭା ସେଂଟ୍ରାଲ ହଲରେ ଅନୁଷ୍ଠିତ ହୋଇଥିଲା ଏବଂ ନୀତୀଶ କୁମାର ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହୋଇଥିଲେ। ତେଣୁ ଆସନ୍ତାକାଲି ନୀତୀଶ ମୁଖ୍ୟମନ୍ତ୍ରୀ ଏବଂ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବା ପ୍ରାୟ ଚୂଡ଼ାନ୍ତ ହୋଇଛି। ବିଧାୟକ ଦଳ ନେତା ନିର୍ବାଚନର ଔପଚାରିକତା ଶେଷ ପରେ ନୀତୀଶ କୁମାର ରାଜ୍ୟପାଳଙ୍କୁ ଭେଟି ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି।

ଆସନ୍ତାକାଲି ନୀତୀଶଙ୍କ ସହ ଶପଥ ନେବାକୁ ଥିବା ସମ୍ଭାବ୍ୟ ମନ୍ତ୍ରୀମାନଙ୍କର ନାମ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିଲେ ହେଁ ତାହା ଚୂଡ଼ାନ୍ତ ହୋଇପାରି ନାହିଁ। ଆଜି ରାତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ପାଟନାରେ ପହଞ୍ଚିବା ପରେ ନୀତୀଶଙ୍କ ସହ ଏସଂକ୍ରାନ୍ତରେ ଆଲୋଚନା କରିବେ। ବୈଠକରେ ମନ୍ତ୍ରୀ ତାଲିକା ଚୂଡ଼ାନ୍ତ ହୋଇପାରେ। ▶ପୃଷ୍ଠା-୭

## ଆସୁଛି ଲଘୁଚାପ
## ପୁଣି ବାତ୍ୟା ଭୟ

■ **ଆନ୍ଧ୍ର-ଓଡ଼ିଶା ପ୍ରତି ରହୁଛି ବିପଦ**

■ **ଉଜାଡ଼ି ଦେବ ଉପକୂଳର ଚାଷ**

■ ଭୁବନେଶ୍ୱର, ୧୯ ।୧୧ (ସମିସ): ଚଳିତ ମାସ ଶେଷ ବେଳକୁ ରାଜ୍ୟକୁ ଆସୁଛି ବଡ଼ ବର୍ଷା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅଧିକାଂଶ ଆଭ୍ୟନ୍ତରୀଣ ଜିଲ୍ଲା ପାଇଁ ସୃଷ୍ଟି ହୋଇଛି ବର୍ଷା ବିପଦ। ସମ୍ଭାବ୍ୟ ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହେବାର ପୂର୍ବାନୁମାନକୁ ଆଧାର କରି ଆଉ ଏକ ସମ୍ଭାବ୍ୟ ବାତ୍ୟାର ମଧ୍ୟ ଆକଳନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ ଆସନ୍ତା ୨୨ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ସମାନ ଦିଗରେ ଗତି ବଜାୟ ରଖିବା ସହ ଦକ୍ଷିଣ- ▶ପୃଷ୍ଠା-୭

## ଲଜ୍ଜା।
## ଦାଦନ ଫେରନ୍ତା ମହିଳାଙ୍କୁ ବସ୍‌ଷ୍ଟାଣ୍ଡରୁ ଟେକିନେଇ ଦୁଷ୍କର୍ମ !

■ ରାୟଗଡ଼ା,୧୯।୧୧(ସମିସ): ଜଣେ ଦାଦନ ଫେରନ୍ତା ବିବାହିତ ମହିଳାଙ୍କୁ ରାୟଗଡ଼ାରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ବିବାହିତ ମହିଳା ଜଣକ ନିଜ ସ୍ୱାମୀ ସହିତ ଗତକାଲି ବିଳମ୍ବିତ ରାତିରେ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରି ବଳାତ୍କାର କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

ପୀଡ଼ିତାଙ୍କ ସ୍ୱାମୀଙ୍କ କହିବାନୁସାରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରୁ ସେମାନେ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଗତକାଲି ରାୟଗଡ଼ାକୁ ଟ୍ରେନ ଯୋଗେ ଫେରିଥିଲେ। ରାତି ୮ଟା ସମୟରେ ନିଜ ଗାଁକୁ ଫେରିବା ପାଇଁ ରାୟଗଡ଼ା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଯୁବକ କେଉଁଆଡେ ଯିବ ବୋଲି ଉକ୍ତ ଦମ୍ପତିଙ୍କୁ ପଚାରିଥିଲେ। ଦମ୍ପତି ବନ୍ଧୁଗାଁକୁ ▶ପୃଷ୍ଠା-୭

## ମିଳୁନି ବକେୟା; ଉଠୁନି ଚାଉଳ

### ଗୋଦାମରେ ପଡ଼ିଛି ସାଢେ ୭ ଲକ୍ଷ ମେଟ୍ରିକ ଟନ



**ବକେୟା ରହିଛି ଧାନ କିଣା ବାବଦ ୮ ହଜାର କୋଟି ଟଙ୍କା**

**ପୁଣି ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟ ଯୋଗାଣମନ୍ତ୍ରୀ**

**ଓଡ଼ିଶାର ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ବଢ଼ାଇବାକୁ କେନ୍ଦ୍ର ନିକଟରେ ଦାବି**

**ଗୋଟିଏ ସପ୍ତାହ ପରେ ଆରମ୍ଭ ହେବ ଖରିଫ ଧାନ କିଣା**

■ ଭୁବନେଶ୍ୱର, ୧୯ ।୧୧ (ସମିସ): ବକେୟା ପଡ଼ିଥିବା ରାଜ୍ୟର ୮ ହଜାର କୋଟି ଟଙ୍କା କେନ୍ଦ୍ର ସରକାର ଦେଉ ନାହାନ୍ତି। ସେହିପରି ଏଫ୍‌ସିଆଇ ଜରିଆରେ ଚାଉଳ ଉଠାଇବାକୁ ବାରମ୍ବାର ଦାବିକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଖାଉଟି ବ୍ୟାପାର ମନ୍ତ୍ରଣାଳୟ ଉପେକ୍ଷା କରି ଚାଲିଛି। ପୂର୍ବରୁ ବିଜେଡି ସରକାର, ତତ୍କାଳୀନ ମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀ, ବିଜେଡିର ସାଂସଦମାନେ ଯେଉଁ ଦାବି କରି ଆସୁଥିଲେ; ଏବର ସରକାର ସେହି ଦାବି ବାରମ୍ବାର ଦୋହରାଇଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ହୋଇନାହିଁ। ଧାନକିଣା ବାବଦ ବକେୟା ଟଙ୍କା ମିଳୁନାହିଁ କି ବଳକା ଚାଉଳ ରାଜ୍ୟରୁ ଉଠାଯାଉ ନାହିଁ। ଆସନ୍ତା ସପ୍ତାହରେ ରାଜ୍ୟରେ ଧାନ କିଣା ଆରମ୍ଭ ହେବାକୁ ଯାଉଥିବାରୁ ବଳକା ଚାଉଳ ସରକାରଙ୍କ ପାଇଁ ଶିରପୀଡ଼ା ସୃଷ୍ଟି କରିଛି। ତେଣୁ କେନ୍ଦ୍ର ସରକାର ରାଜ୍ୟରୁ ଚାଉଳ ଉଠାଇବା ଓ ବକେୟା ପ୍ରଦାନ ପାଇଁ ପୁଣି ଦାବି କରିଛି ଓଡ଼ିଶା। ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ▶ପୃଷ୍ଠା-୭

## ଚୋରକୁ ପିଟିପିଟି ମାରିଦେଲେ ଗ୍ରାମବାସୀ


**ଥାନାରେ ୧୦ରୁ ଅଧିକ ଅଟକ**

■ ଉଦଳା, ୧୯।୧୧ (ସମିସ): ଗାଁକୁ ରାତିରେ ଚୋରି କରିବାକୁ ଆସିଥିଲେ ଦୁଇ ଲୁଟେରା; ହେଲେ ଗ୍ୟାସ୍ ସିଲିଣ୍ଡର ଚୋରି କରିବା ପଡିଛି ମହଙ୍ଗା। ଗାଁ ଲୋକେ ଜଣେ ଚୋରକୁ ପିଟିପିଟି ମାରିଦେଇଛନ୍ତି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ଉଦଳା ଥାନା ବିସିପୁର ଗ୍ରାମରେ। ମଙ୍ଗଳବାର ବିଳମ୍ବିତ ରାତିରେ ଖୁଣ୍ଟା ଥାନା ଦେଉଳା ଗ୍ରାମର ବାପି କୋହ୍ଲାର ଏବଂ କାହ୍ନୁ ମଢେଇ ବିସିପୁର ଗ୍ରାମକୁ ଚୋରି କରିବା ନିମନ୍ତେ ଯାଇଥିଲେ। ସେଠାରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ଚୋରି କରି ଗ୍ରାମରୁ ବାହାରି ଆସିବା ସମୟରେ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ପରେ ଉଭୟଙ୍କୁ ନିର୍ଘାତ ପିଟିପିଟି ଗୁରୁତର କରିଦେଇଥିଲେ। ଖବରପାଇ ଉଦଳା ପୁଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରେ ଥିବା ଦୁଇ ଲୁଟେରାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା; ହେଲେ ବାପି କୋହ୍ଲାରର ଅବସ୍ଥା ଗୁରୁତର ଥିବାରୁ କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପୁଲିସ ମୃତକ ବାପି କୋହ୍ଲାରର ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲରେ ରଖିଥିବା ବେଳେ ଅନ୍ୟ ଜଣେ ଲୁଟେରା କାହ୍ନୁକୁ ଥାନାରେ ଅଟକ ରଖି ▶ପୃଷ୍ଠା-୭

## ଟଳିଲେ ଆଉ ୭ ମାଓବାଦୀ, ୫୦ ଗିରଫ




■ ମାଲକାନଗିରି, ୧୯ ।୧୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାରେ ଆଜି ପୁଣି ସୁରକ୍ଷା ବଳକୁ ମିଳିଛି ବଡ଼ ସଫଳତା। ଗତକାଲି ଏହି ଜିଲ୍ଲାରେ ଗୁଳି ବିନିମୟ ଘଟି କୁଖ୍ୟାତ ମାଓ ନେତା ହିଡମା ସହ ୬ ଜଣ ମାଓବାଦୀ ନିହତ ହୋଇଥଲେ। ଆଜି ପୁଣି ସେହି ଅଞ୍ଚଳରେ ଚାଲିଥିବା ତଲାସି ଅଭିଯାନ ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୭ ଜଣ ମାଓବାଦୀ ମୃତ୍ୟୁବରଣ କରିଛନ୍ତି। ଗତକାଲିର ଗୁଳି ବିନିମୟ ପରେ ଏହି ଜଙ୍ଗଲରେ ମାଓ କ୍ୟାମ୍ପ ଚାଲିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଗ୍ରେ-ହାଉଣ୍ଡ ଯବାନ ସେହି ଅଞ୍ଚଳରେ କ୍ରମାଗତ ତଲାସି ଅଭିଯାନକୁ ଜାରି ରଖିଥିଲେ। ଭୋରରେ ମାଓବାଦୀ ଏବଂ ଯବାନ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ମାଓବାଦୀ ଛତ୍ରଭଙ୍ଗ ଦେବା ପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ବେଳେ ଘଟଣାସ୍ଥଳରୁ ୭ ଜଣ ମାଓବାଦୀଙ୍କ ଶବ ମିଳିଛି। ମୃତ ମାଓବାଦୀ ମଧ୍ୟରେ ଆନ୍ଧ୍ର-ଓଡ଼ିଶା ବର୍ଡର ଡିଭିଜନାଲ କମିଟି ମେମ୍ବର ଏମ୍ ଜଗା ରାଓ ଓରଫ ଟେକ ଶଙ୍କର, ଡିଭିଜନାଲ କମିଟି ମେମ୍ବର ସୀତା ଓରଫ ଜ୍ୟୋତି, ତିରୁପତିଙ୍କ ଶବ ରହିଛି। ମୃତ ମାଓବାଦୀଙ୍କ ମଧ୍ୟରେ ୫ ଜଣ ଏସିଏମ କ୍ୟାଡରର ମାଓବାଦୀ ରହିଥିବା ବେଳେ ମୃତକଙ୍କ ମଧ୍ୟରେ ୪ ପୁରୁଷ ଓ ୩ ମହିଳା ମାଓବାଦୀ ରହିଛନ୍ତି। ଉକ୍ତ ସ୍ଥାନରୁ ୨ଟି ଏକେ ୪୭ ବନ୍ଧୁକ ସହ ମୋଟ ୮ଟି ବନ୍ଧୁକ ଓ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେହିପରି ଆଜି ଆନ୍ଧ୍ର ପ୍ରଦେଶ ପୁଲିସ ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ▶ପୃଷ୍ଠା-୭








# ଭାରତ ଫେରିଲା ଗ୍ୟାଙ୍ଗଷ୍ଟର ଲରେନ୍ସର ଭାଇ ଅନ୍‌ମୋଲ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କରି ବୁଧବାର ଦିଲ୍ଲୀ ଅଣାଯାଇଛି। ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାକୁ ହେପାଜତକୁ ନେଇ ପଟିଆଲା ହାଉସ କୋର୍ଟରେ ଉପସ୍ଥାପନ କରିଛି। କୋର୍ଟ ତାକୁ ୧୧ ଦିନ ପାଇଁ ଏନଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ମଙ୍ଗଳବାର ବେଆଇନ ଭାବେ ଦେଶରେ ରହୁଥିବା ୨୦୦ ଲୋକଙ୍କୁ ଆମେରିକା ସେମାନଙ୍କ ଦେଶକୁ ପଠାଇ ଥିଲା। ଏମାନଙ୍କ ମଧ୍ୟରେ ଭାରତର ତିନି ଜଣ ସାମିଲ ଥିଲେ। ଆଉ ଦୁଇ ପଞ୍ଜାବର ବାସିନ୍ଦା। ତେବେ ଏହି ଦୁଇ ଜଣଙ୍କ ବିଷୟରେ କୌଣସି ସୂଚନା ବାହାରକୁ ଆସି ନାହିଁ। ଗ୍ୟାଙ୍ଗଷ୍ଟର ଅନମୋଲ ଭାରତରେ ଅନେକ ମାମଲାରେ ୱାଣ୍ଟେଡ ଥିଲା। ୨୦୨୪ ଏପ୍ରିଲରେ ବଲିଉଡ ଅଭିନେତା ସଲ୍‌ମାନ ଖାନଙ୍କ ଘର ଉପରେ ଗୁଳିମାଡ଼ ମାମଲାରେ ସେ ଅଭିଯୁକ୍ତ ଥିଲା। ସେହିପରି ଗତ ବର୍ଷ ମୁମ୍ବଇରେ ଏନ୍‌ସିପି ନେତା ବାବା ସିଦ୍ଦିକି ହତ୍ୟା ମାମଲାର ମଧ୍ୟ ସେ ମୁଖ୍ୟ ଅଭିଯୁକ୍ତ। ୨୦୨୨ରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ମଧ୍ୟ ଅନମୋଲର ନାମ ସାମ୍‌ନାକୁ ଆସିଥିଲା। ରିପୋର୍ଟ ଅନୁଯାୟୀ, ଆମେରିକାରେ ବେଆଇନ ଭାବେ ପ୍ରବେଶ କରିବା ମାମଲାରେ ଅନମୋଲକୁ ଗିରଫ କରାଯାଇଥିଲା। ସେ ଭାରତର ଜାଲ୍ ପାସପୋର୍ଟରେ ଆମେରିକା ଯାଇଥିଲା। ଏହି ପାସୋପର୍ଟ ଭାନୁ ପ୍ରତାପ ନାମରେ ଥିଲା। ଏନଆଇଏର ୱାଣ୍ଟେଡ ତାଲିକାରେ ତା ନାମ ରହିଛି। ଅନମୋଲ ଉପରେ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି।

# ଇମ୍ରାନ ଖାନଙ୍କ ୩ ଭଉଣୀଙ୍କୁ ଘୋଷାଡ଼ି ନେଲା ପୁଲିସ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଲ୍‌ରେ ବନ୍ଦୀ ଇମ୍ରାନ ଖାନଙ୍କ ଭଉଣୀଙ୍କୁ ରାୱଲପିଣ୍ଡି ପୁଲିସ ଖରାପ ବ୍ୟବହାର କରିଛି। ଅଦିଆଲା ଜେଲ୍ ବାହାରେ ବିକ୍ଷୋଭ କରୁଥିବା ପୁଲିସ ତାଙ୍କ ଭଉଣୀଙ୍କୁ ରାସ୍ତାରେ ଘୋଷାଡ଼ି ଘୋଷାଡ଼ି ନେଇ ହେପାଜତରେ ରଖିଛି। ଏହାର କରୁଣ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଇମ୍ରାନଙ୍କୁ ଭେଟିବା ପାଇଁ ଭଉଣୀ ଅଲିମା, ଉଜମା ଏବଂ ନୌରିନ ଖାନ ଜେଲ୍‌କୁ ଯାଇଥିଲେ। ମାତ୍ର ପୁଲିସ ତାଙ୍କୁ ଭାଇକୁ ଭେଟିବାକୁ ଦେଇ ନ ଥିଲା। ଏହାକୁ ପ୍ରତିବାଦ କରି ଭଉଣୀମାନେ ବିକ୍ଷୋଭ କରିଥିଲେ। ଏହି ସମୟରେ ଇମ୍ରାନଙ୍କ ଭଉଣୀ ନୌରିନଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇଥିଲେ। ଏହା ଦେଖି ତାଙ୍କ ଭଉଣୀମାନେ ଭୟରେ ଥରୁଥିବା ଦେଖାଯାଉଛି। ନୌରିନ୍ କହିଛନ୍ତି ଯେ ଜେଲ୍ ବାହାରେ ମୁଁ ୨ ଭଉଣୀଙ୍କ ସହ ଠିଆ ହୋଇଥିଲି। ଜଣେ ମହିଳା ପୁଲିସ ଆସି ମୋତେ ଧରି ତଳେ ପକାଇ ଦେଲେ। ଏପରି କାହିଁକି କରୁଛନ୍ତି ତାହା ମୁଁ ବୁଝି ପାରି ନ ଥିଲି। ଏହା ପରେ ସେ ମୋତେ ଘୋଷାଡ଼ିବା ଆରମ୍ଭ କଲେ। ସେମାନେ ଏତେ ତଳସ୍ତରକୁ ଖସିବା ଦୁଃଖଦାୟକ। ପଞ୍ଜାବ ପୁଲିସକୁ ସେ ସବୁଠୁ ନିଷ୍ଠୁର କହିଛନ୍ତି। ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।

## ଭାରତ ବିରୋଧରେ ଜୈସ୍‌ର ଆତ୍ମଘାତୀ ସ୍କ୍ୱାଡ୍

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଗୋଟିଏ ପରେ ଗୋଟିଏ ବିସ୍ଫୋରକ ତଥ୍ୟ ସାମ୍‌ନାକୁ ଆସିବାରେ ଲାଗିଛି। ଭାରତ ବିରୋଧରେ ଏକ 'ଆତ୍ମଘାତୀ ସ୍କ୍ୱାଡ୍' ପ୍ରସ୍ତୁତ କରିବା ପାଇଁ ଜୈସ୍-ଇ-ମହମ୍ମଦ (ଜେଇଏମ) ପାଣ୍ଠି ସଂଗ୍ରହ କରୁଥିବା ଜଣାପଡ଼ିଛି। ଜେଇଏମ ପକ୍ଷରୁ ଘୋଷଣା କରାଯାଇଛି ଯେ ଦାନ ଗ୍ରହଣ ଏବଂ ଡିଜିଟାଲ ହାୱାଲା କାରବାରକୁ ସରଳ କରିବା ପାଇଁ ପାକିସ୍ତାନୀ ଡିଜିଟାଲ ଆପ୍ 'ସଦାପେ' ଭଳି ୱାଲେଟ୍ ମାଧ୍ୟମରେ ପାଣ୍ଠି ସଂଗ୍ରହ କରାଯାଉଛି। ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଲାଲକିଲ୍ଲା ବିସ୍ଫୋରଣର ୧୫ ଦିନ ପୂର୍ବରୁ ଅକ୍ଟୋବର ଶେଷ ସପ୍ତାହରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜେଇଏମ 'ତୁହଫତ ଉଲ-ମୋମିନାତ' ନାମକ ଏକ ଅନଲାଇନ୍ କୋର୍ସ ଆରମ୍ଭ କରିଥିଲା। ଏହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଧାର୍ମିକ ଏବଂ ଜିହାଦୀ ତାଲିମ ପ୍ରଦାନ କରିବା ସହିତ ସଂଗଠନର କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ ଏହାର ଉଦ୍ଦେଶ୍ୟ ଥିଲା। ଆତଙ୍କବାଦୀମାନଙ୍କୁ ସହାୟତା ଦେବାକୁ ଚାହୁଁଥିବା ବ୍ୟକ୍ତିଙ୍କଠାରୁ ଜୈସ ପାଣ୍ଠି ସଂଗ୍ରହ କରିଥିଲା। ଏ ବାବଦକୁ ୨୦ ହଜାର ପାକିସ୍ତାନୀ ଟଙ୍କା ତଥା ୬,୪୦୦ ଟଙ୍କା ମଗା ଯାଇଥିଲା। ଆକ୍ରମଣ ପାଇଁ ଯାଉଥିବା ଜିହାଦୀ ନିମନ୍ତେ ଜୋତା, ଟେଣ୍ଟ ଆଦି ଉପକରଣ କିଣିବାକୁ ଏହାକୁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ଦିଲ୍ଲୀ ବିସ୍ଫୋରଣରେ ସାମିଲ ୧୦ ଜଣିଆ ଡାକ୍ତରୀ ଆତଙ୍କବାଦୀଙ୍କ ଦଳ ପାଖକୁ ପାଣ୍ଠି ମଧ୍ୟ ଟ୍ରାନ୍ସଫର କରାଯାଇଥିବା କୁହାଯାଉଛି। ଏବେ ଏହି ଡିଜିଟାଲ ଫଣ୍ଡିଂ ନେଟ୍‌ୱର୍କକୁ ନେଇ ସ୍ୱତନ୍ତ୍ର ଯାଞ୍ଚ କରାଯାଉଛି।

## ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକ୍ରମଣ; ୧୪ ମୃତ



ବେରୁତ, ୧୯।୧୧ (ଏଜେନ୍ସି):ଦକ୍ଷିଣ ଲେବାନନ ସ୍ଥିତ ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକାଶ ମାର୍ଗରୁ ଜୋରଦାର ଆକ୍ରମଣ କରିଛି। ଏଥିରେ ୧୩ ଜଣ ପ୍ରାଣ ହରାଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ହମାସ ଆତଙ୍କବାଦୀଙ୍କୁ ନିଶାଣ କରି ଏଇନ ଇଲ-ହିଲୱେ ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା। ଏଠାରୁ ଯୋଜନା କରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରୁଥିଲା। ତେବେ ଇସ୍ରାଏଲର ଏଭଳି ଦାବିକୁ ହମାସ ଖଣ୍ଡନ କରିଦେଇଛି। ଏହି ଆକ୍ରମଣକୁ ନିନ୍ଦା କରି ହମାସ ପକ୍ଷରୁ କୁହାଯାଇଛି ଯେ ଏକ ଖେଳ ପଡ଼ିଆରେ ଆକ୍ରମଣ ହୋଇଛି। ଏହା କୌଣସି ତାଲିମ କେନ୍ଦ୍ର ନୁହେଁ। ଏହି ଇହୁଦୀ ଦେଶ ମିଛ ଏବଂ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ଅଭିଯୋଗ କରାଯାଇଛି। ଇରାନ ସମର୍ଥିତ ହିଜବୁଲ୍ଲା ସହ ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି କରିବା ପରଠାରୁ ଇସ୍ରାଏଲ ନିୟମିତ ଭାବେ ଲେବାନନର ବିଭିନ୍ନ ଠିକଣା ଏବଂ ଲୋକଙ୍କ ଉପରେ ଆକ୍ରମଣ ଜାରି ରଖିଛି। ଅଧିକାଂଶ ଆକ୍ରମଣ ହିଜବୁଲ୍ଲାକୁ ଦେଖି କରାଯାଉଛି। ଏହା ସହିତ ହମାସ ଆତଙ୍କବାଦୀ ଠିକଣାରେ ମଧ୍ୟ ଇସ୍ରାଏଲ ଆକ୍ରମଣ ଜାରି ରଖିଛି।

## ତିନି ତଲାକକୁ ଆଧୁନିକ ସମାଜ କେମିତି ଅନୁମତି ଦେଲା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ତିନି ତଲାକର ଆଉ ଏକ ରୂପ ତଲାକ-ଇ-ହସନର ବୈଧତା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏହା ଅଧୀନରେ ମୁସଲମାନ ବ୍ୟକ୍ତି ମାସକୁ ଥରେ ଲେଖାଏଁ ତିନି ମାସ ପର୍ଯ୍ୟନ୍ତ କହି ନିଜ ପତ୍ନୀଙ୍କୁ ତଲାକ କହି ଛାଡ଼ପତ୍ର ଦେଇପାରିବେ। ସୁପ୍ରିମକୋର୍ଟ ଏହି ମାମଲାକୁ ପୁନର୍ବିଚାର ପାଇଁ ଗ୍ରହଣ କରି ଆଧୁନିକ ସମାଜ କେମିତି ତିନି ତଲାକକୁ ଅନୁମତି ଦେଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି। ଆଠ ବର୍ଷ ତଳେ କୋର୍ଟ ତୁରନ୍ତ ତିନି ତଲାକ ତଥା ତଲାକ-ଇ-ବିଦାତ ଦେବାକୁ ଉଚ୍ଛେଦ କରିଥିଲେ। ଏହାକୁ ଆଇନର ଅପବ୍ୟବହାର ବୋଲି କହିଥିଲେ। ତଲାକ-ଇ-ହସନ ହେଉଛି ଏହାର ଅନ୍ୟ ଏକ ରୂପ। ଏହା ମାଧ୍ୟମରେ ତୁରନ୍ତ ଛାଡ଼ପତ୍ର ଦେଇ ହେବ। ଏହାର ବୈଧତାକୁ ନେଇ ଦାଏର ଅନେକ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜ୍ୱଳ ଭୂଇଁଆ ଏବଂ ଜଷ୍ଟିସ ଏନକେ ସିହ୍ନାଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଦେଇଥିବା ୧୧ ପୃଷ୍ଠାର ନୋଟିସରେ ସ୍ୱାକ୍ଷର କରି ନ ଥିଲେ। ତାଙ୍କ ଓକିଲ ତଲାକ କହି ଛାଡ଼ପତ୍ର ଦେଇଥିଲେ। ଏହା ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା କ'ଣ ଏକ ଅଭ୍ୟାସ? ଏଭଳି ନୂତନ ଚିନ୍ତାଧାରା କେମିତି ଉଦ୍ଭାବନା ହୋଇଥିଲା?

# ଅଲ୍-ଫଲାହ ୟୁନିଭର୍ସିଟିରୁ ୧୦ ନିଖୋଜ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣକୁ ନେଇ ହରିୟାଣା ଫରିଦାବାଦରେ ଥିବା ଅଲ-ଫଲାହ ୟୁନିଭର୍ସିଟିର କଳାକାରନାମା ସାମ୍‌ନାକୁ ଆସିବାରେ ଲାଗିଛି। ଏହି ୟୁନିଭର୍ସିଟି ସହ ଜଡ଼ିତ ୧୦ ଜଣ ବ୍ୟକ୍ତି ବିସ୍ଫୋରଣ ପରଠାରୁ ନିଖୋଜ ଅଛନ୍ତି। ଏମାନଙ୍କ ଫୋନ ବନ୍ଦ ରହିଛି। ସମସ୍ତେ ବିସ୍ଫୋରଣରେ ସାମିଲ ଥିବା ସନ୍ଦେହ କରାଯାଉଛି। ଏହି ନିଖୋଜ ବ୍ୟକ୍ତି ଓଭରଗ୍ରାଉଣ୍ଡ ୱାର୍କର ଭାବେ କାମ କରୁଥିଲେ। ସେହିପରି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ମୃତ ଆତଙ୍କବାଦୀ ଡ. ଉମର ନବି ଆହୁରି ଅଧିକ ଆତ୍ମଘାତୀଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଥିଲା। ସେଥିପାଇଁ ସେ ନିଜେ ଭିଡିଓ ପ୍ରସ୍ତୁତ କରି ଯୁବକଙ୍କ ପାଖକୁ ପଠାଉ ଥିଲା। ବ୍ରେନ ୱାସ୍ କରିବା ଏହାର ଉଦ୍ଦେଶ୍ୟ ଥିଲା।

ଏନ୍‌ଆଇଏ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କ ମୋବାଇଲ ଫୋନରୁ ଉମର ପଠାଇଥିବା ୧୨ଟି ସମେତ ୭୦ରୁ ଅଧିକ ଭିଡିଓ ମିଳିଛି। ଏହି ଭିଡିଓ ୧୧ ଜଣଙ୍କୁ ପଠା ଯାଇଥିଲା। ଏମାନଙ୍କ ମଧ୍ୟରେ କଶ୍ମୀରର ୭ ଜଣ ଯୁବକ ସାମିଲ ଥିଲେ। ଅଲ-ଫଲାହ




### ■ ଅଭିଯୁକ୍ତଙ୍କ ମୋବାଇଲରୁ ମିଳିଲା ୭୦ ଉତ୍ତେଜନା ସୃଷ୍ଟିକାରୀ ଭିଡିଓ


ବିଶ୍ୱବିଦ୍ୟାଳୟ ସହ ସମସ୍ତଙ୍କ ଲିଙ୍କ୍ ରହିଛି। ଅନ୍ୟ ୪ ଯୁବକ ଉତ୍ତର ପ୍ରଦେଶ, କେରଳ ଏବଂ କର୍ଣ୍ଣାଟକର ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଉମରକୁ ଆଇ-୨୦ କାର୍ ଦେଇଥିବା ଆମିର ରସିଦ ଅଲ୍ଲି ନିଜେ ଆତ୍ମଘାତୀ ବୋମା ହେବାକୁ ପ୍ରସ୍ତୁତ ନ ଥିଲା। ତାକୁ ମଧ୍ୟ ଉମର ଉତ୍ତେଜନା ସୃଷ୍ଟିକାରୀ ଭିଡିଓ ପଠାଇ ଥିଲା।

## ପଦାକୁ ଆସିଲା ପାକିସ୍ତାନର ଆତଙ୍କୀ ଚେହେରା

### 'କଶ୍ମୀରରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଆକ୍ରମଣ ଆମେ କରିଛୁ'

ଇସଲାମାବାଦ, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା ତାହା ହିଁ ସତ ହୋଇଛି। ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ନେଇ ପାକିସ୍ତାନ ନିଜକୁ ଦାୟୀ କରିଛି। ପୁଣିଥରେ ପାକିସ୍ତାନ ନିଜ ଭୂମିକୁ ଭାରତରେ ଆକ୍ରମଣ ପାଇଁ ବ୍ୟବହାର କରିଛି। ପାକିସ୍ତାନୀ ନେତା ଚୌଧୁରୀ ଅନୱରଉଲ ହକ୍ ଏହା ସ୍ୱୀକାର କରିଛନ୍ତି। ସୀମାପାର ଆତଙ୍କବାଦରେ ପାକିସ୍ତାନ ସାମିଲ ରହିଛି। କଶ୍ମୀର ଜଙ୍ଗଲଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ହୋଇଥିବା ବିସ୍ଫୋରଣ ପାକିସ୍ତାନ କରାଇଛି ବୋଲି ସେ କହିଛନ୍ତି। ପିଓକେ ବିଧାନସଭାରେ ସେ ଏହି ଟିପ୍ପଣୀ ଦେଇଛନ୍ତି। ପାକିସ୍ତାନୀ ନେତାଙ୍କ ଏହି ଦାବି ଉପରେ ଭାରତ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ବାକି ରହିଲା। ପହଲଗାମ ଆକ୍ରମଣ ପରେ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହେଲେ ତାହାକୁ ଯୁଦ୍ଧ ଧରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏବେ ସମସ୍ତେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ଚାହିଁ ବସିଛନ୍ତି।

ପାକିସ୍ତାନୀ ନେତା ଅନୱରଉଲ ହକ୍ ସୋମବାର ପିଓକେ ବିଧାନସଭାରେ କହିଥିଲେ ଯେ ଯଦି ଭାରତ ବଲୁଚିସ୍ତାନକୁ ଲହୁଲୁହାଣ କରିବ ତେବେ ଭାରତ ଉପରେ ଆକ୍ରମଣ କରିବୁ ବୋଲି ପୂର୍ବରୁ କହିଥିଲି। ଭାରତର ଲାଲକିଲ୍ଲାଠାରୁ କଶ୍ମୀର ଜଙ୍ଗଲ ପର୍ଯ୍ୟନ୍ତ ଆକ୍ରମଣ କରାଯାଇଛି। ଆମର ସାହିନୀ ଏହା କରି ଦେଖାଇଛନ୍ତି। ଭାରତ ଏବେ ବି ମୃତଦେହର ଗଣତି କରିପାରି ନାହିଁ। ତେବେ ହକ୍‌ଙ୍କ ବୟାନରୁ ପାକିସ୍ତାନ ସରକାର ନିଜକୁ ଦୂରେଇ ରଖିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଣି ପିଓକେ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କୁ ହଟାଇ ଦିଆଯାଇଥିବାରୁ ଏଭଳି ବୟାନ ଦେଇ ହକ୍ ରାଜନୀତି କରୁଥିବା କୁହାଯାଇଛି। କିନ୍ତୁ ହକ୍‌ଙ୍କ ବୟାନ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡିକ କରୁଥିବା ଦାବିକୁ ବଳ ଯୋଗାଇଛି। ଭାରତର ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଆତଙ୍କବାଦୀଙ୍କ ସହ ମିଶି ପାକିସ୍ତାନ ସୁରକ୍ଷା ଏଜେନ୍ସିଗୁଡିକ କାମ କରୁଛନ୍ତି। ପାକିସ୍ତାନ



ଭାରତରେ ଆତଙ୍କବାଦୀ ଆକ୍ରମଣ କରାଉଛି। ତେବେ ପୂର୍ବରୁ ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଦେଶର ହାତ ନ ଥିବା ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଅନ୍ୟପଟେ ଭାରତ ସହ ଯୁଦ୍ଧ ପାଇଁ ପାକିସ୍ତାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି। ଯୁଦ୍ଧ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। କିନ୍ତୁ ପାକିସ୍ତାନ ଏଥିପାଇଁ ପ୍ରସ୍ତୁତ ଥିବା ସେ କହିଛନ୍ତି।

## 'ନିର୍ବାଚନ କମିସନଙ୍କୁ ବଦନାମ କରାଯାଉଛି'

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗକୁ ନେଇ ସାରା ଦେଶର ୨୭୨ ଅବସରପ୍ରାପ୍ତ ବିଚାରପତି ଏବଂ ଅମଲାତାନ୍ତ୍ରିକ ଅଧିକାରୀମାନେ ଖୋଲା ଚିଠି ଜାରି କରିଛନ୍ତି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସକୁ ସମାଲୋଚନା କରାଯାଇଛି। ଏହି ଚିଠିରେ ୧୬ ଜଣ ପୂର୍ବତନ ବିଚାରପତି, ୧୨୩ ଜଣ ପୂର୍ବତନ ଅମଲା (୧୪ ଜଣ ପୂର୍ବତନ ରାଷ୍ଟ୍ରଦୂତ ସାମିଲ) ଏବଂ ୧୩୩ ଅବସରପ୍ରାପ୍ତ ସୈନ୍ୟ ଅଧିକାରୀଙ୍କ ସ୍ୱାକ୍ଷର ରହିଛି। ଏମାନେ ଅଭିଯୋଗ ଲଗାଇଛନ୍ତି ଯେ କ୍ରମାଗତ ଭାବେ ଅଭିଯୋଗ ଲଗାଇ କଂଗ୍ରେସ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛି। ଏହା ଦ୍ୱାରା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନାବଶ୍ୟକ ଭାବେ ବିଶ୍ୱାସହୀନତାର ପ୍ରଚାରପ୍ରସାର ହେଉଛି।



ଚିଠିରେ କୁହାଯାଇଛି ଯେ ଇସି ହେଉଛନ୍ତି ଭାରତୀୟ ନିର୍ବାଚନୀ ପ୍ରଣାଳୀ ପ୍ରମୁଖ ଅଙ୍ଗ। ଏହା ଉପରେ ବାରମ୍ବାର ପ୍ରଶ୍ନ ଉଠାଇବାରୁ ଜନତାଙ୍କ ବିଶ୍ୱାସ ଦୁର୍ବଳ ହେଉଛି। ଗଣତନ୍ତ୍ରର ମଧ୍ୟ କ୍ଷତି ହେଉଛି। ରାଜନୈତିକ ମତଭେଦ ଜରୁରୀ, କିନ୍ତୁ ସାମ୍ବିଧାନିକ ସଂସ୍ଥା ଉପରେ କ୍ରମାଗତ ଅଭିଯୋଗ ଲଗାଇବା ଦେଶହିତର ବିରୋଧୀ। ସୂଚନାଯୋଗ୍ୟ ଯେ ଭୋଟ ଚୋରି ଅଭିଯୋଗକୁ ନେଇ ରାହୁଲ ତିନି ଥର ସାମ୍ବାଦିକ ସମ୍ମିଳନୀ କରି ସାରିଲେଣି। ସେ ନିର୍ବାଚନ କମିଶନଙ୍କୁ ମୋଦୀ ସରକାରର 'ବି' ଟିମ୍ କହିଛନ୍ତି।

### ■ ରାହୁଲଙ୍କ ବିରୋଧରେ ୨୭୨ ଅବସରପ୍ରାପ୍ତ ବିଚାରପତି-ଅଧିକାରୀଙ୍କ ଚିଠି

ବିଜେପି ସହ ମିଶି ଇସି ଭୋଟ ଚୋରି କରୁଥିବା ସେ ଅଭିଯୋଗ ଲଗାଇଛନ୍ତି। ଚିଠିରେ କୁହାଯାଇଛି ଯେ ପ୍ରଥମେ ସେନା, ତା'ପରେ ନ୍ୟାୟପାଳିକା ଏବଂ ସଂସଦ ଉପରେ ପ୍ରଶ୍ନ ଉଠା ଯାଇଥିଲା। ଏବେ ଇସିଙ୍କୁ ଟାର୍ଗେଟ କରାଯାଉଛି। ଏହା ଏକ 'ବିପଜ୍ଜନକ ଧାରା' ପାଲଟିଛି, ଯେଉଁଥିରେ ନିର୍ବାଚନୀ ପରାଜୟକୁ ଲୁଚାଇବା ପାଇଁ ପ୍ରତିଷ୍ଠାନଗୁଡ଼ିକର ବିଶ୍ୱସନୀୟତା ଉପରେ ଆକ୍ରମଣ କରାଯାଉଛି। ରାହୁଲ ଗାନ୍ଧୀ ଇସିଙ୍କ ବିରୋଧରେ 'ଭୋଟ ଚୋରି' ଅଭିଯୋଗ କରିଥିଲେ। ତାଙ୍କୁ ବିଶ୍ୱାସଘାତକ ମଧ୍ୟ କହିଥିଲେ।

● ପ୍ରେସିଡେନ୍ସିଆଲ ରେଫରେନ୍ସ

## ଆଜି ମତାମତ ଦେବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧ ୧ (ଏଜେନ୍ସି): ତାମିଲନାଡୁ ସରକାରଙ୍କ ଆବେଦନ ଉପରେ ବିଚାର କରି ସୁପ୍ରିମକୋର୍ଟ ବିଲ୍‌ରେ ଅନୁମୋଦନ ଦେବା ନିମନ୍ତେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ପାଇଁ ତିନି ମାସିଆ କଣ୍ଟ ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ମତାମତ ମାଗିଥିଲେ। ସମ୍ବିଧାନରେ ବିଲ୍‌କୁ ଅନୁମୋଦନ ପାଇଁ କୌଣସି ସମୟ ଧାର୍ଯ୍ୟ ହୋଇ ନଥିବାବେଳେ ସୁପ୍ରିମକୋର୍ଟ କେମିତି ଏପରି କରିପାରିବେ ବୋଲି ପଚାରି ଥିଲେ। ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ସାମ୍ବିଧାନିକ ଖଣ୍ଡପୀଠ ସେପ୍ଟେମ୍ବର ୧୧ ତାରିଖରୁ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଗୁରୁବାର ଏହା ଉପରେ ମତାମତ ଦେଇପାରନ୍ତି। ସୁପ୍ରିମକୋର୍ଟ ଗତ ଏପ୍ରିଲରେ ଐତିହାସିକ ରାୟ ଦେଇ ତାମିଲନାଡୁ ରାଜ୍ୟପାଳଙ୍କ ଅନୁମୋଦନ ବିନା ୧୦ ବିଲ୍‌କୁ ମଞ୍ଜୁରି ଦେଇଥିଲେ। ଦୀର୍ଘ ଦିନ ପର୍ଯ୍ୟନ୍ତ ରାଜ୍ୟପାଳ ଏହି ବିଲ୍‌କୁ ପକାଇ ରଖିବାକୁ ବେଆଇନ ଏବଂ ଭୁଲ୍ ବୋଲି କହିଥିଲେ।

## ଫଳାଫଳ ପରଠାରୁ ନିଦ ନାହିଁ: ପ୍ରଶାନ୍ତ କିଶୋର

ପାଟନା, ୧୯।୧୧ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବଡ଼ ବଡ଼ ଦାବି କରିଥିବା ରଣନୀତିକାର ପ୍ରଶାନ୍ତ କିଶୋର ନିର୍ବାଚନୀ ରଣରେ ପରାସ୍ତ ହୋଇଛନ୍ତି। ତାଙ୍କ ଦଳ ଜନ ସୁରାଜ ପାର୍ଟି ଗୋଟିଏ ହେଲେ ବି ଆସନ ଜିତିପାରି ନାହିଁ। ପରାଜୟ ପରଠାରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ସାମ୍‌ନାକୁ ଆସି ନ ଥିବାବେଳେ ଏହି ପ୍ରଶାନ୍ତ କିଶୋରଙ୍କୁ ସାମ୍‌ନାକୁ ଆସିଛନ୍ତି। ଫଳାଫଳ ବାହାରିବ ଦିନଠାରୁ ତାଙ୍କୁ ନିଦ ନାହିଁ ବୋଲି ସେ କହିଛନ୍ତି। ବିଭିନ୍ନ ଦଳ ପାଇଁ ନିର୍ବାଚନ ରଣନୀତିକାର ଭାବେ ବେଶ୍ ସଫଳତା ପାଇଥିବା ପ୍ରଶାନ୍ତ କିଶୋର ନିଜ ପାଇଁ ଲଢ଼ି ପରାଜିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ଏକ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ୨୫ରୁ ଅଧିକ ଆସନ ଜିତିଲେ ରାଜନୀତି ଛାଡ଼ିଦେବା କଥା କହିଥିବା ପ୍ରଶାନ୍ତ, କିନ୍ତୁ ଏବେ ପଲଟି ଯାଇଛନ୍ତି। ଆରଥରକୁ ପୁଣି ପ୍ରୟାସ କରିବୁ ବୋଲି ସେ କହିଛନ୍ତି।



ଏକ ସାକ୍ଷାତକାରରେ ପ୍ରଶାନ୍ତ କହିଛନ୍ତି ଯେ 'ଯେପର୍ଯ୍ୟନ୍ତ ନିଜେ ହାର୍ ନ ମାନିଛନ୍ତି ସେ ପର୍ଯ୍ୟନ୍ତ ଆପଣ ହାରିବେନି। ଦଳକୁ ନିର୍ବାଚନରେ ସଫଳତା ମିଳି ନ ଥିଲେ ମଧ୍ୟ ଆମେ ବିହାରରେ ଜାତି ଏବଂ ଧର୍ମକୁ ନେଇ ହେଉଥିବା ରାଜନୈତିକ ଆଲୋଚନାରେ ପରିବର୍ତ୍ତନ ଆଣି ନିଯୁକ୍ତି ଏବଂ ଆପ୍ରବାସନ ଭଳି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଧ କରିଥିଲୁ।

ବିଜେପିର ମଧ୍ୟ ଦିନେ ମାତ୍ର ୨ ଜଣ ସାଂସଦ ଥିଲେ। ଦଳ ଗଠନ ସମୟରେ ଏପରି ଫଳାଫଳ ଆସିପାରେ। କିନ୍ତୁ ଆମେ ଜାତି ଏବଂ ଧର୍ମ ନାମରେ ରାଜନୀତି କରି ବିଷ ପ୍ରସାର କରିନାହୁଁ। ଆରଥରକୁ ପୁଣି ପ୍ରୟାସ କରିବୁ'। ଦଳକୁ ଏତେ କମ୍ ଆସନ ମିଳିବ ବୋଲି କେବେ ଆଶା କରି ନ ଥିଲୁ। ନିର୍ବାଚନ ପୂର୍ବରୁ କେବେ ବି ସର୍ଭେ କରି ନ ଥିଲି। ଅନ୍ଧ ଭାବରେ ନିର୍ବାଚନ ଲଢ଼ିଥିଲୁ।


## ୧୧୩୫ କୋଟିର ଜମି ଦୁର୍ନୀତିରେ ବିଜେପି ବିଧାୟକଙ୍କ ନାମ

ଭୋପାଳ, ୧୯।୧୧ (ଏଜେନ୍ସି): ମଧ୍ୟ ପ୍ରଦେଶ କଟନୀ ଅନ୍ତର୍ଗତ ବିଜୟ ରାଘବଗଡ଼ର ବିଜେପି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ସତ୍ୟେନ୍ଦ୍ର ପାଠକଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଲାଗିଛି। ୧୧୩୫ କୋଟିର ଜମି କ୍ରୟ ଦୁର୍ନୀତିରେ ସେ ସାମିଲ ଥିବା କୁହାଯାଉଛି। ଆଦିବାସୀ କଂଗ୍ରେସ, ଗୋଣ୍ଡୱାନା ଗଣତନ୍ତ୍ର ପାର୍ଟି ସମେତ ଅନେକ ଆଦିବାସୀ ସଂଗଠନ ଏହି ଅଭିଯୋଗ ଲଗାଇଛନ୍ତି। ଏହା ବିରୋଧରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍‌ନାରେ ଆଦିବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେଉଁ ଚାରି ଆଦିବାସୀଙ୍କ ନାମରେ ବିଧାୟକ ଜମି କ୍ରୟ କରିଥିଲେ, ଏବେ ସେମାନେ ନିଖୋଜ ଥିବା କହିଛନ୍ତି। ତାଙ୍କ ସୁରକ୍ଷା ଦାବି କରାଯାଇଛି। ବିକ୍ଷୋଭକାରୀମାନେ ସରକାର ଏବଂ ବିଜେପି ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏହି ସମୟରେ ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଆନ୍ଦୋଳନରେ ସାମିଲ ଦିବ୍ୟାଂଶୁ ମିଶ୍ରା କହିଛନ୍ତି ଯେ ଆଦିବାସୀ ଜମି ଦୁର୍ନୀତି ମାମଲାରେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି।

# ଏସ୍‌ଆଇଆର୍ ଚାପ: ବିଏଲ୍‌ଓଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

କୋଲକାତା, ୧୯।୧୧ (ଏଜେନ୍ସି): ଦେଶରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ଜାରି ରହିଛି। ଏବେ ଏହି ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି। ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ପ୍ରକାରର ତ୍ରୁଟି ହେଲେ ଅଧିକାରୀଙ୍କୁ ଦାୟୀ କରାଯିବ ବୋଲି କୁହାଯାଇଛି। କୋଲକାତାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ଏହି ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଏଠାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରାଜ୍ୟରେ ୭.୬୩ କୋଟି ଏସଆଇଆର ଫର୍ମ ବଣ୍ଟା ଯାଇଥିବା କୁହାଯାଇଥିଲା। ମୋ ୧.୦୯ କୋଟି ଫର୍ମକୁ ଡିଜିଟାଲ କରାଯାଇଛି।

ଅନ୍ୟପକ୍ଷରେ ବୁଥ ଲେଭୁଲ ଅଫିସରଙ୍କ ଉପରେ ଏସଆଇଆରକୁ ନେଇ ଚାପ ବଢ଼ିବାରେ ଲାଗିଛି। ଏଥିଯୋଗୁଁ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗରେ ଜଣେ ଲେଖାଏଁ ବିଏଲଓ ଆତ୍ମହତ୍ୟା କଲେଣି। ପଶ୍ଚିମବଙ୍ଗରେ ଅନ୍ୟ ଜଣେ ବିଏଲଓ ଆତ୍ମହତ୍ୟା ପାଇଁ ଧମକ ମଧ୍ୟ ଦେଇଛନ୍ତି। ସେହିପରି ଗତ କାଲି ତାମିଲନାଡୁ ତଞ୍ଜାଉରର ଜଣେ ଅଙ୍ଗନୱାଡି ସେବିକା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଅଧିକାରୀମାନେ ଅତ୍ୟଧିକ ଚାପରେ କାମ କରୁଥିବା ଅଭିଯୋଗ ଲଗାଇ ଥିଲେ। ଅନେକ ବିଏଲଓ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ଡିସେମ୍ବର ସୁଦ୍ଧା କାମ ସାରିବାକୁ କଣ୍ଟ



ଦିଆଯାଇଛି। ଅନେକ ରାଜ୍ୟରେ ବିଏଲଓ ଏହାକୁ ବହିଷ୍କାର କରିଛନ୍ତି। ଏବେ ନିର୍ବାଚନ କମିଶନ ଅଧିକାରୀଙ୍କ କାର୍ଯ୍ୟଭାର ଏବଂ ଦାୟୀ କରିବାକୁ ନେଇ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି।

ଇସିଙ୍କ ପକ୍ଷରୁ ମଙ୍ଗଳବାର କୁହାଯାଇଥିଲା ଯେ ୯ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରଙ୍କୁ ୫୦.୨୫ କୋଟିରୁ ଅଧିକ ଏସ୍‌ଆଇଆର ଫର୍ମ ବଣ୍ଟା ଯାଇଛି। ଲୋକ ଫର୍ମ ପୂରଣ କରି ତାହାକୁ ଜମା କରୁଛନ୍ତି। ଏହା ପରେ ଡିଜିଟାଲାଇଜେସନ କାମ ହେବ। ଏ ପର୍ଯ୍ୟନ୍ତ କେରଳରେ ସବୁଠୁ କମ୍ ଏବଂ ରାଜସ୍ଥାନରେ ସବୁଠୁ ଅଧିକ ଫର୍ମ ଡିଜିଟାଲାଇଜେସନ ପାଇଁ ଫେରି ଆସିଛି। ତେବେ ମଧ୍ୟ ପ୍ରଦେଶରେ ଇସିଙ୍କ ଆପ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଥିବାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାଜସ୍ଥାନରେ ବିଏଲଓକୁ ଟାର୍ଗେଟ ସହିତ ଦୁଇ ଘଣ୍ଟାରେ ରିପୋର୍ଟ ଦେବାର ଚାପ ରହିଛି। ଏଥିପାଇଁ ଦିନକୁ ବିଏଲଓ ୧୮ ଘଣ୍ଟା ଲେଖାଏଁ କାମ କରୁଛନ୍ତି। ଛତିଶଗଡ଼ରେ ଶିକ୍ଷକମାନେ ଡବଲ୍ ଡ୍ୟୁଟି କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। କିଛି କେନ୍ଦ୍ର ୧୨-୧୩ କିମି ଦୂରରେ ରହିଛି। ତେଣୁ ବିଦ୍ୟାଳୟରୁ ପାଠ ପଢ଼ାଇବା ସାରି ଯିବାକୁ କଷ୍ଟ ହେଉଛି।



କୋରାପୁଟିଆ ଶୀତରେ ହସୁଛି ଅଳସୀ ଫୁଲ

# ୧୦ ଲକ୍ଷକୁ ବଢ଼ିପାରେ ସାପ କାମୁଡ଼ା ମୃତ୍ୟୁ ସହାୟତା ରାଶି

ଭୁବନେଶ୍ୱର,୧୯ ।୧୧(ସମିସ): ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ବୃଦ୍ଧି ହୋଇପାରେ। ପୂର୍ବରୁ ସାପ କାମୁଡ଼ା ବାବଦକୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳୁଥିବା ବେଳେ ଏବେ ଏହାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଦୁଇ ଦିନ ତଳେ ସୁପ୍ରିମକୋର୍ଟ ବନ୍ୟପ୍ରାଣୀ ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ କରିବା ଓ ଏବାବଦକୁ ମୃତକଙ୍କ ପରିବାକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସାରା ଦେଶରେ ଲାଗୁ କରିବାକୁ କୁହାଯାଇଛି। ଏହାକୁ ଆଧାର କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିପୂରଣ ବୃଦ୍ଧି ବାବଦରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କ୍ଷତିପୂରଣ ରାଶି ବୃଦ୍ଧି ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏବାବାଦରେ ରାସ୍ତା ଖୋଲିଛି। ତେଣୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକରୀୟ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ମୃତ୍ୟୁ ବ୍ୟତୀତ ପାଣିରେ ବୁଡ଼ିବା ଜନିତ ମୃତ୍ୟୁ ଓ ବଜ୍ରପାତରେ ହେଉଥିବା ମୃତ୍ୟୁ ପାଇଁ ମିଳୁଥିବା ୪ ଲକ୍ଷର ସହାୟତା ରାଶିରେ ମଧ୍ୟ ବୃଦ୍ଧି ହୋଇପାରେ ବୋଲି ସେ କହିଛନ୍ତି।

# ପିତାନାଉରେ ମାଈ ହାତୀର ମୃତ୍ୟୁ



ଆନନ୍ଦପୁର,୧୯।୧୧(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହାଦଗଡ଼ ହସ୍ତୀ ଅଭୟାରଣ୍ୟ ପିତାନାଉ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତ୍ୟୁ ହୋଇଯାଇଛି। କାଠକଟା ପିତାନାଉ ରାସ୍ତାର ଜୁଆଳି କଟା ଘାଟି ନିକଟରେ ଏହି ହାତୀଟିର ମୃତ୍ୟୁ ପରେ କାଠକଟା ବନପାଳ ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ପ୍ରାଣୀ ସମ୍ପଦ ବିଭାଗ ଚିକିତ୍ସା ଟିମ ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରୀ ଦଳଙ୍କ ଦ୍ୱାରା ହାତୀର ବ୍ୟବଚ୍ଛେଦ କରାଯାଇ ପିତାନାଉ ଜଙ୍ଗଲରେ ପୋତି ଦିଆଯାଇଛି। ମୃତ୍ୟୁ ମାଈ ହାତୀର ବୟସ ପାଖାପାଖି ୪ ବର୍ଷ ହୋଇଥିବା ବେଳେ କୌଣସି ପ୍ରକାର ସଂକ୍ରମଣଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ଡାକ୍ତରୀ ଦଳ ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାରସ୍ୱାମୀ

# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସଂପ୍ରସାରଣ କରାଯିବ

ଭୁବନେଶ୍ୱର, ୧୯।୧୧ (ସମିସ): କେନ୍ଦ୍ର ଭାରୀ ଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ



ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ, ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରେ ଏ ସମ୍ପର୍କରେ ସମାଧାନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଲୋକଙ୍କ ସହିତ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ କରାଯିବ। ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ

**ସହମତି ଭିତ୍ତିରେ ସମ୍ପ୍ରସାରଣ ପାଇଁ ଜମି ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ**

କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶିଶୁ ମୃତ



ଦାରିଙ୍ଗବାଡି,୧୯।୧୧(ସମିସ): ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶ୍ୱାସରୁଦ୍ଧ ହୋଇ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ହୋଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମର ମୃଷି ମାହାପଡ଼ାରେ ଘଟିଛି ଏପରି ଅଭାବନୀୟ ଘଟଣା। ମୃଷିମାହାପଡ଼ାର ରଞ୍ଜିତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୪ ବର୍ଷର ଶିଶୁପୁତ୍ରକୁ ଧରି ମକା କ୍ଷେତକୁ ଯାଇଥିଲେ। ସ୍ୱାମୀ-ସ୍ତ୍ରୀ କାମ କରୁଥିବା ବେଳେ ବିଲ ମୁଣ୍ଡରେ ଶିଶୁପୁତ୍ରକୁ ବସାଇଦେଇ ରଞ୍ଜିତ ନେଇଥିବା ଏକ ଚିପ୍ସ ପ୍ୟାକେଟ ଧରାଇ ଦେଇଥିଲେ। ଶିଶୁ ଚିପ୍ସ ଖାଇସାରି ପ୍ୟାକେଟରେ ଥିବା ଏକ ବନ୍ଧୁକ ଖେଳଣାକୁ ଧରି ଖେଳୁଥିବାବେଳେ ଗିଳି ଦେଇଥିଲେ। ଖେଳଣାଟି ତଣ୍ଟିରେ ଅଟକି ଯିବା ସହ ଶିଶୁଟି ଶ୍ୱାସରୁଦ୍ଧ ହୋଇ ଛଟପଟ ହୋଇଥିଲା। ଖେଳଣାଟିକୁ ପୁଅର ତଣ୍ଟିରୁ ବାହାର କରିବାକୁ ବାପା ରଞ୍ଜିତ ବହୁ ଉଦ୍ୟମ କରିଥିଲେ। କିନ୍ତୁ ବିଫଳ ହୋଇ ବାପା-ମା ଶିଶୁକୁ ଦାରିଙ୍ଗିବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଗ୍ରାମରେ କୌଣସି ଟେଲିଫୋନ ନେଟ୍‌ୱାକ ନଥିବାରୁ ହଠାତ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ରଥଯାତ୍ରା ଦଳାଚକଟା

# କାହା ସୁରକ୍ଷାରେ ତଦନ୍ତ କମିଶନ !

ଭୁବନେଶ୍ୱର,୧୯ ।୧୧(ସମିସ): ଚଳିତ ବର୍ଷ ରଥଯାତ୍ରା ସମୟରେ ଶରଧାବାଲିରେ ଘଟିଥିବା ଦଳାଚକଟାରେ ୩ ଜଣ ପ୍ରାଣ ହରାଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉନ୍ନୟନ କମିଶନର ଘଟଣାର ତଦନ୍ତ କଲେ, ସମଗ୍ର ଘଟଣା ପାଇଁ ୭ ଜଣ ବିଭିନ୍ନ ବର୍ଗର ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟୀ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କଲେ । ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲା ଓ ତଦନ୍ତକାରୀ ଅଧିକାରୀ ଘଟଣାର ପ୍ରଚ୍ଛଦରେ ଥିବା ବରିଷ୍ଠ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ କନିଷ୍ଠ ଅଧିକାରୀଙ୍କୁ ବଳି ଦେଇଥିବା ମଧ୍ୟ ଅଭିଯୋଗ ହେଲା । ଏହି ସମୟରେ ରଥଯାତ୍ରାରେ ନିୟୋଜିତ ପୁରୀ ସହକାରୀ ବନ ସଂରକ୍ଷକ (ଏସିଏଫ୍) ଅଶୋକ କୁମାର ବେହେରାଙ୍କୁ ମଧ୍ୟ ଏହି ଘଟଣାରେ ସମାନୁପାତିକ ଅଂଶୀଦାର ବୋଲି ଉଲ୍ଲେଖ କରି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଯଦି ଶ୍ରୀ ବେହେରାଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବାକୁ ମଧ୍ୟ ସୁଯୋଗ ଦିଆଯାଇଛି । ତେବେ ପୁଲିସ ଅଧିକାରୀମାନଙ୍କୁ ସୁଯୋଗ ଦିଆ ଯାଇ ନ ଥିବାବେଳେ ବନସେବା ଅଧିକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗକୁ ନେଇ ଏବେ ସ୍ୱାଭାବିକ ପ୍ରଶ୍ନ ଉଠିଛି ।

ଅନ୍ୟପକ୍ଷରେ ଦଳାଚକଟା ସମୟରେ ଶରଧାବାଲିରେ ଦାୟିତ୍ୱ ନ ଥିବା ଦୁଇ କନିଷ୍ଠ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ ପରେ ତଦନ୍ତ ନିରପେକ୍ଷ ହୋଇ ନ ଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ୨୮ ତାରିଖ ରାତି ୩ଟାରୁ ୪ଟା ଧରେ ଶରଧାବାଲିରେ ଦଳାଚକଟା ଘଟିଥିଲା। ସେତେବେଳେ ସେଠାରେ କୌଣସି ପୁଲିସ ବା ପ୍ରଶାସନିକ ଅଧିକାରୀ ମୁତୟନ ନ ଥିଲେ। ଯେଉଁ ଦୁଇ ଅଧିକାରୀ ସେଠାରେ ଦାୟିତ୍ୱ ଥିବା ଦର୍ଶାଯାଇଥିଲା, ସେମାନେ ୨୮ ତାରିଖ ସକାଳ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସେଠାରେ ଦାୟିତ୍ୱରେ ଥିଲେ ଓ ପରଦିନ ସକାଳ ୫ଟାରେ ସେମାନଙ୍କୁ ଗୁଣ୍ଡିଚାମନ୍ଦିରରେ ପହଞ୍ଚିବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ୨୮ ତାରିଖ ରାତିରେ ରିଜର୍ଭ ଇନ୍ସପେକ୍ଟର ଶରଧାବାଲିରେ ଡ୍ୟୁଟି ପାଇଁ ୨ ପ୍ଲାଟୁନ୍ ପୁଲିସ ମୁତୟନ କରିଥିଲେ, ମାତ୍ର ଜଣେ ବରିଷ୍ଠ ଅଧିକାରୀ ସେହି ପୁଲିସ ସେଠାରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଯାହା ଫଳରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଲା, ମାତ୍ର ସେହି ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ସୁପାରିସ ହେଲା ନାହିଁ । ତେଣୁ ଆଇଏଏସ୍-ଆଇପିଏସ୍ ବିରାଦରୀ ପ୍ରୀତି ଯୋଗୁଁ ଏଆଇ କ୍ୟାମେରା ଲଗାଇବା ପ୍ରସଙ୍ଗରେ ଦାୟୀ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ କନିଷ୍ଠ କର୍ମଚାରୀଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ସତ୍ୟ ବୋଲି ସାଧାରଣରେ ଧାରଣା ବଦ୍ଧମୂଳ ହେବାରେ ଲାଗିଛି ।

- ପୁଲିସଙ୍କୁ ମିଳିଲା ନାହିଁ; ଏସିଏଫ୍‌ଙ୍କୁ ମିଳିଲା ପକ୍ଷ ରଖିବା ସୁଯୋଗ
- ଦାୟିତ୍ୱରେ ନ ଥିବା ପୁଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ
- କାର୍ଯ୍ୟାନୁଷ୍ଠାନ ସୁପାରିସ ପୂର୍ବରୁ ମିଳିଲାନି ପକ୍ଷ ରଖିବା ସୁଯୋଗ
- ଶରଧାବାଲିରୁ ୨ ପ୍ଲାଟୁନ୍ ପୁଲିସ ହଟାଇବା କାହାର ନିର୍ଦ୍ଦେଶ ଥିଲା



ଅନ୍ୟପକ୍ଷରେ ରଥଯାତ୍ରା ସମୟରେ କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ଥିବା ଏସିଏଫ୍ ଶ୍ରୀ ବେହେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସୁପାରିସ ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଶ୍ରୀ ବୋହରା କଣ୍ଟ୍ରୋଲ୍ ରୁମ୍‌ରେ ନିୟୋଜିତ ଥିଲେହେଁ ଅନ୍ୟମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ସୁପାରିସ ହୋଇ ନାହିଁ ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

## ଧର୍ମେନ୍ଦ୍ରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲା ହାଇକୋର୍ଟରେ ଖାରଜ

କଟକ,୧୯ ।୧୧(ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ଅନିୟମିତତା ତଥା ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଡ. ସୁବାସ ମହାପାତ୍ରଙ୍କ ପକ୍ଷରୁ ଦାୟର ମୂଳ ମାମଲାକୁ ଜଷ୍ଟିସ ସଂଜୟ କୁମାର ମିଶ୍ର ଖାରଜ କରିଛନ୍ତି। ମାମଲାଟି ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୩(୧)ରେ ରହିଥିବା ଆବଶ୍ୟକତାକୁ ପୂରଣ କରୁ ନଥିବାରୁ ଏହାକୁ ଖାରଜ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା। ଅପରପକ୍ଷରେ, ଆବେଦନକାରୀ ଆଣିଥିବା ଅନିୟମିତତା ଅଭିଯୋଗ ସମ୍ପର୍କିତ ତଥ୍ୟ ପ୍ରମାଣ ଓ ସତ୍ୟପାଠ ଦେଇପାରି ନଥିବାରୁ ମାମଲା ଖାରଜ କରାଯାଇଥିବା କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି, ଗତ ୨୦୨୪ସାଧାରଣ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫୯୨୧୬୨ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସଙ୍କୁ ୪୭୨୩୨୬ଭୋଟ ମିଳିଥିଲା। ଆବେଦନକାରୀ ଶ୍ରୀ ମହାପାତ୍ରଙ୍କୁ ମିଳିଥିଲା ୧୬୯୩ଖଣ୍ଡ ଭୋଟ।

# ଯାନବାହନ ଫିଟନେସ୍ ପରୀକ୍ଷା ଫି' ୧୦ ଗୁଣ ବଢ଼ିଲା

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଯାନବାହାନ ଫିଟ୍‌ନେସ୍ ପରୀକ୍ଷା ଫି'ରେ ଏକ ବଡ଼ ଧରଣର ପରିବର୍ତ୍ତନ କରିଛନ୍ତି। କେନ୍ଦ୍ରୀୟ ମୋଟର ଯାନ ନିୟମ ଅନୁଯାୟୀ ନୂତନ ଫି' ହାର ଜାରି କରାଯାଇଛି। ଫଳସ୍ୱରୂପ, ମୋଟର ଚାଳକଙ୍କୁ ଏଣିକି ଯାନବାହାନ ଫିଟନେସ୍ ପରୀକ୍ଷା ପାଇଁ ୧୦ ଗୁଣ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଆହୁରିମଧ୍ୟ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ମଧ୍ୟ ଏହି ଅଧିକ ଫି'ର ସ୍ଲାବ୍‌ରେ ବୃଦ୍ଧି କରିଛି। ପୂର୍ବରୁ, ଏହି ଅବଧି ୧୫ ବର୍ଷ ଥିଲା, କିନ୍ତୁ ଏବେ ଏହାକୁ ୧୦ ବର୍ଷକୁ ହ୍ରାସ କରାଯାଇଛି। ଅର୍ଥାତ୍ ପୂର୍ବରୁ ବର୍ଦ୍ଧିତ ଶୁଳ୍କ ୧୫ ବର୍ଷ ପୁରୁଣା ଯାନବାହାନରେ ଲାଗୁ କରାଯାଉଥିବାବେଳେ ବର୍ତ୍ତମାନ ଏହାକୁ ୧୦ ବର୍ଷ ପୁରୁଣା ଯାନ କ୍ଷେତ୍ରରେ ଲାଗୁ କରାଯିବ। ଏଥିରେ ସରକାରଙ୍କ ଲକ୍ଷ୍ୟ ହେଉଛି ଅଧିକରୁ ଅଧିକ ଯାନବାହାନକୁ ଏହି ଫି' ଢାଞ୍ଚା ପରିସରକୁ ଆଣିବା। ନୂଆ ବ୍ୟବସ୍ଥାରେ ୩ ସ୍ତରୀୟ ଫି' ଢାଞ୍ଚା ପ୍ରସ୍ତୁତ କରାଯାଇଛି। ଗାଡ଼ିର ଆୟୁ ହିସାବରେ ଭିନ୍ନ ଭିନ୍ନ ବର୍ଗ ରଖାଯାଇଛି। ଆୟୁ ଆଧାରରେ ଗାଡ଼ିକୁ ୧୦ ରୁ ୧୫ ବର୍ଷ, ୧୫ ରୁ ୨୦ ବର୍ଷ ଏବଂ ୨୦ ବର୍ଷରୁ ଅଧିକ ତିନୋଟି ବର୍ଗ କରାଯାଇଛି।

ପୂର୍ବରୁ, ୧୫ ବର୍ଷରୁ ଅଧିକ ପୁରୁଣା ଯାନଗୁଡ଼ିକ ପାଇଁ ଅଧିକ ଫି' ଦେବାକୁ ପଡୁଥିଲା, କିନ୍ତୁ ଏବେ ୧୦ ବର୍ଷରୁ ଅଧିକ ପୁରୁଣା ଯାନ ପାଇଁ ମଧ୍ୟ ଅଧିକ ଫି'ଦେବାକୁ ପଡିବ। ନୂଆ ବ୍ୟବସ୍ଥାରେ ଗାଡ଼ି ପୁରୁଣା ହେବା ସହିତ, ଫି' ବୃଦ୍ଧି ପାଇଛି। ଏହି ନୂଆ ନିୟମ ସମସ୍ତ ପ୍ରକାରର ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ। ଏଥିରେ ଦୁଇଚକିଆ, ତିନିଚକିଆ, ଭାରୀ ସାମଗ୍ରୀ/ଯାତ୍ରୀବାହୀ ଯାନ, ମଧ୍ୟମ ଏବଂ ଭାରୀ ସାମଗ୍ରୀ/ଯାତ୍ରୀବାହୀ ଯାନ ଏବଂ ହାଲୁକା ମୋଟର ଯାନ ଅନ୍ତର୍ଭୁକ୍ତ। ଏଣିକି ୨୦ ବର୍ଷରୁ ପୁରୁଣା ଯାନଗୁଡ଼ିକ ପାଇଁ ଅଧିକ ଶୁଳ୍କ ଦେବାକୁ ପଡିବ। ଭାରୀ ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ମଧ୍ୟ ଅଧିକ ଶୁଳ୍କ ଦେବାକୁ ପଡିବ। ଭାରୀ ବାଣିଜ୍ୟିକ ଯାନଗୁଡ଼ିକ (ଟ୍ରକ୍/ବସ୍) ପାଇଁ ପୂର୍ବରୁ ଫି' ୨୫୦୦ ଟଙ୍କା ଥିଲା, ଯାହାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମଧ୍ୟମ ବାଣିଜ୍ୟିକ ଯାନ ପାଇଁ ଶୁଳ୍କ ୧୮୦୦ରୁ ୨୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦ ବର୍ଷରୁ ପୁରୁଣା ହାଲୁକା ମୋଟର ଯାନ ପାଇଁ ଶୁଳ୍କ ଏବେ ୧୫,୦୦୦ ବୃଦ୍ଧି କରାଯାଇଛି। ୨୦ ବର୍ଷରୁ ପୁରୁଣା ତିନି ଚକିଆ ଯାନ ପାଇଁ ଫି'୭୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ୨୦ବର୍ଷରୁ ଅଧିକ ପୁରୁଣା ଦୁଇ ଚକିଆ ଯାନ ପାଇଁ ଫି' ୬୦୦ ଟଙ୍କାରୁ ୩ ଗୁଣ ବଢ଼ାଇ ୨୦୦୦ ଟଙ୍କା ବୃଦ୍ଧି କରାଯାଇଛି। ୧୫ ବର୍ଷରୁ କମ୍ ଆୟୁର ପୁରୁଣା ଗାଡ଼ିକୁ ମଧ୍ୟ ଏଥିରେ କୌଣସି ରିଆତି ଦିଆଯାଇନାହିଁ। ୧୫ ବର୍ଷରୁ କମ୍ ଆୟୁର ମୋଟର ସାଇକେଲ୍‌ର ଫିଟ୍‌ନେସ୍ ପରୀକ୍ଷା ଫି' ୪୦୦ ଟଙ୍କା, ହାଲୁକା ମୋଟର ଯାନ ବା ତିନି ଚକିଆ ପାଇଁ ୬୦୦ ଟଙ୍କା ଏବଂ ମଧ୍ୟମ/ଭାରୀ ବାଣିଜ୍ୟିକ ଯାନ ପାଇଁ ୧୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ତେବେ ୧୫ରୁ ୨୦ ବର୍ଷ ମଧ୍ୟରେ ଆୟୁଥିବା ଗାଡ଼ିର ଫିଟ୍‌ନେସ୍ ପରୀକ୍ଷା ସଂଶୋଧିତ ଫି' ମୋଟର ସାଇକେଲ୍ ପାଇଁ ୫୦୦ ଟଙ୍କା, ହାଲୁକା ମୋଟର ଯାନ ବା ତିନି ଚକିଆ ପାଇଁ ୧୦୦୦ ଟଙ୍କା ,ମଧ୍ୟମ ବାଣିଜ୍ୟିକ ଯାନ ପାଇଁ ୧୩୦୦ ଟଙ୍କା ଏବଂ ଭାରୀ ବାଣିଜ୍ୟିକ ଯାନ ଲାଗୁ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

### ମଗୁଶୁରରେ ବି ଖସୁନି ପରିବା ଦର

# ସପ୍ତାହକ ମଧ୍ୟରେ ଟମାଟୋ ଦର ଦୁଇଗୁଣା

ଭୁବନେଶ୍ୱର,୧୯।୧୧(ସମିସ): ଆଳୁ କିଲୋ ୨୫, ପିଆଜ କିଲୋ ୩୦। ବିନ୍‌ସ ୮୦ରୁ ଖସୁନି, କେଇଦିନ ତଳେ ଫୁଲକୋବି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପୁଣି ଉପରମୁହାଁ ହୋଇ ୫୦ରୁ ୬୦ରେ ବିକ୍ରି ହେଉଛି। ଗତ ସପ୍ତାହରେ ଟମାଟୋ ୩୦ ଟଙ୍କାରୁ ୪୦ ଟଙ୍କା ଥିବାବେଳେ ଏବେ କେଉଁଠି ୬୦ ତ କେଉଁଠି ଅଶୀ। ୬୦ ଗ୍ରାମରୁ ୭୦ ଗ୍ରାମ ଶାଗ ବିଡ଼ା ୧୦ ଟଙ୍କାରେ ବିକ୍ରି ହେଉଛି । କାର୍ତ୍ତିକ

**ଅନ୍ୟ ରାଜ୍ୟରୁ ଆମଦାନୀରେ ବାଧା; ୬୦ ତଳକୁ ଖସୁନି ଦର**

ଯାଇ ମାର୍ଗଶିର ଅଧା ହୋଇ ସାରିଥିଲେ ବି ପରିବା ଦର ଖସିବାର ନାଁ ଧରୁନାହିଁ। ବିଶେଷ କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ପରିବା ଦର ଅତିଷ୍ଠ କରିଛି ।

କାର୍ତ୍ତିକ ମାସରେ ଅନେକ ଆମିଷ ଖାଉନଥିବାରୁ ସାଧାରଣତଃ ପରିବା ଦର ବୃଦ୍ଧି ପାଇଥାଏ। ହେଲେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମୂଳା ବିଡ଼ା (୩ଟି)କୁ ୪୦ଟଙ୍କାରେ ବିକ୍ରି ହେବା ସହ ଶାଗ ବିଡ଼ା ୧୦ରୁ ୧୫ଟଙ୍କା। ଅନ୍ୟ ପରିବାର କିଲୋପିଛା ୬୦ ଓ ୮୦ଟଙ୍କାରୁ ଖସୁନି। ଦୀର୍ଘଦିନ ଯାଏ ବର୍ଷା ଲାଗି ରହିବାଯୋଗୁଁ ଚଳିତ ବର୍ଷ ବିଭିନ୍ନ ପନିପରିବା



ଅମଳ ବିଳମ୍ବିତ ହୋଇଥିବାରୁ ଏପରି ସମସ୍ୟା ଉପୁଜିଥିବା କୁହାଯାଉଛି। ଏହି ସମୟରେ ଆଠଗଡ଼, କଟକ, ବଡ଼ମ୍ବା, ନରସିଂହପୁର, ବରଗଡ଼, କୋରାପୁଟ, ବଲାଙ୍ଗିର, ପିପିଲି, ବଳଙ୍ଗା, ବାଲିପାଟଣା, ତେଇସପୁର ଆଦିରୁ ପରିବା ଉତ୍ପାଦନ ହୋଇଥାଏ ଏବଂ ପରିବାର ଦର ହ୍ରାସ ପାଇଥାଏ। ବର୍ଷ ସାରା ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ କଖାରୁ, ଟମାଟୋ, କ୍ୟାପ୍‌ସିକମ୍, କୋବି, ବିନସ୍, ଗାଜର, ବିଟ୍ ଆଦି ଆମଦାନୀ ହେଉଥିବାବେଳେ ନଭେମ୍ବରରୁ ଫେବୃଆରୀ ମାସ ଯାଏ ଓଡ଼ିଶାରୁ କୋବି, ବିନସ୍, ଟମାଟୋ, ଶିମ୍ବ, ପୋଟଳ, କଖାରୁ, କଲରା ଆଦି ଅମଳ ହୋଇଥାଏ। ମାତ୍ର ଚଳିତ ବର୍ଷ ରାଜ୍ୟରୁ ଉତ୍ପାଦନ ବିଳମ୍ବିତ ହେବା ଯୋଗୁଁ ପରିବା ଦର କମୁନାହିଁ ବୋଲି କୁହାଯାଉଛି। ଏପରିକି ଏହି ସମସ୍ୟା ଆହୁରି ୧୫ରୁ ୨୦ ଦିନ ଯାଏ ରହିପାରେ ବୋଲି ପରିବା ବ୍ୟବସାୟୀ ଆଶଙ୍କା କରିଛନ୍ତି।

କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଏତେବେଳକୁ କୋବି ଗୋଟାକ ୫ରୁ ୧୦ଟଙ୍କା ମଧ୍ୟରେ ବିକ୍ରି ହେବା କଥା, କିନ୍ତୁ କୋବି ଅମଳ ହୋଇପାରି ନଥିବାରୁ ବାହାର ରାଜ୍ୟରୁ ଆସୁଥିବା କୋବି ଦର ଅଧିକ ରହୁଛି। ସେହିପରି ଲକ୍ଷ୍ମୀ ପୂଜା ପରେ କୋବି ଓ ଟମାଟୋ ଶସ୍ତାରେ ବିକ୍ରି ହୁଏ, ମାତ୍ର ଏଯାଏ ଟମାଟୋ, ବାଇଗଣ, ଭେଣ୍ଡି ଭଳି ଅନ୍ୟ ପରିବା ଓଡ଼ିଶାରୁ ବାହାରିନାହିଁ। ଅନ୍ୟ ରାଜ୍ୟରୁ ଯେତିକି ଆସୁଛି ତାହା ଓଡ଼ିଶା ବଜାରରେ ବିକ୍ରି ହେଉଛି। ଓଡ଼ିଶାରେ ପରିବା ଅମଳ ହେବାକୁ ଆହୁରି ଦୁଇ ସପ୍ତାହ ଲାଗିବ, ଏହାପରେ ପରିବାର ଦର କମିବ ବୋଲି ସେ କହିଛନ୍ତି।



## ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ ଉଦ୍‌ଯାପିତ

# ସେବା ସହ ସୁରକ୍ଷା ଓ ସାହାଯ୍ୟ ହେଉ ପୁଲିସର ମୁଖ୍ୟକାର୍ଯ୍ୟ

ଭୁବନେଶ୍ୱର,୧୯।୧୧(ସମିସ): ଆପଣମାନେ କୌଣସି ପ୍ରକାର ଚାପର ବଶବର୍ତ୍ତୀଙ୍କ ହୋଇ ଅପରାଧ କ୍ଷେତ୍ରରେ ପ୍ରକୃତ ଦୋଷୀକୁ ଖୋଜି ବାହାର କରନ୍ତୁ । ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀ ଅବସରରେ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ।

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଆରକ୍ଷୀ ଅଧୀକ୍ଷକ ଓ ଜିଲ୍ଲାପାଳଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି କାମ କରିବା ଉଚିତ । ବିକାଶ ଓ ସୁରକ୍ଷା ଯେପରି ଏକାଠି ହୋଇପାରିବ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆରକ୍ଷୀ ଅଧୀକ୍ଷକମାନଙ୍କୁ ୮ଟି ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେଗୁଡ଼ିକ ହେଲା- ଦଣ୍ଡବିଧାନ ହାରକୁ ବୃଦ୍ଧି କରିବା ପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି ବା ରଣନୀତି ପ୍ରସ୍ତୁତ କରିବା ଏବଂ ଆବଶ୍ୟକ ସ୍ଥଳେ ତଦନ୍ତ ଓ ପ୍ରୋସିକ୍ୟୁସନ ଶାଖା ସ୍ଥାପନ କରିବାକୁ ବିଚାର କରିବା, ଥାନାକୁ ଆସୁଥିବା ସମସ୍ତ ଅଭିଯୋଗକୁ ଗ୍ରହଣ କରି ପଞ୍ଜୀକୃତ କରିବା ନଚେତ୍ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଏହାସହ ଆରକ୍ଷୀ ଅଧୀକ୍ଷକମାନଙ୍କ ଦ୍ୱାରା ନିୟମିତ ଥାନା ଗସ୍ତ, ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଗୋଟିଏ ଟିମ୍ ଭାବରେ କାମ କରିବା, ଦୁର୍ନିତୀ ବିରୁଦ୍ଧରେ ଜିରୋ ଟଲେରେନ୍ସ ଏବଂ ନିଜେ ସଚ୍ଚୋଟ ରହିବା ସହିତ ଅନ୍ୟ ଅଧିକାରୀମାନଙ୍କୁ ପ୍ରେରଣା ଦେବା, ଥାନସ୍ତରୀୟ ଅଧିକାରୀଙ୍କୁ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧୀନିୟମ ବିଷୟରେ ପ୍ରଶିକ୍ଷଣ ପ୍ରଦାନ ଏବଂ ଅପରାଧୀଙ୍କ ଜ୍ଞାନ କୌଶଳ ଠାରୁ ଗୋଟିଏ ପାଦ ଆଗରେ ରହିବା ପାଇଁ ସବୁ ପୁଲିସ ଅଧିକାରୀମାନେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ ୨୦୨୬ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ କରିବା, ବେଆଇନ ନିଶା କାରବାର ମୁକ୍ତ ସହ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ କାମ କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

**ଆରକ୍ଷୀ ଅଧୀକ୍ଷକଙ୍କୁ ୮ଟି ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

# ସେତୁ ମଝିରେ 'ଆମ ବସ୍' ଅଚଳ

## ତ୍ରିଶୂଳିଆ-କଟକ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ



ତ୍ରିଶୂଳିଆ,୧୯।୧୧(ସମିସ): ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ଆମ ବସ୍' ଅଚଳ ହୋଇ ରାସ୍ତାରେ ଛିଡ଼ା ରହିବା ଫଳରେ ତ୍ରିଶୂଳିଆ-କଟକ ମୁଖ୍ୟରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ବୁଧବାର ସନ୍ଧ୍ୟା ସମୟର ଏହି ଘଟଣା । ସୁଭାଷ ସେତୁ ଉପରେ ବସ୍‌ଟି ଅଚଳ ହୋଇଯାଇଥିଲା । ସେତୁର ମଧ୍ୟବର୍ତ୍ତୀ ସ୍ଥାନରେ ଗାଡ଼ି ଦୀର୍ଘ ସମୟ ଛିଡ଼ା ରହିବା ଦ୍ୱାରା ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ସ୍ୱାଭାବିକ ଭାବେ ଯାତାୟାତ କରିପାରି ନଥିଲା । ଶତାଧିକ ଯାନବାହନ ଭିଡ଼ରେ ଫସି ରହିଥିଲେ । ଏପରିକି ବେଲଭ୍ୟୁ ଛକରୁ ନେଇ ତ୍ରିଶୂଳିଆ-ବାରଙ୍ଗ ରାସ୍ତା ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ଧରି ଗାଡ଼ିର ଧାଡ଼ି ଲମ୍ବି ରହିଥିଲା । ଭିଡ଼ ହଟାଇବା ଏବଂ ଯାତାୟାତ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଟ୍ରାଫିକ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଥିଲେ ସୁଦ୍ଧା ଖବର ଲେଖାହେବା ପର୍ଯ୍ୟନ୍ତ ସ୍ଥିତି ନିୟନ୍ତ୍ରଣାଧୀନ ହୋଇପାରି ନାହିଁ । ବାରଙ୍ଗ ଥାନା ପୁଲିସ ଏବଂ ମର୍କତନଗର ଥାନା ପୁଲିସ ପକ୍ଷରୁ ମଧ୍ୟ ଭିଡ଼ ହଟାଇବାକୁ ଉଦ୍ୟମ ଜାରି ରହିଛି । ପ୍ରକାଶଥାଉକି, ଜଗତପୁର-ଖୋର୍ଦ୍ଧା ଚଳାଚଳ କରୁଥିବା ଆମ ବସ୍ ନଂ-୪୮ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ସୁଭାଷ ସେତୁ ମଝିରେ ଗାଡ଼ି ହଠାତ ବନ୍ଦ ହୋଇଯାଇଥିଲା ।

# ମେଟା ହ୍ୱାଟ୍ସଆପ୍ ବିଜ୍ଞାପନର ଲିଡ୍ ଚରିତ୍ର ହେଲେ ଓଡ଼ିଆ ପୁଅ

ଭୁବନେଶ୍ୱର,୧୯।୧୧(ସମି): ମେଟା ଓ ହ୍ୱାଟ୍ସଆପ ମିଳିତ ହେଉଥିବା ବେଳେ ଦେଖିବାକୁ ମିଳିଛି ଓଡ଼ିଆ ପୁଅଙ୍କ ଅଭିନୟର ଯାଦୁ । ଓଡ଼ିଶାର ନୟାଗଡ଼ ଜିଲ୍ଲାର ରାଜକିଶୋର ସାହୁ ହେଲେ ମେଟାର ହ୍ୱାଟ୍ସଆପ ଆଡ ଫିଲ୍ମରେ ଲିଡ ଚରିତ୍ର । ବଧାଇ ହୋ, ମୈଦାନ, ତେଭର ଭଳି ସିନେମାର ନିର୍ଦ୍ଦେଶନା ଦେଇଥିବା ଜଣାଶୁଣା ବଲିଉଡ ନିର୍ଦ୍ଦେଶକ ଅମିତ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଚଳଚିତ୍ରରେ ସେ ନଜର ଆସିଛନ୍ତି । ଗ୍ରାମାଞ୍ଚଳର ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ପରିବାର ଚଳାଇବା ପାଇଁ ଦୂରରେ ରହୁଥିବା



ବେଳେ ଆଜିର ଡିଜିଟାଲ ଯୁଗରେ ହ୍ୱାଟ୍ସଆପ କେମିତି ପରିବାରକୁ ଯୋଡ଼ି ରଖିଛି ତାର ପ୍ରାମାଣିକ ଚଳଚ୍ଚିତ୍ର ଭାବେ ସେ ଏଥିରେ ନଜର ଆସିଛନ୍ତି । ତେବେ ରାଜକିଶୋର ନୟାଗଡସ୍ଥିତ ମହିପୁର ପଞ୍ଚାୟତର ପୁଅ । ପୂର୍ବରୁ ଓଡ଼ିଶାରେ ସେ ଥିଏଟରରେ ଅଭିନୟର ଯାଦୁ ଦେଖାଇଛନ୍ତି । ଏବଂ ସେ ୨୦୨୪ ବ୍ୟାଚ୍ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାର ଛାତ୍ର ଭାବେ ଶିକ୍ଷା ହାସଲ କରିଛନ୍ତି । ବର୍ତ୍ତମାନ ସେ ମୁମ୍ବାଇରେ ଅବସ୍ଥାପିତ ଏବଂ ଅନୁରାଗ କଶ୍ୟପଙ୍କ 'ବନ୍ଦର ଇନ ଦ କେଜ' ରେ ମଧ୍ୟ ସେ ଅଭିନୟ କରିଛନ୍ତି ଯାହା ଆଗକୁ ରିଲିଜ୍ ହେବାର ସୂଚନା ରହିଛି ।

# ପିଏମ୍ କିଷାନର ୨୧ତମ କିସ୍ତି ପାଇଲେ ଚାଷୀ

ଭୁବନେଶ୍ୱର, ୧୯।୧୧(ସମିସ): କୃଷକଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କରାଯାଇଛି । ତାମିଲନାଡୁର କୋଏମ୍ବାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । କୃଷି ଭବନଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, କୃଷକ କଲ୍ୟାଣ ଓ ସଶକ୍ତିକରଣ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । କୃଷକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଯୋଗ୍ୟ ଚାଷୀଙ୍କ ନିକଟରେ ପହଞ୍ଚୁ । ଯେପରି କୌଣସି ଯୋଗ୍ୟ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ସରକାର ତତ୍ପର ଥିବା ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ଷକୁ କେନ୍ଦ୍ର ସରକାର ୩ଟି କିସ୍ତିରେ ୬ ହଜାର ଲେଖାଏଁ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ସିଏମ୍ କିଷାନ ଯୋଜନାରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି । ରାଜ୍ୟର ୩୪.୧୨ ଲକ୍ଷରୁ ଅଧିକ ଚାଷୀ ୨ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ସିଏମ୍ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାସହ ପିଏମ୍ ଧନଧାନ୍ୟ କୃଷି ଯୋଜନାରେ କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ସାମିଲ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ହଷ୍ଟେଲ ଶୌଚାଳୟରେ ପଡ଼ି ଛାତ୍ରୀ ମୃତ

ତେଲକୋଇ,୧୯।୧୧(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଭିମକାଣ୍ଡ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଛାତ୍ରୀନିବାସ ଗାଧୁଆ ଘରେ ପଡ଼ି ଜଣେ ତୃତୀୟ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖୁଣ୍ଟାପଡ଼ା ପଞ୍ଚାୟତ କୁଲାଡେରା ଗ୍ରାମର ଗଣେଶ୍ୱର ଓ ଗୀତା ନାଏକଙ୍କ ୮ ବର୍ଷର ଝିଅ ତେଜସ୍ୱନୀ । ଏହି ଘଟଣା ପଛରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଅବହେଳାକୁ ଦାୟୀ କରିଛନ୍ତି ପରିବାର ଲୋକେ । ଘଟଣାକୁ ନେଇ ଛାତ୍ରୀଙ୍କ ମା' ଗୀତା ନାଏକ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ୩୧୩/୨୫ରେ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି । ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଅନ୍ୟପଟେ ଶୌଚ ହେବାକୁ ଯାଇ ତଳେ ପଡ଼ିଯିବାରୁ ଅନ୍ତେବାସୀଙ୍କ ମୃତ୍ୟୁ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଓଡ଼ିଶାର ୪ଜଣଙ୍କୁ ଲାଡ୍‌ଲି ମିଡିଆ ଆୱାର୍ଡ

ଭୁବନେଶ୍ୱର,୧୯।୧୧: ସାମାଜିକ ଅନୁଷ୍ଠାନ ପପୁଲେସନ୍ ଫାଷ୍ଟ ଓ ୟୁଏନ୍‌ଏଫ୍‌ପିଏ ପକ୍ଷରୁ ୨୦୨୫ ମସିହା ପାଇଁ 'ଲାଡ୍‌ଲି ମିଡିଆ ଆୱାର୍ଡ' ପ୍ରଦାନ କରାଯାଇଛି । ମୁମ୍ବାଇର ଟାଟା ଥିଏଟର୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ଚାରି ଜଣଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏମାନେ ହେଲେ, ସସ୍ମିତା ସାହୁ, ଐଶ୍ୱର୍ଯ୍ୟା ମହାନ୍ତି, ଶତରୂପା ସାମନ୍ତରାୟ ଓ ଅନ୍ତର୍ଜିତା ନାୟକ । ସମାଜରେ ଲିଙ୍ଗଗତ ସମ୍ବେଦନଶୀଳତା ପ୍ରସଙ୍ଗରେ ମହିଳାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାକୁ ଆଧାର କରି ପ୍ରକାଶିତ ରିପୋର୍ଟକୁ ନେଇ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ କଳ୍ପନା ଶର୍ମା ଓ ହେପ୍‌ଜିବା ପାଠକ ଯୋଗ ଦେଇଥିଲେ । ପପୁଲେସନ୍ ଫାଷ୍ଟର ପ୍ରତିଷ୍ଠାତା ଏ.ଏଲ୍. ଶାରଦା ଉପସ୍ଥିତ ଥିଲେ । ଯୋଗେଶ ପାୱାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୋଟ୍ ୧୪ଟି ରାଜ୍ୟର ୯୭ ଜଣଙ୍କୁ ପୁରସ୍କୃତ କରାଯାଇଥିଲା ।

■ ଧର୍ମଘଟରେ ସାମିଲ ଗ୍ରାମୀଣ ଡାକସେବକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମାମଲା

# ଅଭିଯୋଗ ଫର୍ଦ୍ଦକୁ ରଦ୍ଦ କଲେ କ୍ୟାଟ୍

କଟକ,୧୯।୧୧(ସମିସ): ଗତ ୨୦୨୩ରେ ହୋଇଥିବା ଏକ ସର୍ବଭାରତୀୟ ଧର୍ମଘଟରେ ସାମିଲ ହୋଇଥିବା ଗ୍ରାମୀଣ ଡାକ ସେବକଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଓ ଅଭିଯୋଗ ଫର୍ଦ୍ଦ ଦାଖଲକୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲ(କ୍ୟାଟ୍) ବେଆଇନ ବୋଲି କହିଛନ୍ତି । ଏଥିସହ ଆବେଦନକାରୀଙ୍କ ବିରୋଧରେ ଦାଖଲ ଅଭିଯୋଗ ଫର୍ଦ୍ଦକୁ କ୍ୟାଟ୍ ରଦ୍ଦ କରିଛନ୍ତି । ବିଚାରବିଭାଗୀୟ ସଦସ୍ୟ ଏସ.ଆର.ମିଶ୍ର ଓ ପ୍ରଶାସନିକ ସଦସ୍ୟ ପି.କେ.ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୋଲକ ବିହାରୀ ସାହୁ ଓ ଅନ୍ୟ ୧୦ଜଣଙ୍କ ଆବେଦନର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି । ଫଳରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ଡାକ ସେବକଙ୍କୁ ଆଶ୍ୱସ୍ତି ମିଳିଛି । ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ଅନୁମୋଦନ ଦେବା ଆବେଦନକାରୀଙ୍କ ମୁଣ୍ଡ ଉପରେ ଡେମୋକ୍ଲେସ ଖଣ୍ଡା ସଦୃଶ ହେବ ବୋଲି କ୍ୟାଟ୍ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ୨୦୨୩ଡିସେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଗ୍ରାମୀଣ ଡାକସେବକ ସଂଘ ପକ୍ଷରୁ ଧର୍ମଘଟ ପାଇଁ ଡାକ ସେବା ପ୍ରଭାବିତ ହୋଇଥିଲା । ଧର୍ମଘଟରେ ସାମିଲ ଡାକସେବକଙ୍କ ଦରମା ମଧ୍ୟ କାଟି ଦିଆଯାଇଥିଲା । ତେବେ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ଅଭିଯୋଗ ଫର୍ଦ୍ଦକୁ ବିରୋଧ କରି ଆବେଦନକାରୀ କ୍ୟାଟ୍‌ରେ ମାମଲା ରୁଜୁ କରିଥିଲେ । ଆବେଦନକାରୀମାନଙ୍କ ତରଫରୁ ଗୋଲକ ବିହାରୀ ସାହୁ ଓ ଆଇନଜୀବୀ ଶଶିଭୂଷଣ ଜେନା ପ୍ରମୁଖ ମାମଲା ପରିଚାଳନା କରଥିଲେ ।

# ଉପକୂଳ ରାଜପଥ ଶେଷ ନ ହେବା ଯାଏଁ ଚୁପ୍ ବସିବୁନି: ବିଜେଡି

ଭୁବନେଶ୍ୱର,୧୯।୧୧(ସମିସ): ଦୀର୍ଘ ଦିନର ଅପେକ୍ଷା ପରେ ଓଡ଼ିଶା ଉପକୂଳ ରାଜପଥ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରିଛି । ଏହି ପ୍ରକଳ୍ପ ଯେ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ରୂପ ନ ନେଇଛି, ସେ ପର୍ଯ୍ୟନ୍ତ ବିଜେଡି ନିରବ ବସିବ ନାହିଁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ।

ଏକ ପ୍ରେସ୍ ବିଜ୍ଞପ୍ତିରେ ଡ. ମହାନ୍ତି କହିଛନ୍ତି ଯେ ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟନ ଶିଳ୍ପର ବିକାଶ, ଅର୍ଥନୈତିକ କାରବାର ବୃଦ୍ଧି ଏବଂ ପରିବର୍ତ୍ତିତ ଜଳବାୟୁ ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ କରିବା ଲକ୍ଷ୍ୟରେ ବିଜେଡି ସରକାର ଉପକୂଳ ରାଜପଥ ପ୍ରକଳ୍ପକୁ ଗୁରୁତ୍ୱ ଦେଇ ଆସୁଥିଲା । ତେବେ ୧୦ ବର୍ଷରୁ ଅଧିକ ସମୟ ହେଲା ଏହି ପ୍ରକଳ୍ପ କେବଳ ସରକାରୀ ନାଲି ଫିତା ଭିତରେ ଚାପି ହୋଇ ରହିଛି । ଶେଷ ମୁହୂର୍ତ୍ତରେ ଏହାର ଟେଣ୍ଡର ବାତିଲ, ପ୍ରଶାସନିକ ଅପାରଗତା ଏବଂ ମନଇଚ୍ଛା ଚାରି ଲେନ୍ ରାସ୍ତାକୁ ଦୁଇ ଲେନରେ ସୀମିତ ରଖିବା ପାଇଁ ଅପଚେଷ୍ଟା ଉପକୂଳ ରାଜପଥ ପ୍ରକଳ୍ପରେ ଗୁରୁତର ବାଧା ସୃଷ୍ଟି କରିଛି । ତେବେ ବିଳମ୍ବରେ ହେଲେ ମଧ୍ୟ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ ପ୍ରଦାନ କରିବା ଆମ ସମସ୍ତଙ୍କ ପାଇଁ ଆଶ୍ୱସ୍ତିର ବିଷୟ । ଡ. ମହାନ୍ତି ଆହୁରି କହିଛନ୍ତି ଯେ ଉପକୂଳ ରାଜପଥ ନିର୍ମାଣ, ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଉପକୂଳ ଜିଲାର ସୁରକ୍ଷା, ପର୍ଯ୍ୟଟନ ଓ ଆର୍ଥିକ ବିକାଶ (ବିଶେଷକରି ପୁରୀ-କାକଟପୁର, ଏରସମା) ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଜରୁରୀ । ବିପର୍ଯ୍ୟୟ ସମୟରେ ଶୂନ୍ୟ ଜୀବନ ହାନୀ ଲକ୍ଷ୍ୟ ପୂରଣ କରିବାରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଅବିଚାରିତ ଭାବେ ଏହି ପ୍ରକଳ୍ପକୁ ଦୁର୍ବଳ କରିବା ଦ୍ୱାରା ପରିବେଶ, ସାମାଜିକ ଓ ଆର୍ଥିକ ବିକାଶର ଗତିରୋଧ କରିବ । ତେଣୁ ଯେ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ନିଜର ପୂର୍ଣ୍ଣ କ୍ଷମତା ନ ଫେରିଛି, ସେ ପର୍ଯ୍ୟନ୍ତ ବିଜେଡି ଚୁପ୍ ବସିବ ନାହିଁ ବୋଲି ଡ. ମହାନ୍ତି ଦୃଢ଼ତାର ସହ କହିଛନ୍ତି ।

**ବେପରୁଆ ଭାବେ ପ୍ରକଳ୍ପକୁ ଦୁର୍ବଳ କରାଯାଉଛି**

# ଶେଷ ହେଲା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳା



ଭୁବନେଶ୍ୱର,୧୯।୧୧(ସମି):ଚଳଚ୍ଚିତ୍ର ଆମ ସାମାଜିକ ସାଂସ୍କୃତିକ ଜୀବନର ବାସ୍ତବ ପ୍ରତିଛବି । ଏହାର ସଂରକ୍ଷଣ ଦ୍ୱାରା ଆମ ସ୍ମୃତିରୁ ହଜି ଯାଉଥିବା ଲୋକପ୍ରିୟ ସିନେମା ପୁଣି ଜୀବନ୍ତ ହୋଇଉଠିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ଇଣ୍ଟରନ୍ୟାସନାଲ୍ ଫେଡେରେସନ୍ ଅଫ୍ ଫିଲ୍ମ ଆରକାଇଭସ୍ ଓ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ସହଯୋଗରେ ନଭେମ୍ବର ୧୨ ତାରିଖରୁ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ, କଳାଭୂମି ଠାରେ ଆୟୋଜିତ ହେଉଥିବା '୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳା'ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି । କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଯୋଗଦେଇ ପୁରୁଣା ଓଡ଼ିଆ ଚଳଚ୍ଚିତ୍ର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଉତ୍ସ । ଏହାକୁ ସାଇତି ରଖିବା ଆମର ଦାୟିତ୍ୱ ବୋଲି କହିଛନ୍ତି । ଏହି ଉପଲକ୍ଷେ ଓଡ଼ିଶା ସରକାର ଓ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ମଧ୍ୟରେ ରାଜ୍ୟ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ନେଇ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏବଂ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ । କର୍ମଶାଳାରେ ଯୋଗ ଦେଇଥିବା ସମସ୍ତ ୫୯ଜଣ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ଏବଂ ମୋମେଣ୍ଟୋ ପ୍ରଦାନ କରାଯାଇଥିଲା ।

**ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ନେଇ ଓଡ଼ିଶା ସରକାର ଓ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ**

# କଂଗ୍ରେସରୁ ନିହାର ରଞ୍ଜନ ବେହେରା ନିଲମ୍ବିତ

ଭୁବନେଶ୍ୱର,୧୯।୧୧(ସମିସ): ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରାଙ୍କୁ ଦଳ ନିଲମ୍ବନ କରିଛି । ଭାରତୀୟ ଯୁବ କଂଗ୍ରେସ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ତାଙ୍କୁ ନିଲମ୍ବନ କରାଯାଇଥିବା ନେଇ ଆଜି ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ ସୂଚନା ଦିଆଯାଇଛି । ଦଳ ପକ୍ଷରୁ କୁହାଯାଇଛି ଯେ ଶ୍ରୀ ବେହେରା ଦଳ ଭିତରେ ବିଶୃଙ୍ଖଳ ଆଚରଣ କରିବା ସହିତ ସାମାଜିକ ଗଣମାଧ୍ୟମରେ ଦଳୀୟ ନେତୃତ୍ୱ ବିରୋଧରେ ପ୍ରତିକୂଳ ମନ୍ତବ୍ୟ ଦେଇଥିଲେ । ଏଥିପାଇଁ ଶୃଙ୍ଗଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଦ୍ୱାରା କଂଗ୍ରେସ ଦଳରୁ ତାଙ୍କୁ ନିଲମ୍ବିତ କରାଯାଇଛି । ସୂଚନା ଥାଉ କି ମଙ୍ଗଳବାର ତାଙ୍କୁ ରାଷ୍ଟ୍ରୀୟ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ପଦବୀରୁ ନିଲମ୍ବନ କରାଯାଇଥିଲା । ଏହା ପରେ ଆଜି ତାଙ୍କୁ ଦଳରୁ ମଧ୍ୟ ନିଲମ୍ବନ କରାଯାଇଛି ।

BEST OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

ପି.ଏଚ.ଡି. ଲାଭ




ଅପରେସନ ସିନ୍ଦୂର ପାଇଁ ଡ୍ରୋନ୍ ଯୋଗାଇଥିବା ଭୁବନେଶ୍ୱର ସ୍ଥିତ ଖ୍ୟାତନାମା ଡ୍ରୋନ୍ କମ୍ପାନୀ IG Dronesର ଗବେଷଣା ବିଭାଗରେ କାର୍ଯ୍ୟରତ ଶ୍ରୀ ସତ୍ୟପ୍ରକାଶ ମିଶ୍ର ସିଭିଲ ଇଞ୍ଜିନିୟରିଂ ବିଷୟରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି । ସେ ଆସାମ ସ୍ଥିତ National Institute of Technology Silchar (NIT Silchar)ର Asso. Prof. Dr. Arjun Sir ଓ Asst. Prof. Dr. Amit Kumar Das ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀମାନ ମିଶ୍ରଙ୍କ ଗବେଷଣା ସନ୍ଦର୍ଭ "Comprehensive Seismic Hazard Assessment of Odisha State with Emphasis on Bhubaneswar City and Port Areas", IIT Bombay ର ପ୍ରଫେସର ଡ଼ା ଦୀପାଙ୍କର ଚୌଧୁରୀ ଓ IISc Bangalore ର ପ୍ରଫେସର ଡା. ଜି. ମାଧବୀଲତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି । ଡ଼. ସତ୍ୟପ୍ରକାଶ ମିଶ୍ର ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ସ୍ଥିତ ପଲାର ଗ୍ରାମ ନିବାସୀ କବି ସବିତା ମିଶ୍ର ଓ ଅବସରପ୍ରାପ୍ତ B S N L କର୍ମଚାରୀ ଶ୍ରୀଯୁକ୍ତ ନୃସିଂହ ଚରଣ ମିଶ୍ରଙ୍କ କନିଷ୍ଠ ପୁତ୍ର ତଥା ଧର୍ମଶାଳା ଅଞ୍ଚଳର ବିଶିଷ୍ଟ ଶିକ୍ଷକ ୰ ପଣ୍ଡିତ ନାରାୟଣ ମିଶ୍ରଙ୍କ ପୁତ୍ର ଅଟନ୍ତି । ସେ ତାଙ୍କର ଏହି ସଫଳତା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ସପରିବାର, ଶିକ୍ଷକ ଓ ବନ୍ଧୁବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ୧୨ ଦେଶର ୪୦ ପ୍ରତିନିଧି ସାମିଲ

ଭୁବନେଶ୍ୱର,୧୯।୧୧(ସମିସ): ୩୭ତମ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ୍) ପକ୍ଷରୁ ୧୨ଟି ଦେଶର ୪୦ଜଣ ପ୍ରତିନିଧି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥିଲେ । ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲ୍‌ଡିୟେଭ ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ୍ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସଂସଦୀୟ ବ୍ୟାପାର) ସୁରେନ୍ଦ୍ର କୁମାର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଲାଞ୍ଚ ନେଇ ଧରାପଡ଼ିଲେ ଅବକାରୀ ଅଧୀକ୍ଷକ, ଏଏସ୍‌ଆଇ

କେନ୍ଦୁଝର/ଚମ୍ପୁଆ,୧୯।୧୧(ସମିସ): କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ଏବଂ ଭାରପ୍ରାପ୍ତ ଅବକାରୀ ଅଧିକାରୀ ତଥା ଏଏସ୍‌ଆଇ ବିଜୟ କୁମାର ମହାନ୍ତ ଏକ ବିଦେଶୀ ମଦ ଦୋକାନୀଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । କରଞ୍ଜିଆର ବିଦେଶୀ ମଦ ଦୋକାନୀ ବିଧୁଭୂଷଣ ପତିଙ୍କ ଅଭିଯୋଗ ଅନୁଯାୟୀ, ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କହି ଏଏସ୍‌ଆଇ ଶ୍ରୀ ମହାନ୍ତ ତାଙ୍କୁ ମାସିକ ୧୦ ହଜାର ଟଙ୍କା ଲାଞ୍ଚ ବାବଦକୁ ୪ ମାସର ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ସଂପର୍କରେ ଶ୍ରୀ ପତି ଭିଜିଲାନ୍ସକୁ ଜଣାଇବା ପରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଶ୍ରୀ ମହାନ୍ତଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା ।



ଶିମିଳିପାଳରେ କଳା ବାଘ ବୁଲୁଥିବାର ଦୃଶ୍ୟ ଭାଇରାଲ

# ଇପିଏଫ୍ ପେନ୍‌ସନର୍ସ ସଂଘର ଦିଲ୍ଲୀ ଚଲୋ ଅଭିଯାନ ନିଷ୍ପତ୍ତି

ଭୁବନେଶ୍ୱର,୧୯।୧୧(ସମିସ): ସର୍ବନିମ୍ନ ପେନସନ ୯୦୦୦ଟଙ୍କାକୁ ବୃଦ୍ଧିସହ ମହଙ୍ଗା ଭତ୍ତା ପ୍ରଦାନ ଘୋଷଣା ନ କରି ଓଡିଶା ସମେତ ସାରା ଦେଶର ୮୦ଲକ୍ଷରୁ ଊର୍ଦ୍ଧ୍ୱ ଇପିଏଫ ପେନସନଧାରୀଙ୍କ ପ୍ରତି କେନ୍ଦ୍ର ସରକାର କ୍ରମାଗତ ଅବିଚାର ଓ ଅବହେଳା କରୁଥିବା ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ଅଭିଯୋଗ କରିଛି ।





ବୟନିକା କର୍ମଚାରୀ ସଙ୍ଘ କାର୍ଯ୍ୟାଳୟ ପରିସରରେ ଇଂ ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ସଂଘର କୋର୍ କମିଟି ବୈଠକରେ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖି କହିଥିଲେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କଦର୍ଥ କରି ଇପିଏଫ କର୍ତ୍ତୃପକ୍ଷ ଅନେକ ସଭ୍ୟଙ୍କୁ ବର୍ଦ୍ଧିତ ପେନସନ ପ୍ରଦାନରୁ ବଂଚିତ କରିଛନ୍ତି । ଏହାର ପ୍ରତିବାଦରେ ଆସନ୍ତା ଡିସେମ୍ବର ୯ ତାରିଖ ଦିନ ଦିଲ୍ଲୀର ହରକିଷନ ସିଂହ ସୁରଜିତ ଭବନରେ ସର୍ବଭାରତୀୟ ଇପିଏଫ ପେନସନର୍ସ ସଙ୍ଘ ମାନଙ୍କର ଏକ ମିଳିତ ବୈଠକ ଆୟୋଜନ କରାଯାଇଛି । ତତ୍‌ସହିତ ୧୦ ତାରିଖରେ ଦିଲ୍ଲୀ ଯନ୍ତରମନ୍ତରଠାରେ ଜାତୀୟ ଇପିଏଫ ପେନସନର୍ସ ସଂଗଠନଙ୍କ ଦ୍ୱାରା ଆହୁତ ଜନ ଆକ୍ରୋଶ ସମାବେଶରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଇପିଏଫ ପେନସନଭୋଗୀମାନେ ଯୋଗ ଦେବା ସହ ଆଗାମୀ ଦିନରେ ଆନେ୍ଦାଳନକୁ ତୀବ୍ର କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଉକ୍ତ ବୈଠକରେ ଜାତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ସରୋଜ କାନ୍ତ ମଲ୍ଲିକ,ଧୀରେନ୍ଦ୍ର ପ୍ରତାପ, ପ୍ରକାଶ କୁମାର ପଟ୍ଟନାୟକ, ଗୀତାଞ୍ଜଳି ପାତ୍ର, ଉର୍ବଶୀ ମିଶ୍ର,ପ୍ରଶାନ୍ତ କୁମାର ରାଉତ, ବସନ୍ତ କୁମାର ପରିଡା ଓ ନରେନ୍ଦ୍ର ନାଥ ମହାନ୍ତି ଙ୍କ ସମେତ ୨୧ଜଣ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ଭୁବନେଶ୍ୱର ସିଟି



# ଲଭ୍-ସେକ୍ସ-ଧୋକା; ଧରାପଡ଼ିଲେ ଯବାନ

■ ବିବାହ ପ୍ରତିଶ୍ରୁତି ଦେଇ ୩ ବର୍ଷ ଧରି ଯୁବତୀଙ୍କୁ ପ୍ରତାରଣା
■ ଦ୍ୱିତୀୟ ପ୍ରେମିକାଙ୍କୁ ପାଉଁଜି ପିନ୍ଧାଉଥିଲା ବେଳେ ଧରାପଡ଼ିଲେ

ଭୁବନେଶ୍ୱର, ୧୯।୧୧(ସମିସ): ରାଜଧାନୀରେ ପୁଣି ଲଭ୍-ସେକ୍ସ-ଧୋକା। ଏଥିରେ ଶିକାର ହୋଇଛନ୍ତି ରାଜଧାନୀର ଏକ ପ୍ରତିଷ୍ଠିତ କଲେଜରୁ ପାସ୍ କରିଥିବା ଜଣେ ଯୁବତୀ। ଏୟାରଫୋର୍ସ ଗ୍ରାଉଣ୍ଡ ଷ୍ଟାଫ୍ ଗୋଲଖ ବିହାରୀ ଦୀକ୍ଷିତ ତାଙ୍କୁ ବିହାର ପ୍ରତିଶ୍ରୁତି ଦେଇ ୩ବର୍ଷ ଧରି ପ୍ରତାରଣା କରିଛନ୍ତି। ବାରମ୍ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶେଷରେ ୟୁନିଟ୍-୧ ମାର୍କେଟ ଅଞ୍ଚଳରେ ଦ୍ୱିତୀୟ ପ୍ରେମିକାଙ୍କୁ ଏକ ଅଳଙ୍କାର ଦୋକାନରେ ପାଉଁଜି ପିନ୍ଧାଉଥିଲା ବେଳେ ପୂର୍ବରୁ ପ୍ରତାରିତ ଯୁବତୀ ମାଡି ବସିଥିଲେ। ଏହାପରେ ତାଙ୍କର ଅସଲ ମୁଖା ଖୋଲି ଯାଇଥିଲା। ଏନେଇ ସମ୍ପୃକ୍ତ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତାଙ୍କୁ ଗିରଫ କରିଛି।

ପୁଲିସ ସୂଚନା ମୁତାବକ, ଦୁହିଁଙ୍କ ଘର ନୟାଗଡ଼ ଜିଲ୍ଲା ଇଟାମାଟି ଅଞ୍ଚଳରେ। ଏଠାରେ ସେମାନଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହୋଇଥିଲା। ସେହି ସମୟରେ ଯୁବତୀ ଜଣଙ୍କ କଲେଜରେ ପାଠ ପଢୁଥିଲେ। ବିବାହ ଆଳରେ ତାଙ୍କ ସହ ରାଜଧାନୀକୁ ଆସି ବୁଲାବୁଲି କଲେ। ପରେ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ସ୍ଥାପନା କଲେ। ୩ବର୍ଷ ପରେ ତାଙ୍କ ଠାରୁ ଦୂରେଇବା ଆରମ୍ଭ କଲେ। ହାବ ଭାବରେ ପରିବର୍ତ୍ତନ ଆସିଲା। ଏନେଇ ଯୁବତୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲା।



ଏପରିକି ଆଉ ଜଣେ ଯୁବତୀଙ୍କୁ ପ୍ରେମ କରୁଥିବା ପ୍ରତାରିତ ଯୁବତୀ ଜଣଙ୍କ କୌଣସି ସୂତ୍ରରୁ ଜାଣିବାକୁ ପାଇଲେ।

ସେ ଲଦାଖରୁ ଛୁଟିରେ ଭୁବନେଶ୍ୱରରେ ଥିବା ଜାଣି ଯୁବତୀ ଜଣଙ୍କ ତାଙ୍କୁ ପିଛାକଲେ। ୟୁନିଟ୍-୧ ଅଞ୍ଚଳରେ ଦ୍ୱିତୀୟ ପ୍ରେମିକାଙ୍କୁ ଏକ ଦୋକାନରେ ପାଉଁଜି ପିନ୍ଧାଉଥିଲେ। ପ୍ରତାରିତ ଯୁବତୀ ଜଣଙ୍କ ତାଙ୍କୁ ଦେଖିଦେଲେ। ସେହି ଦୋକାନକୁ ଯାଇ ତାଙ୍କ ମୁଖା ଖୋଲିଦେଲେ। ମୋତେ ବିବାହର ପ୍ରତିଶ୍ରୁତି ଦେଲେ ଅନ୍ୟ ଜଣଙ୍କୁ କାହିଁକି ପାଉଁଜି ପିନ୍ଧାଉଛ। ଏମିତି କ'ଣ ପାଇଁ କଲ ବୋଲି ପଚାରିଥିଲେ। ହେଲେ ସେ କିଛି ଉତ୍ତର ଦେଇ ପାରି ନ ଥିଲେ। ପରେ ଜଣାପଡ଼ିଥିଲା ଗୋଲଖଙ୍କ ଦ୍ୱିତୀୟ ପ୍ରେମିକା। ଘଟଣାସ୍ଥଳରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଶେଷରେ ଯୁବତୀ ଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ତାଙ୍କୁ ଗିରଫ କରିଥିଲା।

# ପୁଣି ଆତଙ୍କ ରଚିଲା ଥାର୍

ଭୁବନେଶ୍ୱର, ୧୯।୧୧(ସମିସ): ରାଜଧାନୀରେ ପୁଣି ଥାର୍ ଖେଳାଇଲା ଆତଙ୍କରାଜ୍। ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ଏକ ଝୁମ୍ପୁଡି ଦୋକାନ ଭିତରକୁ ମାଡ଼ିଯାଇଥିଲା। ଏକ ସ୍କୁଟିକୁ ଦୁର୍ଘଟଣା ଘଟାଇ ବହୁ ଦୂର ଘୋଷାଡି ଘୋଷାଡି ଟାଣି ଅଣିଲା। ସ୍କୁଟିକୁ ପାର୍କିଂ କରି ବାହାରେ ଚିକେନ୍ କିଣୁଥିବାରୁ ସ୍କୁଟି ଚାଳକ ଏବଂ ତାଙ୍କ ସହଯୋଗୀ ବଞ୍ଚି ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ, ଲକ୍ଷ୍ମୀସାଗର ଝାରପଡ଼ା କେନାଲ ରୋଡରେ ରାତି ପ୍ରାୟ ୯ଟା ୧୫ ବେଳେ ଏକ ଥର୍ ଦ୍ରୁତଗତିରେ ଆସି ଦୁର୍ଘଟଣା ଘଟାଇଛି। ଏହି ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା ବେଳେ ଏକ ସ୍କୁଟି କ୍ଷତି ଗ୍ରସ୍ତ ହୋଇଛି। ରାସ୍ତାରେ ପାର୍କିଂ ହୋଇଥିବା ସ୍କୁଟିକୁ ଥାର୍ (ଓଡି୩୩ଏଟି୧୨୩୩) ଘୋଷାଡି ନେବା ସହ ଏକ ଝୁମ୍ପୁଡି ଦୋକାନକୁ ଭାଙ୍ଗି ଦେଇଥିଲା ସୂଚନା ଅନୁଯାୟୀ, ଥାର୍ଟି ଝାରପଡ଼ା କେନାଲ ରୋଡ ହୋଇ ବଡ଼ଗଡ଼ କେନାଲ ରୋଡ ଅଭିମୁଖେ ଆସୁଥିବା ବେଳେ ହଠାତ୍ ପାଣୀଟାଙ୍କି ରୋଡ ଆଡକୁ ବୁଲାଉଥିବା ବେଳେ ଭାରସାମ୍ୟ ହରାଇଥିଲା। ରାସ୍ତାରେ ଥିବା ସ୍କୁଟିକୁ ଘୋଷାଡି ନେବା ସହ କେନାଲ ରାସ୍ତାରେ ଥିବା ଏକ ଛୋଟ ଦୋକାନ ଭିତରେ ପଶିଯାଇଥିଲା ଦୁର୍ଘଟଣା ସମୟରେ ସ୍ଥାନୀୟ ଲୋକଙ୍କ ମନରେ ଆତଙ୍କ ଖେଳିଯାଇଥିଲା। ପୁଲିସ ଦୁର୍ଘଟଣା ଘଟାଇଥିବା ଥାର୍‌କୁ ଜବତ କରି ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବରପ୍ରସ୍ତୁତି ଯାଏ ଏନେଇ ଥାନାରେ ରିପୋର୍ଟ ହୋଇ ନ ଥିବା ଜଣାପଡ଼ିଛି।

# ସାଲିଆସାହିରେ ପୁଣି ଭାଙ୍ଗିଲା ୩୪୦ ଘର

ଭୁବନେଶ୍ୱର, ୧୯।୧୧(ସମିସ): ରାଜଧାନୀର ସବୁଠାରୁ ବଡ଼ ବସ୍ତି ସାଲିଆସାହିକୁ ମାଟିରେ ମିଶାଇ ଦିଆଯାଉଛି। ଦ୍ୱିତୀୟ ଦିନରେ ପ୍ରାୟ ୩୪୦ରୁ ଊର୍ଦ୍ଧ୍ୱ ଘରକୁ ଭାଙ୍ଗି ଦିଆଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ୧୩ ଜେସିବିବ ଏବଂ ଗୋଟିଏ ଚେନ୍ ମାଉଣ୍ଟେଡ୍ ପ୍ରୋକ୍ଲିନ୍ ମେସିନ୍ ଭାଙ୍ଗିବା କାର୍ଯ୍ୟରେ ଲଗାଯାଇଛି। ଏହି ମେସିନ୍ ଲୋକଙ୍କ ଘରକୁ ଭାଙ୍ଗି ମାଟିରେ ମିଶାଇଦେଇଥିଲା। ଦୁଇଦିନରେ ମୋଟ୍ ଉଚ୍ଛେଦ ସଂଖ୍ୟା ୪ଶହରେ ପହଞ୍ଚିଛି। ଉଚ୍ଛେଦ ପ୍ରକ୍ରିୟା ଆଉ ମାତ୍ର ଗୋଟିଏ ଦିନରେ ସମାପ୍ତ ହେବ ବୋଲି ବିଡ଼ିଏ ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ଦିନରେ ମଧ୍ୟ ଚାପା ଉତ୍ତେଜନା ଦେଖାଦେଇଥିଲା। ଲୋକେ ଘର ବଦଳରେ ଜାଗା ଦାବି କରିଥିଲେ।



ସ୍ଥାନୀୟ ନେତାଙ୍କ କହିବା ଅନୁଯାୟୀ, ବୁଲଡୋଜର ଲଗାଇ ୧୬୬ ଆଦିବାସୀ ବସ୍ତି ବାସିନ୍ଦାଙ୍କୁ ରାତିରେ ଭୀଷଣ ଶୀତ ଏବଂ ଦିନର ଅସହ୍ୟ ଖରା ହେଉଥିବା ସମୟରେ ରାସ୍ତାକୁ ପିଙ୍ଗିଦେଇଛନ୍ତି। ଛୁଆଠୁ ଆରମ୍ଭ କରି ବୃଦ୍ଧ ସମସ୍ତେ ଖୋଲା ଆକାଶରେ ଭୋକ ଉପବାସରେ ଛଟପଟ ହେଉଛନ୍ତି। ସାତଦିନ ମଧ୍ୟରେ ୫୬୬ ପରିବାରଙ୍କୁ ଉଚ୍ଛେଦ କରିବା ପାଇଁ ଯୋଜନା ରହିଛି। ଏହି ନିର୍ମମ, ନିର୍ଦୟ ଓ ଅମାନବୀୟ କାମ କେବଳ ବିଜେପି ସରକାର ହିଁ କରିପାରେ। ଭୁବନେଶ୍ୱର ଜଙ୍ଗଲ ଜମିରେ ଗଢ଼ି ଉଠିଥିବା ସାଲିଆ ସାହିର ମୂଳ ବାସିନ୍ଦା ହେଉଛନ୍ତି ଆଦିବାସୀ ଗାଁର ବସ୍ତିବାସିନ୍ଦା। ୫୦ ବର୍ଷରୁ ଅଧିକ ବର୍ଷ ଧରି ଏମାନେ ଜଙ୍ଗଲ ଜମିରେ ରହିଆସୁଥିଲେ। ଆଦିବାସୀମାନଙ୍କୁ ଅତି ନିଷ୍ଠୁର ଭାବେ ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥିବା ବିଜେପି ସରକାର ଆଦିବାସୀଙ୍କ ଘର ଉଜାଡିଦେଉଛନ୍ତି।

ଜଙ୍ଗଲ ଅଧିକାର ଆଇନ -୨୦୦୬, ବସ୍ତି ବାସିନ୍ଦାଙ୍କ ଜମି ଅଧିକାର ଆଇନ -୨୦୧୭ ଏବଂ ବଞ୍ଚିବାର ତଥା ବାସଗୃହର ଅଧିକାର ଆଇନକୁ ସରକାର ଖୋଲା ଖୋଲି ଉଲ୍ଲଂଘନ କରି ଆମ ରାଜ୍ୟରେ ପ୍ରଥମଥର ବୁଲଡୋଜର ଲଗାଇ ଆଦିବାସୀ ପରିବାରକୁ ମାଟିରେ ମିଶାଇ ଦେଇଛନ୍ତି। ପାଖାପାଖି ୧୦୦ ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କୁ ଗିରଫ କରି ୧୨ ଘଣ୍ଟା ରଖି ଛାଡ଼ିଦେଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ ସାଲିଆସାହି ପରିଦର୍ଶନରେ ଯାଇଥିଲେ। ପ୍ରଥମେ ଲୋକଙ୍କୁ ଥଇଥାନ କରାଯିବା ପରେ ଉଚ୍ଛେଦ କରାଯାଉ ବୋଲି ଶ୍ରୀ ରାଉତରାୟ ଦାବି କରିଛନ୍ତି।

# ଆର୍‌ଟିଓ କାର୍ଯ୍ୟାଳୟ ଆଗରୁ ୯ ଦଲାଲ୍ ଗିରଫ

■ ସୁବିଧା ଆଳରେ ଲୋକଙ୍କୁ ଠକୁଥିଲେ
■ ୯ ଲାପଟପ୍ ଓ ୨ ପ୍ରିଣ୍ଟର୍ ଜବତ
■ ଗିରଫଙ୍କ ମଧ୍ୟରେ ଅଭ୍ୟାସଗତ ଅଭିଯୁକ୍ତ



ଭୁବନେଶ୍ୱର, ୧୯।୧୧ (ସମିସ): ଆରଟିଓ ୧ କାର୍ଯ୍ୟାଳୟ ଆଗରୁ ୯ ଜଣ ଦଲାଲଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ନିଜକୁ ଆରଟିଓ କର୍ମଚାରୀ ବୋଲି ପରିଚୟ ଦେଇ ଲୋକଙ୍କୁ ଠକୁଥିବା ଅଭିଯୋଗରେରେ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିପିନ କୁମାର ନାୟକ (୩୦), ଜୀବନ ଦାସ (୨୩), ସବ୍ୟସାଚୀ ଖଣ୍ଡୁଆଳ (୨୨), ସୁକାନ୍ତ ବାରିକ (୩୩), ସିତୁନ କୁମାର ମହାନ୍ତି (୨୫), ବିକ୍ରମ ମହାରଣା (୩୬), ନିରଞ୍ଜନ ଖଟୁଆ (୪୨), ବିଶ୍ୱରଞ୍ଜନ ବାରିକ (୩୫) ଓ ସୋନୁ ବାରିକ (୨୨)। ସମସ୍ତେ ସ୍ଥାନୀୟ ସୁକ ବିହାର ଅଞ୍ଚଳର।

ପୁଲିସ ସୂଚନାନୁସାରେ, ଆଚାର୍ଯ୍ୟ ବିହାରସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ୧ରେ ଦଲାଲମାନେ ସକ୍ରିୟ ଥିବା ନେଇ ସହିଦନଗର ଥାନା ପୁଲିସ ଖବର ପାଇଥିଲା। ସେମାନେ ନିଜକୁ ଆରଟିଓ ପରିଚୟ ଦେଇ ଲୋକଙ୍କୁ ସୁବିଧା ଯୋଗାଇବା ଆଳରେ ଠକୁଥିବା ପୁଲିସ ଜାଣିବାକୁ ପାଇଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ଦ୍ୱିପହର ସମୟରେ ହଠାତ୍ ଆରଟିଓ ଆଗରେ ଚଢ଼ଉ କରିଥିଲା। ସେଠାରୁ ଉପୋରକ୍ତ ୯ ଜଣ ଦଲାଲଙ୍କୁ ଗିରଫ କରିଥିଲା। ସେମାନେ ସେଠାରେ ଲାପଟପ୍ ଓ ପ୍ରିଣ୍ଟର ରଖି ଲୋକଙ୍କୁ ଠକିବାରେ ବ୍ୟବହାର କରୁଥିବା ଜାଣିବାକୁ ପାଇଥିଲା। ପୁଲିସ ମୋଟ ୯ଟି ଲାପଟପ୍ ଓ ୨ଟି ପ୍ରିଣ୍ଟର ମେସିନ୍ ମଧ୍ୟ ଜବତ କରିଥିଲା।

ଅଭିଯୁକ୍ତମାନେ ଆରଟିଓ ଅଫିସ୍ କର୍ମଚାରୀ କହି ଲୋକଙ୍କୁ କମ୍ ଟଙ୍କାରେ ଶୀଘ୍ର ସେବା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥିଲେ ପୁଲିସ ଆଗରେ ସ୍ୱୀକାର କରିଥିଲେ। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ/ ନବୀକରଣ, ଏନଓସି, ମାଲିକାନା ହସ୍ତାନ୍ତର, ପଞ୍ଜିକରଣ, ଫିଟନେସ୍ ସାର୍ଟିଫିକେଟ୍ ଓ ବୀମା ସଂକ୍ରାନ୍ତ କାମ ପାଇଁ ଲୋକମାନଙ୍କୁ ଠାରୁ ଅବୈଧ ଟଙ୍କା ନେଇଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିଲା। ଏମିତିକି ନିର୍ଦ୍ଧାରିତ ସରକାରୀ ଦରଠାରୁ ଅଧିକ ଟଙ୍କା ନେଇ ପ୍ରାୟ ୫ ଟଙ୍କା ରୋଜଗାର କରୁଥିବା କଥା ମଧ୍ୟ କହିଥିଲେ।

ଆରଟିଓ ଅଫିସ୍ ଆଗରୁ ଦଲାଲ ଗିରଫ ହେବା ଘଟଣା ନୂଆ ନୁହେଁ, ପୂର୍ବରୁ ମଧ୍ୟ ଏକାଧିକ ଥର ଦଲାଲଙ୍କୁ ଗିରଫ କରିଛି ପୁଲିସ। ଗିରଫଙ୍କ ମଧ୍ୟରେ ଥିବା ସୁକାନ୍ତ ମଧ୍ୟ ୩ ବର୍ଷ ପୂର୍ବେ ମଧ୍ୟ ଜେଲ୍ ଯାଇଥିଲା। ଆଜି ସୁକାନ୍ତ ପୁଣିଥରେ ଗିରଫ ହେବାପରେ ସେ ଜେଲରୁ ଫେରି ଦଲାଲି କରୁଥିବା କଥା ସ୍ପଷ୍ଟ ହୋଇଛି। ଏନେଇ ସହିଦନଗର ଥାନା ପୁଲିସ ନିଜ ଆଡ୍ରୁ ଏକ ମାମଲା ରୁଜୁ କରି ୯ ଜଣଙ୍କୁ କୋର୍ଟ ଚାଲାଣ କରିଛି।

# ବିଧାୟକଙ୍କ ଶାଶୁ, ଶ୍ୱଶୁରଙ୍କ ନାଁରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର, ୧୯।୧୧(ସମିସ): ଜଣେ ବିଧାୟକଙ୍କ ଶାଶୁ, ଶ୍ୱଶୁର ଓ ଶଳାଙ୍କ ନାଁରେ ଆସିଛି ମହିଳା ନିର୍ଯାତନା ଅଭିଯୋଗ। ଚନ୍ଦ୍ରଶେଖପୁର ଥାନାରେ ଏନେଇ ଅଭିଯୋଗ ହୋଇଛି। ଶଳା ଭାଉଜ, ଶାଶୁ, ଶ୍ୱଶୁର ଓ ସ୍ୱାମୀଙ୍କ ନାଁରେ ଏଭଳି ନିର୍ଯାତନାର ସାଂଘାତିକ ଅଭିଯୋଗ କରିଛନ୍ତି। ତାଙ୍କୁ ପରିବାର ଲୋକେ ଚାକିରି କରାଇବାକୁ ନ ଦେବା ଏବଂ ଗାଳିଗୁଲଜ ସହ ସାଂଘାତିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ମୁତାବକ କିଛିବର୍ଷ ପୂର୍ବେ ବିଧାୟକଙ୍କ ଶଳାଙ୍କ ବିବାହ ହୋଇଥିଲା। ଶଳା ରାଜ୍ୟ ବାହାରେ ରହିବା ସହ ଶଳା ଭାଉଜ ଚାକିରି କରୁଥିଲେ। ବିବାହ ଦିନ ଗଡିବାରେ ପରେ ଶଳା ଭାଉଜଙ୍କୁ ଚାକିରି ଛାଡିବାକୁ ବାଧ କରାଗଲା। ଶଳା ଭାଉଜ ଅରାଜି ହେବାରୁ ତାଙ୍କୁ ବିଭିନ୍ନ ମାଧ୍ୟମରେ ଚାପ ପକାଗଲା। ଏଥିରେ ପ୍ରତିବାଦ କରିବାରୁ ତାଙ୍କୁ ନିର୍ଯାତନା ଦିଆଗଲା। ସ୍ୱାମୀ ଓ ଶାଶୂ, ଶ୍ୱଶୁର ସମସ୍ତେ ମିଶି ନିର୍ଯାତନା ଦେବା ଆରମ୍ଭ କଲେ। ନେଡି ଗୁଡ କହୁଣିକୁ ବୋହି ଯିବାରୁ ଶଳା ଭାଉଜ ଥାନାର ଦ୍ୱାରସ୍ଥ ହେଲେ। ପୁଲିସ ଆପୋଷ ସମାଧାନ ପାଇଁ ପରାମର୍ଶ ଦେଲା। ହେଲେ ଏହା ବିଫଳ ହୋଇଛି ବୋଲି ଜଣାପଡ଼ିଛି।

### ସରକାରୀ ଆୟୁର୍ବେଦ ହସ୍ପିଟାଲରେ ନାହିଁ ଶୌଚାଳୟ

# ଦୁଇ ଘଣ୍ଟାରୁ ଅଧିକ ରହିପାରୁନାହାନ୍ତି ଡାକ୍ତର!

ଭୁବନେଶ୍ୱର, ୧୯।୧୧ (ସମିସ): ରାଜଧାନୀ ଉପକଣ୍ଠ ତମାଣ୍ଡୋ ଠାରେ ଥିବା ସରକାରୀ ଆୟୁର୍ବେଦ ହସ୍ପିଟାଲର କରୁଣ ଦୃଶ୍ୟ ସାମ୍ନାକୁ ଆସିଛି। ପ୍ରତିଦିନ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ଏଠାକାର ଡାକ୍ତରଖାନାରେ ମୌଳିକ ସୁବିଧାଟିଏ ବି ନାହିଁ। ତମାଣ୍ଡୋ ଗ୍ରାମକୁ ପ୍ରବେଶ କରୁ କରୁ ଛକ ଉପରେ ରହିଛି ଏହି ସରକାରୀ ଆୟୁର୍ବେଦ ଚିକିତ୍ସାଳୟ। ଜଣେ ମହିଳା ଡାକ୍ତର ପ୍ରତିଦିନ ଏହି ଡାକ୍ତରଖାନାକୁ ଆସୁଛନ୍ତି। ତାଙ୍କ ଚିକିତ୍ସାର ଖ୍ୟାତି ମଧ୍ୟ ବଢ଼ିବାରେ ଲାଗିଛି। ଦୀର୍ଘ ଦିନ ହେଲା ବିଭିନ୍ନ ରୋଗରେ ପୀଡ଼ିତ ବ୍ୟକ୍ତି ଏଠାକୁ ଆସି ଉପଯୁକ୍ତ ଚିକିତ୍ସା ପାଇ ଆରୋଗ୍ୟ ଲାଭ କରିଛନ୍ତି। ତେଣୁ ଧିରେ ଧିରେ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ତାହା ତୁଳନାରେ ଏଠାରେ କୌଣସି ସୁବିଧା ନାହିଁ। ଏହି ଡାକ୍ତରଖାନା ଭଗବାନଙ୍କ ଭରସାରେ ଚାଲିଛି।

ଧୀରେ ଧୀରେ ଲୋକେ ଆୟୁର୍ବେଦକୁ ଭରସା କରୁଥିବାବେଳେ ଭିତ୍ତିଭୂମି ସମସ୍ୟା ଏବଂ ସରକାରଙ୍କ ଅବହେଳା କାରଣରୁ ଲୋକେ ମୁହଁ ମୋଡୁଛନ୍ତି। ଏହି ଡାକ୍ତରଖାନା ମାତ୍ର ଗୋଟିଏ ପ୍ରକୋଷ୍ଠରେ ଚାଲିଛି। ଏଠାକୁ ସ୍ଥାୟୀ ବିଦ୍ୟୁତ ସଂଯୋଗ ମଧ୍ୟ ନାହିଁ। ଅନ୍ୟ



ଦୋକାନୀଙ୍କଠାରୁ ବିଦ୍ୟୁତ ଆଣି ଡାକ୍ତରଖାନାକୁ ଚଲାଯାଉଛି। ଆଉ ଯଦି ବିଦ୍ୟୁତ ଦେଉଥିବା ବ୍ୟକ୍ତି କେଉଁଦିନ ନ ଆସନ୍ତି ତେବେ ଡାକ୍ତରଖାନା ଅନ୍ଧାରରେ ରହୁଛି। ଡାକ୍ତରଙ୍କଠାରୁ ରୋଗୀ ସମସ୍ତେ ହନ୍ତସନ୍ତ ହେଉଛନ୍ତି। ସବୁଠାରୁ ବଡ଼ ସମସ୍ୟା ଶୌଚାଳୟର। ଦିନକୁ ଶହେରୁ ଅଧିକ ରୋଗୀ ଆସୁଥିଲେ ବି ଏଠାରେ ଗୋଟିଏ ଶୌଚାଳୟ ବି ନାହିଁ। ତେଣୁ ରୋଗୀ ଦେଖିବାକୁ ଆସୁଥିବା ମହିଳା ଡାକ୍ତରଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଶୌଚାଳୟ ନ ଥିବାରୁ ଡାକ୍ତରାଣୀ ଦୁଇ ଘଣ୍ଟାରୁ ଅଧିକ ସମୟ ରହିବା କଷ୍ଟ ହେଉଯାଉଛି। ଏଥିପାଇଁ ଅନେକ ରୋଗୀ ଚିକିତ୍ସା ସେବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସେହିପରି ବର୍ଷା ହେଲେ ଡାକ୍ତରଖାନା ଆଜବେଷ୍ଟେସରୁ ପାଣି ଗଳୁଛି। ଟିକେ ଅଧିକ ବର୍ଷାରେ ଡାକ୍ତରଖାନା ଭିତରେ ଆଣ୍ଠୁଏ ପାଣି ଜମୁଛି। ଏଥିଯୋଗୁଁ ଜରୁରୀ ସାମଗ୍ରୀ ଓଦା ହୋଇଯାଉଛି। ଔଷଧ ରଖାଯାଉଥିବା ବାକ୍ସ ମଧ୍ୟ ବୁଡିଯାଉଛି। ଫଳରେ ଔଷଧ ନଷ୍ଟ ହେଉଛି। ବର୍ଷା ହେଲା ମାତ୍ରେ ଏହି ଡାକ୍ତରଖାନାରେ ରୋଗୀ ଓ କର୍ମଚାରୀ ରହିବା ଅସମ୍ଭବ ହୋଇପଡୁଛି। ଏହା ବ୍ୟତୀତ ଆବଶ୍ୟକ ଔଷଧ ସରିଯାଉଥିବାରୁ ରୋଗୀ ଫେରିଯାଉଥିବା ଅଭିଯୋଗ ହେଉଛି।

### ● କଣ୍ଡକ୍ଟରଙ୍କୁ ଆକ୍ରମଣ କରି ଲୁଟ୍

# ୫ ବର୍ଷ ପରେ ଧରାପଡ଼ିଲା ଅଭିଯୁକ୍ତ



ଭୁବନେଶ୍ୱର, ୧୯।୧୧ (ସମିସ): କଣ୍ଡକ୍ଟରଙ୍କୁ ଆକ୍ରମଣ କରି ଲୁଟ୍ କରିଥିବା ଘଟଣାର ୫ ବର୍ଷ ପରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରମୁଣ୍ଡା ପାଲା ମଣ୍ଡପର ବାଦଲ ପାଟଶାଣୀ।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରୀ ଅନିଲ ଦାସ କଟକରୁ ମାଲକାନଗିରି ଯାଉଥିବା ଦିଲଖୁସ୍ ବସର କଣ୍ଡକ୍ଟର ଭାବେ କାର୍ଯ୍ୟ କରନ୍ତି। ୨୦୨୦ ମସିହା ଜୁଲାଇ ୨୪ ତାରିଖ ସକାଳେ ଯାତ୍ରୀମାନେ ବରମୁଣ୍ଡା ଓଭରବ୍ରିଜ୍ ତଳେ ବସରୁ ଓହ୍ଲାଉଥିବା ବେଳେ ଭରତ ପ୍ରଧାନ ଓ ତା'ର ସହଯୋଗୀ ବାଦଲ ପାଟଶାଣୀ, କାହ୍ନୁ, ସାନୁ, ଦୀପୁ ଓ ଅନ୍ୟମାନେ ବସ୍ ଭିତରେ ପଶି ଅନିଲଙ୍କୁ ଆକ୍ରମଣ କରିଥିଲେ। ଜୋରଜବରଦସ୍ତ ତାଙ୍କ ପକେଟରୁ ୧୯୦୦ ଟଙ୍କା ଛଡ଼ାଇ ନେବା ସହ ଉକ୍ତ ବସରେ ଆଉ ଡ୍ୟୁଟି ନ କରିବାକୁ ଧମକ ଦେଇଥିଲେ। ଏନେଇ ଅନିଲ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ସୌମ୍ୟରଞ୍ଜନ, ଭରତ, କାହ୍ନୁ, ପ୍ରସନ୍ନକୁ ଗିରଫ କରିଥିଲଖ। ହେଲେ ଘଟଣା ପରଠାରୁ ବାଦଲ ଫେରାର ରହିଥିଲା। ଗତକାଲି ରାତିରେ ଖଣ୍ଡଗିରି ଥାନା ପୁଲିସ ବାଦଲକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।

# ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ଭୁବନେଶ୍ୱର, ୧୯।୧୧(ସମିସ): ରାଜଧାନୀରେ ବ୍ରାଉନସୁଗର୍ କାରବାର ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ବଡ଼ଗଡ଼ ଅଞ୍ଚଳର ପ୍ରଦୀପ କୁମାର ପାତ୍ର ଏବଂ ମହମ୍ମଦ ସେହେନୱାଜ୍ ହୁସେନ୍। ଅଭିଯୁକ୍ତଦ୍ୱୟଙ୍କ ଠାରୁ ପୁଲିସ ୨୬୪ଗ୍ରାମ୍‌ର ବ୍ରାଉନ୍‌ସୁଗର ଜବତ ହୋଇଛି। ଏହାସହ ୩ମୋବାଇଲ୍ ଏବଂ ଗୋଟିଏ ମୋଟର ସାଇକଲ୍ ଜବତ କରାଯାଇଛି। ଏସ୍‌ଟିଏଫ୍ ସୂଚନା ମୁତାବକ, ଧଉଳି ଶାନ୍ତି ସ୍ତୂପ ନିକଟରେ ଏମାନେ ବ୍ରାଉନ୍‌ସୁଗର ନେଇ ଆସୁଥିଲେ। ଆଣିଥିବା ବ୍ରାଉନସୁଗରକୁ ରାଜଧାନୀର ଛୋଟ ଛୋଟ ବ୍ରାଉନ୍‌ସୁଗର ବେପାରୀଙ୍କୁ ବିକ୍ରି କରିଥାନ୍ତେ। ହେଲେ ପୁଲିସ ଭୋର ସମୟରେ ଉଭୟଙ୍କୁ ମାଡ଼ିବସିଥିଲା।

# ବନ୍ଦ ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ

ଭୁବନେଶ୍ୱର, ୧୯।୧୧(ସମିସ): ମଞ୍ଚେଶ୍ୱର ଥାନା ଅଧୀନ ପ୍ରାଚୀବିହାରରେ ବୁଧବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଜବତ କରିଛି। ମୃତ ଯୁବତୀ ହେଲେ କଟକ ଜିଲା ନିଆଳି ଅଞ୍ଚଳର ମୋନାଲିସା ମହାନ୍ତି (୨୨)। ମୋନାଲିସାଙ୍କ ମୃତଦେହ ବନ୍ଦ ଘରେ ଫ୍ୟାନରେ ଓଢଣୀ ଦ୍ୱାରା ଝୁଲି ଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୁଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିବା ବେଳେ ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏନେଇ ପରିବାର ଲୋକଙ୍କ ରିପୋର୍ଟ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପ୍ରେମ ସମ୍ପର୍କରେ ତିକ୍ତତାକୁ ନେଇ ମୋନାଲିସା ଏଭଳି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପୁଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ମୋନାଲିସା କିଛିମାସ ହେବ ଭଡା ଘରେ ରହିବା ସହ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ବୁଧବାର ସକାଳେ ମୋନାଲିସ କବାଟ ବନ୍ଦ କରିଦେଇଥିଲେ। ଏନେଇ ମୋନାଲିସାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକ ପହଞ୍ଚିବା ପରେ ପୁଲିସ କବାଟ ତାଡି ମୃତଦେହ ଜବତ କରିଥିଲା। ପୁଲିସ ମୋନାଲିସାଙ୍କ ମୋବାଇଲ ଜବତ କରି ଛାନ୍‌ଭିନ୍ ଚଳାଇଛି।

### ବିଲରୁ ମୃତଦେହ ମିଳିବା ଘଟଣା

# ମିଳିଲା ପରିଚୟ; ଖୋଜାଚାଲିଛି କାରଣ

ଭୁବନେଶ୍ୱର, ୧୯।୧୧ (ସମିସ): ଗୋଠପାଟଣା ଥୋଡ଼ିଆବନ୍ଧ ନିକଟରୁ ଠାବ ହୋଇଥିବା ଗଳିତ ମୃତଦେହର ପରିଚୟ ମିଳିଛି। ମୃତକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା କପ୍ତିପଦାର ଭୀମ ହାଁସଦା (୪୦)। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୁଲିସ। କିନ୍ତୁ କିଭଳି ଏବଂ କେଉଁ ପରିସ୍ଥିତିରେ ଭୀମଙ୍କ ମୃତ୍ୟୁ ଘଟିଲା ତାକୁ ନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଗୋଠପାଟଣା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିବା ଭୀମ ଗତ ୭ ତାରିଖ ସନ୍ଧ୍ୟାରେ ମାଛ ମାରିବାକୁ ଯାଉଛି କହି ଘରୁ ବାହାରି ଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଘରକୁ ଫେରିନଥିଲେ। ପତ୍ନୀ ଅନେକ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା ଗତକାଲି ବିଲ ମଝିରେ ମୃତଦେହ ପଡ଼ିଥିବା ଖବରପାଇ ଚନ୍ଦକା ଥାନା ପୁଲିସ ପହଞ୍ଚିଥିଲା। ଏଥିସହିତ ଭୀମଙ୍କ ପତ୍ନୀ ମଧ୍ୟ ସେଠାରେ ପହଞ୍ଚି ଚିହ୍ନଟ କରିବାକୁ ଉଦ୍ୟମ କରିଥିଲେ। ପାଖରେ ପଡ଼ିଥିବା ଚପଲ, ହାଫ୍ ପ୍ୟାଣ୍ଟ ଓ ଟି ସାର୍ଟରୁ ମୃତଦେହଟି ଭୀମଙ୍କର ବୋଲି ପତ୍ନୀ ଚିହ୍ନଟ କରିଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହଟି ଭୀମଙ୍କର କି ନାଇଁ ପୁଲିସ ମଧ୍ୟ ସନ୍ଦେହରେ ରହିଥିଲା। ହେଲେ ଆଜି ଏମ୍ସରେ ମୃତଦେହ ବ୍ୟବଚ୍ଛେଦ କରିବା ବେଳେ ମହିଳାଙ୍କୁ ଡକା ଯାଇଥିଲା। ପତ୍ନୀ ଗତକାଲି ପୋଷାକ ଓ ଚପଲରୁ ଚିହ୍ନିଥିବା ବେଳେ ଆଜି ତାଙ୍କ ହାତରେ ଥିବା ଟାଟୁକୁ ମଧ୍ୟ ଚିହ୍ନଟ କରିଥିଲେ। ଭୀମଙ୍କ ହାତରେ ଥିବା ଏକ ଚିତ୍ର (ଟାଟୁ) ରୁ ତାଙ୍କ ପରିଚୟ ମିଳିଛି।

ମୃତଦେହଟି ଭୀମଙ୍କର ବୋଲି ଚିହ୍ନଟ ହୋଇଥିଲେ ମଧ୍ୟ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ପାରିନାହିଁ। ମୃତ୍ୟୁର କାରଣ ଜାଣିବା ପାଇଁ ପୁଲିସ ନମୁନା ସଂଗ୍ରହ କରି ରାଜ୍ୟ ଅପରାଧବିଧିବିଜ୍ଞାନଗାର (ଏସଏଫଏସଏଲ) କୁ ପରୀକ୍ଷା ପଠାଯାଇଛି। ହେଲେ ଭୀମଙ୍କ ମୃତ୍ୟୁକୁ ନେଇ କେତେକ ସାମ୍ଭାବ୍ୟ କାରଣ ଲୋକଙ୍କ ମନରେ ଉଙ୍କି ମାରୁଛି।

କେତେକଙ୍କ କହିବାନୁଯାୟୀ ଭୀମଙ୍କ ମୃତଦେହ ମିଳିଥିବା ସ୍ଥାନରେ ଏକ ପାଚେରି ରହିଛି। ସେ ମାଛ ମାରିବା ପାଇଁ ଏକୁଟିଆ ଯାଇଥିବା ବେଳେ ଯଦି କୌଣସି କାରଣବଶତଃ ତଳେ ପଡ଼ି ଯାଇଥିବେ ତେବେ ଚେତାଶୂନ୍ୟ ହୋଇପଡ଼ିଥିବେ କିମ୍ବା କୌଣସି ଅଙ୍ଗ ଭାଙ୍ଗିଯିବା ପରେ ସେ ଉଠିପାରି ନ ଥିବେ। ସାରା ରାତି ସେଠାରେ ପାଟି କରି ଅନ୍ୟକୁ ଡାକିଥିଲେ ମଧ୍ୟ ନିର୍ଜନ ଜାଗା ପାଇଁ ତାଙ୍କ ଡାକ କେହି ଶୁଣିପାରି ନ ଥିବେ। ପାରିଚି ଆଡୁଆଳରେ ସେ ପଡ଼ିଥିବା ଯୋଗୁଁ ପଡ଼ିପଡ଼ି ସେଠାରେ ତାଙ୍କର ମୃତ୍ୟୁ ହୋଇଥାଇପାରେ। ସେହିଭଳି ତାଙ୍କର ହୃଦ୍‌ଘାତଜନିତ ମୃତ୍ୟୁକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ।



ହତ୍ୟା, ସର୍ପଦଂଶନ ନା ହୃଦ୍‌ଘାତଜନିତ ମୃତ୍ୟୁ

ନିକଟରେ ଏକ ନାଳି ଏବଂ ସନ୍ତସନ୍ତିଆ ଜାଗା ହୋଇଥିବା ସେଠାରେ ବିଷଧର ସର୍ପ ଦଂଶନର ସେ ଶିକାର ହୋଇଥାଇପାରନ୍ତି। କିନ୍ତୁ ଜାଣି ପାରି ନ ଥିବେ କିମ୍ବା ଫେରିବା ବାଟରେ ତାଙ୍କର ସାପ କାମୁଡ଼ାର ବିଷକ୍ରିୟାଜନିତ କାରଣରୁ ତାଙ୍କର ମୃତ୍ୟୁକୁ ଅସ୍ୱୀକାର କରାଯାଇ ନ ପାରେ। ଅପରପକ୍ଷେ ଏବେ ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବାର୍‌ହାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ବାର୍‌ହାମାନେ ଖାଦ୍ୟ ଅନ୍ୱେଷଣରେ ବିଲ ଅଞ୍ଚଳରେ ବୁଲୁଥିବା ସମୟରେ ଭୀମ ତାଙ୍କ ହାବୁଡ଼ରେ ପଡ଼ିଥାଇନାରନ୍ତି। ବାର୍‌ହା ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥାଇପାରେ।

ଏସବୁ ପରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ। ପୂର୍ବ ଶତ୍ରୁତା ହେଉ ଅବା ଅନ୍ୟ କିଛି କାରଣ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାଟରେ ବା ଅନ୍ୟ କୌଣସି ସ୍ଥାନରେ କାହାସହ ତାଙ୍କର ଯଦି ବଚସା ହୋଇଥିବ ତେବେ ସେ କାରଣରୁ ମାର୍‌ପିଟ୍ ଏବଂ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥାଇପାରେ ଏବଂ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ହତ୍ୟାକାରୀମାନେ ସେଠାରେ ନିର୍ଜନ ସ୍ଥାନରେ ପକାଇ ଦେଇ ଯାଇଥାଇପାରନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଯେଉଁଠାରେ ବିଜୟର ପଥ ସଂଘର୍ଷପୂର୍ଣ୍ଣ ସେଠାରେ ଜିତିବାର ଆନନ୍ଦ ଅଧିକ।
-ପେଲେ

## ପାଗ ପ୍ରତିକୂଳ

ଏ ବର୍ଷର ବିଳମ୍ବିତ ମୌସୁମୀ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଚାଲିବାରୁ ଅନେକ ଆଶା କରିଥିଲେ ବେଶ ଶୀତ ଅନୁଭୂତ ହେବ। ତାହା ହିଁ ଏବେ ପରିଲକ୍ଷିତ ହୋଇଛି। ତେବେ ଏହି ବର୍ଷା ଓ ଶୀତ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଭୂତି ହେଉଛି ବଜାରରେ ଶୀତଦିନିଆ ପରିବା ଉଭାନ ହୋଇଯାଇଛି। ଚାହିଦା ଅନୁଯାୟୀ ଯୋଗାଣ ହ୍ରାସ ପାଇଥିବାରୁ ପରିବା ମୂଲ୍ୟ ଆକାଶଛୁଆଁ ହୋଇଯାଉଛି। ଅଥଚ ଆମ ପରିସଂଖ୍ୟାନ କହୁଛି ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତରେ ଚାଲିଛି। ଏହା ଗତବର୍ଷର ଅକ୍ଟୋବର ସହ ତୁଳନାତ୍ମକ ବିଚାର। ଗତବର୍ଷ ତୁଳନାରେ ଆମ ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ହାର ବିଯୁକ୍ତ ୧.୮୫ ପ୍ରତିଶତ। ସମଗ୍ର ଦେଶରେ ଓଡ଼ିଶାର ହାର ସର୍ବନିମ୍ନ। ସିଧାସଳଖ କହିଲେ ଏହା ଦରଦାମର ସ୍ଥିତିକୁ ସୂଚିତ କରୁଛି। ରାଜ୍ୟସ୍ତରରେ ଏହି ହାର ରହିଛି ବିଯୁକ୍ତ ୧.୩୯ ପ୍ରତିଶତ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଏହି ହିସାବକୁ ଚ୍ୟାଲେଞ୍ଜ କରିବ କିଏ? ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ସ୍ଥିତି ପୂରା ଓଲଟପାଲଟ ହୋଇଯାଇଛି।

ଆମେ ଏଠାରେ ପାଠକୀୟ ଅନୁଭବ କଥା କହୁଛୁ। ପ୍ରାୟ ପ୍ରତ୍ୟେକ ପରିବାର ନିଜର ତେଲ ଲୁଣ ସଂସାର ପାଇଁ ବଜାର କରୁଥିବେ। ତେଲ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମୂଲ୍ୟ କେତେ କମିଛି ନା ବଢ଼ିଛି ତାହା ସେମାନେ ଅନୁଭବ କରୁଥିବେ। ପରିବା କଥା ନ କହିବା ଭଲ। ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାରୁ ଜମି ପାଗ ଦେଲାନି। ତେଣୁ ବିଳମ୍ବରେ ଆରମ୍ଭ ହୋଇଥିବା ପରିବା ଚାଷର ସୁଫଳ ପାଇବାକୁ ଆହୁରି ଅନ୍ୟୂନ ମାସେ ଅପେକ୍ଷା କରିବାକୁ ପଡ଼ିବ। ଶୀତଦିନିଆ ପରିବା ବଜାର ଏକପ୍ରକାର ଶ୍ରୀହୀନ ହୋଇପଡ଼ିଛି। ଶୀତ ଦିନରେ ବିଲାତି କିଲୋ ଯଦି ୮୦ ଟଙ୍କା ହୁଏ ଅନ୍ୟ ପରିବା କଥା ନ କହିବା ଭଲ। ରାଜ୍ୟରୁ ମୌସୁମୀ ବିଦାୟ ନେବା ପୂର୍ବରୁ ଲଘୁଧାନକୁ ଉଜାଡ଼ି ଦେଇଥିବା ବେଳେ ବଡ଼ ଧାନ ରୋଗପୋକର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି। ଇଏ ହେଲା, ଠିକେ ଠିକେ ଚାଷ ଖବର। ଏଭଳି ପରିସ୍ଥିତିରେ ଖାଉଟି ପାଇଁ ଏମିତି କେଉଁ ସୁବିଧା ସୁଯୋଗ ମିଳିଗଲା ଯେ ସେ ହାତ ଚାଟି ଖାଇବ? ତେଣୁ ପରିସଂଖ୍ୟାନରେ ଏହି ଯାଦୁକାରୀ କେବଳ ଧର୍ମକୁ ଆଖିଠାର।

ଏ କଥା ସତ ଯେ ରାଜ୍ୟକୁ ଆସୁଥିବା ଥଣ୍ଡା ପବନ ଓ ଶୁଷ୍କ ବାୟୁର ପ୍ରଭାବରେ ତାପମାତ୍ରା ତଳମୁହାଁ ହୋଇଚାଲିଛି। କେବଳ ରାଜଧାନୀର ୨୫ ବର୍ଷର ରେକର୍ଡ ଭାଙ୍ଗିବା ବଡ଼କଥା ନୁହେଁ। ନଭେମ୍ବର ମଧ୍ୟଭାଗରେ ତାପମାତ୍ରା ଉତ୍ତର, ଦକ୍ଷିଣ, ପଶ୍ଚିମ ଓ କେନ୍ଦ୍ରାଞ୍ଚଳରେ ବେଶ ଭଲ ଶୀତ ଅନୁଭୂତ ହେଉଛି। ରାଜ୍ୟର ୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିଛି। ଏବର୍ଷ ଜି. ଉଦୟଗିରିରେ ସବୁଠାରୁ କମ (୫.୪ଡିଗ୍ରୀ) ତାପମାତ୍ରା ରହିଥିବାର ରେକର୍ଡ କରାଯାଇଛି। ହଠାତ୍ ଶୀତର ପ୍ରକୋପ ବଢ଼ିଯିବାରୁ ସ୍ୱାଭାବିକ ଭାବେ ଥଣ୍ଡା, ସର୍ଦ୍ଦି ଓ ଗଳାରୋଗ ମଧ୍ୟ ବଢ଼ିଛି। ଆମେ ଏଠାରେ ଯେଉଁ ସମସ୍ୟା ଓ ପରିସ୍ଥିତି ସଂପର୍କରେ ଉଲ୍ଲେଖ କରିଛୁ ତାହା ପରିବେଶ ଗତ ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପରିଲକ୍ଷିତ ହେଉଛି। ତେଣୁ ବ୍ୟବସ୍ଥାକୁ ପରିବେଶ ଅନୁକୂଳ କରିବା ପ୍ରତି ସବୁସ୍ତରକୁ ଧ୍ୟାନ ଦିଆଯିବା ଉଚିତ।

## କୃଷି ଉତ୍ପାଦ ଶୁଳ୍କ ହ୍ରାସ

ରୁଷ ତେଲକୁ ନେଇ ଉପୁନ୍ନ ସମସ୍ୟାର ସମାଧାନ ହୋଇଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ପ୍ରତି ଆଭିମୁଖ୍ୟ ନରମ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଖୁବ୍ ଶୀଘ୍ର ଘୋଷଣା କରାଯିବା ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ଶେଷ ମୂହୂର୍ତ୍ତରେ କିଛି କେଁ ପଶିବା ବିଚିତ୍ର ନୁହେଁ। ଏକଥା ସତ୍ୟ ଯେ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ପରେ ଆମେରିକାକୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଦେଶର ଦରଦାମ ପରିସ୍ଥିତି ନିୟନ୍ତ୍ରଣର ସୀମା ଟପି ଥିବାରୁ ନିଜେ ଟ୍ରମ୍ପ ମଧ୍ୟ ଚାପର ସମ୍ମୁଖୀନ ହୋଇଛନ୍ତି। ସର୍ବଶେଷ ଖବରରୁ ପ୍ରକାଶ ଯେ ୨୫୪ ଟି ସାମଗ୍ରୀ ଉପରୁ ସେ ଶୁଳ୍କ ହାର କମାଇଛନ୍ତି। ୨୨୯ ଟି କୃଷି ସାମଗ୍ରୀ ଏହାର ଅନ୍ତର୍ଭୁକ୍ତ। ଭାରତ ୨୦୨୪ ରେ ୫.୭ ବିଲିୟନ ଡଲାର ମୂଲ୍ୟର କୃଷି ସାମଗ୍ରୀ ରପ୍ତାନି କରିଥିଲା। ନିକଟରେ ଶୁଳ୍କ ଛାଡ଼ ବର୍ଗରେ ଥିବା କୃଷି ସାମଗ୍ରୀ ରପ୍ତାନି ପରିମାଣ ଥିଲା ୧ ବିଲିୟନ ଡଲାର। ଏଭଳି ଏକ ନିଷ୍ପତ୍ତି ବିନିମୟରେ ଆମେରିକାରୁ ଭାରତ ସୋୟାବିନ, ମକା ଓ ଦୁଗ୍ଧ ଗୁଣ୍ଡ ଆମଦାନୀ କରିବ। ପେଟ୍ରୋଲରେ ଇଥାନଲ ମିଶ୍ରଣର ଅନୁପାତ ବୃଦ୍ଧି ପାଇଥିବାରୁ ତାହାର ଚାହିଦା ବୃଦ୍ଧିପାଇଛି। ଆମେରିକାରୁ ଆମଦାନୀ ହେବାକୁ ଥିବା ମକା ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ଭାରତ ଯୋଜନା ସ୍ଥିର କରିଛି।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଶୁଳ୍କ ସଂଶୋଧନ ତାଲିକା ଗତ ୧୪ ତାରିଖରେ ଜାରି କରଯାଇଛି। ନଭେମ୍ବର ୧୩ ତାରିଖରୁ ଏହାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଚା', କଫି, ମସଲା ସହ ଫଳ, କାଜୁ ଓ କୋକୋଆ ପ୍ରସ୍ତୁତ ସାମଗ୍ରୀ ରପ୍ତାନି କରିବା ସକାଶେ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏହା ଫଳରେ ଭାରତୀୟ କୃଷି ଉତ୍ପାଦ ରପ୍ତାନିକାରୀ ଆମେରିକା ବଜାରରେ ପ୍ରତିଯୋଗୀକ୍ଷମ ହୋଇପାରିବେ। ଶ୍ରମଭିତ୍ତିକ କୃଷି କ୍ଷେତ୍ର ପାଇଁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଆଣିଦେଇଛି। ବାଣିଜ୍ୟ ମନ୍ତ୍ରୀ ଆଲୋଚନା ପ୍ରସଙ୍ଗରେ ସୂଚନା ଦେଇଛନ୍ତି ଯେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ଖୁବ୍ ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ। ତେଣୁ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆଗକୁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଅନ୍ୟ ପକ୍ଷରେ ବୟନ ସାମଗ୍ରୀ ଓ ପୋଷାକପତ୍ର ରପ୍ତାନୀ ଏହି ବହିଃଶୁଳ୍କ ଫଳରେ ବାଧାପ୍ରାପ୍ତ ହୋଇଛି। ୨୦୨୪ ରେ ଏହି ସାମଗ୍ରୀ ରପ୍ତାନି ପରିମାଣ ୩,୦୬୧.୫୪ ନିୟୁତ ଡଲାର ଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହା ୨,୬୬୬.୪୧ ନିୟୁତ ଡଲାରକୁ ହ୍ରାସ ପାଇଛି। ତେଣୁ ବର୍ଷକ ମଧ୍ୟରେ ହାରାହାରି ୧୩ ପ୍ରତିଶତ ରପ୍ତାନି ବଢ଼ିଛି। ସେହିଭଳି ଆମେରିକାରେ ସବୁଠାରୁ ଅଧିକ ଚାହିଦା ଥିବା ଗାଲିଚା ରପ୍ତାନି ମଧ୍ୟ ୧୫,୮୦ ପ୍ରତିଶତ ହ୍ରାସ ପାଇଛି। ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ଚୂଡ଼ାନ୍ତ ରୂପରେଖ ଜାଣିବା ସକାଶେ ଉତ୍ସୁକତା ବୃଦ୍ଧି ପାଇଛି।

ଆମ ଦେଶରେ ସୁନା ଓ ରୁପାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଥିବାରୁ ବିଦେଶରୁ ଆମଦାନୀ କରି ଆଭ୍ୟନ୍ତରୀଣ ଚାହିଦା ଭରଣା କରାଯାଇଛି। ଏ ବାବଦ ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଗତ ଅକ୍ଟୋବର ମାସ ସୁଦ୍ଧା ସାମଗ୍ରିକ ଭାବେ ବାଣିଜ୍ୟ ନିଅଣ୍ଟ ୨୧.୮୦ ବିଲିୟନ ଡଲାର ଅତିକ୍ରମ କରିଛି। ରପ୍ତାନୀ ଅପେକ୍ଷା ଅଧିକ ଆମଦାନୀକୁ ପ୍ରୋତ୍ସାହନ ଦିଆଯାଇଛି। ଏହି ନିଅଣ୍ଟ ପରିମାଣ ସଂକୋଚନ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଟ୍ରମ୍ପଙ୍କ ବର୍ଦ୍ଧିତ ବହିଃଶୁଳ୍କ ନୀତି ଓ କଟକଣା ପ୍ରୟୋଗ ରପ୍ତାନୀ ବାଣିଜ୍ୟରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି। ଗତ କିଛିମାସ ଧରି ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ସୁଫଳ ନେଇ ସମସ୍ତେ ଆଶାବାଦୀ। ଏଭଳି ସ୍ଥିତିରେ ଟ୍ରମ୍ପଙ୍କ ପ୍ରାରମ୍ଭିକ ଘୋଷଣାକୁ ଏକ ଶୁଭସୂଚନା ରୂପେ ଗ୍ରହଣ କରାଯାଇପାରେ।

# ବିହାର ନିର୍ବାଚନ: କଥା ଓ କୌଶଳ

**ସୌଭାଗ୍ୟ ସୁନ୍ଦରାୟ**

ସୁଚିନ୍ତିତ ରାଜନୈତିକ ଗୋଟିଚାଳନା, ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ବିକାଶକୁ ଆଧାର କରି ଚଳିତ ବିହାର ବିଧାନସଭା ନିର୍ବାଚନ ଫଳଫଳକୁ ଏନଡିଏ ନିଜ ସପକ୍ଷରେ ନେବା ପାଇଁ ସଫଳ ହୋଇଛି। ଜେଡି(ୟୁ) ନେତା ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନଡିଏର ନିର୍ବାଚନୀ ଚେହେରା ହୋଇଥିବା ବେଳେ ନେତୃତ୍ୱ ନେଇଥିଲା ବିଜେପି। ବିଜେପି କର୍ମୀ ପ୍ରାୟତଃ ବୁଥସ୍ତରରୁ ଦୂରଦୃଷ୍ଟି ସହକାରେ ନିର୍ବାଚନୀ ପରିଚାଳନା କରିଥିଲେ, ଯଦ୍ୱାରା କେବଳ ଉଚ୍ଚବର୍ଗ, ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳ ନୁହେଁ, ମୁସଲିମ ସମ୍ପ୍ରଦାୟ ଓ ଅନ୍ୟ ସଂଖ୍ୟାଲଘୁ ବର୍ଗର ଭୋଟ ମଧ୍ୟ ଏନଡିଏ ସପକ୍ଷରେ ଆଣିବାକୁ ସମର୍ଥ ହୋଇପାରିଲା।

ଚଳିତ ନିର୍ବାଚନରେ ନୀତୀଶ କୁମାର ବ୍ୟକ୍ତିଗତ ଭାବେ ବେଶୀ ସକ୍ରିୟ ନଥିଲେ ମଧ୍ୟ ତାଙ୍କର ଅଭିଜ୍ଞତା ଓ ରାଜନୈତିକ ଭାବମୂର୍ତ୍ତି ମେଣ୍ଟ ପାଇଁ ପୁଞ୍ଜି ହୋଇଥିଲା। ଗତ ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀ ବିହାରକୁ ବାରମ୍ବାର ଗସ୍ତ କରିଥିଲେ। ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ନିଜ ବକ୍ତବ୍ୟରେ ବିକଶିତ ବିହାର ଓ ସୁଶାସନ ଉପରେ ଗୁରୁତ୍ୱ ଦେଇଥିଲେ। ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ' ବିଷୟ ମଧ୍ୟ ଉଠାଇଥିଲେ। ରାଜ୍ୟକୁ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ପ୍ରତି ବିଶେଷ କଟାକ୍ଷ କରିନଥିଲେ କି ଧାର୍ମିକ ବାତାବରଣ ଧ୍ରୁବୀକରଣ ପାଇଁ ଉଦ୍ୟମ କରିନଥିଲେ। କେବଳ 'ଛଟ୍' ମୟାଙ୍କ ପ୍ରତି ଅପମାନ ବିଷୟ ନିର୍ବାଚନୀ ସଭାରେ ଉଠାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଘନଘନ ଗସ୍ତ ବିଜେପି କର୍ମୀଙ୍କ ଉତ୍ସାହକୁ ଦୀର୍ଘ ସମୟ ଧରି ବଜାୟ ରଖିବାରେ ସହାୟକ ହୋଇଥିଲା। ଜୁନ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ସିୱାନଠାରେ ଏକ ଜନସଭାରେ ଯୋଗ ଦେଇଥିଲେ। ଏହା ମୁଖ୍ୟତଃ ଆରଜେଡି ଗଡ଼ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଚଳିତ ଥର ବିହାରରେ ଆରଜେଡି ଭୋଟ ହାର ପ୍ରାୟ ୨୩% ଥିବା ବେଳେ ଜେଡି(ୟୁ)ର ୧୯.୨୫%, ବିଜେପିର ୨୦.୦୮%, କଂଗ୍ରେସର ୮.୭୧% ଓ ଏଲଜେପିର ୪.୯୭% ରହିଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ରାଜ୍ୟର ମୋଟ ମୁସଲିମ ଜନସଂଖ୍ୟା ହେଉଛି ୧୭.୭%। ଏହି ସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ଅନ୍ତର୍ଭୁକ୍ତ।

ବିହାରକୁ ମୁଖ୍ୟତଃ କେତେକ ଅଞ୍ଚଳରେ ବିଭକ୍ତ କରି ଏନଡିଏ ନିଜ ପ୍ରଚାର ଅଭିଯାନ କରିଥିଲା। ଆରଜେଡି ଭୋଟବ୍ୟାଙ୍କ ଅଞ୍ଚଳକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଥିଲା। ଏଥିରୁ ସୁଫଳ ମଧ୍ୟ ମିଳିଲା। ବିକ୍ଷିପ୍ତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପଛୁଆ ବର୍ଗ ଓ ଅତିପଛୁଆ ବର୍ଗ ମୁସଲିମ ଭୋଟରଙ୍କ ସମର୍ଥନ ଏନଡିଏ ଚଳିତ ଥର ପାଇପାରିଛି। ଏଥିରେ ମହିଳା ମୁସଲିମ ଭୋଟର ଅଧିକ ସଂଖ୍ୟାରେ ରହିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ ମୁସଲିମବହୁଳ ଅଞ୍ଚଳରେ ଏନଡିଏ ୪୨.୨% ଭୋଟ ଦଖଲ କରିଛି। ମହାଗଠବନ୍ଧନ ୧୧.୧% ଭୋଟ ଦଖଲ କରିଛି, ଯାହା ପୂର୍ବ ନିର୍ବାଚନରେ ୩୬.୮% ଥିଲା। କମ୍ ମୁସଲିମ ଜନସଂଖ୍ୟାବିଶିଷ୍ଟ ଅଞ୍ଚଳରେ ଏନଡିଏ ୪୮% ଭୋଟ ଦଖଲ କରିଛି। ଅପରପକ୍ଷରେ ମହାଗଠବନ୍ଧନ ପାଇଛି ୩୮.୨% ଭୋଟ।

ତେବେ କୋଶୀ, ସିମାଞ୍ଚଳ ଅଞ୍ଚଳରେ ଆଶାଉଦ୍ଦିନ ଓୱାସିଙ୍କ ଏଆଇଏମଆଇଏମ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଏଠାରେ ମୁସଲିମ ଭୋଟ ବିଶେଷ ଭାବେ ଏନଡିଏ ନିକଟକୁ ଯାଇପାରିଲା ନାହିଁ। ପୂର୍ବ-ବିହାର ଅନ୍ତର୍ଗତ ଏହି ଅଞ୍ଚଳରେ କୋଶୀ ନଦୀ ପ୍ରବାହିତ। ଏହା ସ୍ଥାନୀୟ ଜନତାଙ୍କ ପାଇଁ ଦୁଃଖ ବୋଲି କୁହାଯାଇଥାଏ। ସୀମାଞ୍ଚଳର ୯୦% ଜନସାଧାରଣ ଗ୍ରାମାଞ୍ଚଳ ବାସିନ୍ଦା ଏବଂ ଭୂମିହୀନ ଶ୍ରମିକ। ଏଠାରୁ ଜନସାଧାରଣ ଦାଦନ ଭାବେ ପଞ୍ଜାବ ଓ ହରିୟାନାକୁ ଯାଇଥା'ନ୍ତି। ଏଠାରେ ମୁସଲିମ ଜନସାଧାରଣଙ୍କ ସଂଖ୍ୟା ଅଧିକ। କିଶନଗଞ୍ଜରେ ମୁସଲିମ ଜନସଂଖ୍ୟା ପ୍ରାୟ ୬୮% ଓ କଟିହାରରେ ୪୪%। ଚଳିତ ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ ୨୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୧.୮୫% ଭୋଟ ପାଇଛି। ଦଳ ସୀମାଞ୍ଚଳ ଅଞ୍ଚଳରେ ୪୦% ମୁସଲିମ ଜନସଂଖ୍ୟା ବିଶିଷ୍ଟ ୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୫ଟି ଆସନରେ ବିଜୟୀ ହେଲା। ତେବେ ୪୦%ରୁ କମ୍ ମୁସଲିମ ଜନସଂଖ୍ୟା ବିଶିଷ୍ଟ ୭ଟି ନିର୍ବାଚନମଣ୍ଡଳୀରେ ଦଳ ପ୍ରାର୍ଥୀ ଦେଇଥିଲେ ମଧ୍ୟ ସମସ୍ତେ ପରାଜିତ ହୋଇଛନ୍ତି। ମିଥିଳା ସୀମାଞ୍ଚଳ ଅଞ୍ଚଳରେ ଏନଡିଏ ଫଳାଫଳ ସେତେଟା ଭଲ ହୋଇନାହିଁ। କଂଗ୍ରେସ କେବଳ ମୁସଲିମ ବହୁଳ କିଶନଗଞ୍ଜ ଆସନ ବଜାୟ ରଖିବାରେ ସମର୍ଥ ହୋଇଛି। ଏ ଅଞ୍ଚଳରେ ସାମୂହିକ ଭାବେ ମୁସଲିମ ସଂପ୍ରଦାୟ ପ୍ରାୟତଃ ଆରଜେଡିର ସମର୍ଥକ ଭାବେ ଅଦ୍ୟାବଧି ରହିଆସିଥିଲେ। ଚଳିତ ନିର୍ବାଚନରେ ଏଆଇଏମଆଇଏମ ସମସ୍ତ ଅଙ୍କ ବିଗାଡ଼ି ଦେଇଛି। ଏହି ନିର୍ବାଚନରେ ସମଗ୍ର ରାଜ୍ୟର ପ୍ରାୟତଃ କମ୍ ମୁସଲିମ ବହୁଳ ନିର୍ବାଚନମଣ୍ଡଳୀର ମୁସଲିମ ଭୋଟ ଏନଡିଏ ଖାତାକୁ ଯାଇଥିବା ଜଣାପଡୁଛି। ଫଳରେ ମହାଗଠବନ୍ଧନ କ୍ଷତିଗ୍ରସ୍ତ ହୋଇଛି।

ତୃଣମୂଳ ସ୍ତରରେ ନିର୍ବାଚନ ପରିଚାଳନା ଏନଡିଏର ସଫଳତା ବୃଦ୍ଧିର ଅନ୍ୟତମ କାରଣ ବୋଲି ଅନୁମାନ କରାଯାଉଛି। ଉତ୍ତର-ବିହାର ବା ମିଥିଳା ଅଞ୍ଚଳର ୫ଟି ଜିଲ୍ଲା ମଧ୍ୟରୁ ମଧୁବଣି ଓ ଦରଭଙ୍ଗାରେ ମୁସଲିମ ସଂଖ୍ୟା ଅଧିକ। ତେବେ ଉଚ୍ଚ ବର୍ଗର ସଂଖ୍ୟା ମଧ୍ୟ ଏ ଅଞ୍ଚଳରେ ଅଧିକ ରହିଛି, ଯେଉଁ କାରଣରୁ ଦରଭଙ୍ଗା, ମୋତିହାରି ବେଟିଆ ଆଦି ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ ବିଜେପି ଓ ଜେଡି(ୟୁ)ର ପ୍ରଭାବ ରହିଛି। ଏ ଅଞ୍ଚଳର ୩୪ ଆସନ ମଧ୍ୟରୁ ମହାଗଠବନ୍ଧନ ପାଇଛି ମାତ୍ର ୩ଟି ଆସନ, ଯାହା ପୂର୍ବ ନିର୍ବାଚନରେ ୧୧ ଥିଲା। ଅର୍ଥାତ ମୁସଲିମ ବର୍ଗ ଭୋଟ ମହାଗଠବନ୍ଧକୁ ମିଳି ନାହିଁ।

ପୂର୍ବ ଓ ଦକ୍ଷିଣ-ପୂର୍ବ ବିହାରରେ ଯାଦବ, ଅତି ପଛୁଆ ବର୍ଗ ଓ ମୁସଲିମ ଭୋଟର ମିଶାମିଶି ଭାବେ ରହିଛନ୍ତି। ଏ ଅଞ୍ଚଳରେ ଉଭୟ ଆରଜେଡି ଓ ଜେଡି(ୟୁ)ର ପ୍ରଭାବ ରହିଆସିଛି। ପଶ୍ଚିମ ଓ ଉତ୍ତର-ପଶ୍ଚିମ ବିହାରରେ ପଛୁଆ ବର୍ଗ ମଧ୍ୟରେ ବିଜେପିର ପ୍ରଭାବ ରହିଥିବା ବେଳେ ଯାଦବଙ୍କ ମଧ୍ୟରେ ଆରଜେଡିର ପ୍ରଭାବ ରହିଆସିଛି। ପାଟନା, ମଗଧ ଓ ଭୋଜପୁରକୁ ନେଇ ଗଣାଯାଉଥିବା କେନ୍ଦ୍ରୀୟ ବିହାରରେ ବିଜେପି, ଜାତୀୟ କଂଗ୍ରେସ ଓ ଆରଜେଡିର ପ୍ରଭାବ ପ୍ରାୟତଃ ରହିଛି। କିନ୍ତୁ ଏ ଅଞ୍ଚଳର ୬୯ ଆସନ ମଧ୍ୟରୁ ଏନଡିଏକୁ ୫୭ଟି ଆସନ ଚାଲିଗଲା, ଯାହା ପୂର୍ବ ନିର୍ବାଚନରେ ୧୯ ଥିଲା। କେବଳ ପାଟନାର ୧୪ ବିଧାନସଭା ଆସନ ମଧ୍ୟରୁ ଏନଡିଏ ୧୧ଟି ଦଖଲ କରିଛି। ଗତ ନିର୍ବାଚନରେ ଏଠାରୁ ଏନଡିଏ ମାତ୍ର ୫ ଆସନରେ ବିଜୟୀ ହୋଇଥିଲା। ଭାଗଲପୁର-ମୁଙ୍ଗେର ସାଧାରଣତଃ ସହରାଞ୍ଚଳ ହୋଇଥିବାରୁ ଏଠାରେ ଏନଡିଏ ଭଲ ଫଳାଫଳ କରିଛି।

ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନିର୍ବାଚନ ଇସ୍ତାହାରରେ ଆଞ୍ଚଳିକ ସମସ୍ୟାକୁ ସ୍ଥାନ ଦିଆଯାଇଥିଲା। ଆଗାମୀ ୫ ବର୍ଷ ମଧ୍ୟରେ ବିହାରକୁ ବନ୍ୟାମୁକ୍ତ କରିବାର ଯୋଜନା ଥିଲା ଅନ୍ୟତମ। ଏଥିପାଇଁ ଏକ ବନ୍ୟା ପରିଚାଳନା ବୋର୍ଡ ଗଠନ କରାଯିବା ସହ ନଦୀ ସଂଯୋଗୀକରଣ ପ୍ରକଳ୍ପ, ବନ୍ଧ ଓ କେନାଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି। କୋଶି-ସୀମାଞ୍ଚଳ ଅଞ୍ଚଳରେ କୋଶି ଓ ମହାନନ୍ଦା ପ୍ରବାହିତ। ଉତ୍ତର ବିହାରରେ ଗଣ୍ଡକ ଓ ବାଗମତୀ ନଦୀ ପ୍ରବାହିତ। ଏହି ସମସ୍ତ ନଦୀରେ ପ୍ରାୟତଃ ବନ୍ୟା ଆସି ଜନଜୀବନ ବିପର୍ଯ୍ୟସ୍ତ କରିଥାଏ। ଏଥିପାଇଁ ଯୋଜନାବଦ୍ଧ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଦ୍ୟାବଧି ହୋଇପାରି ନାହିଁ। ଏଣୁ ଏହି ଆଞ୍ଚଳିକ ସମସ୍ୟା ପ୍ରତି ଇସ୍ତାହାରରେ ଦୃଷ୍ଟି ଦିଆଯାଇଛି। ସେହିପରି ୭ଟି ଏକ୍ସପ୍ରେସ ରାଜପଥ, ୧୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଇସ୍ତାହାରରେ କୁହାଯାଇଛି, ଯାହା ଗମନାଗମନ ସୁଗମ କରିବାରେ ସହାୟକ ହୋଇପାରିବ। ୱାକ୍‌ଫ ଆଇନ ସ୍ଥଗିତ ରଖିବା ପାଇଁ ଆରଜେଡିର ପ୍ରତିଶ୍ରୁତି ସତ୍ତ୍ୱେ ମୁସଲିମ ଭୋଟର ଏକ ବୃହତ୍ ଅଂଶ ଏନଡିଏ ନିକଟକୁ ଚାଲିଗଲା। ଏଣୁ ଆଞ୍ଚଳିକ ସମସ୍ୟା, ନିର୍ବାଚନ ପରିଚାଳନାର ବିକେନ୍ଦ୍ରୀକରଣ ଯୋଗୁଁ ଏନଡିଏ ଚଳିତ ଥର ବିପୁଳ ସଫଳତା ହାସଲ କରିଥିବା କୁହାଯାଇପାରେ।

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୭୨୨୯୨୩୩

# ସୁଧାର ଗାଈର ବାଛୁରୀ ମରେ!

**ଅର୍ଜ୍ଜୁନ ଘଡ଼େଇ**

ସୁଧାର ଗାଈର ବାଛୁରୀ ମରିବା ଲୋକବାଣୀଟି ଆମ ସମାଜରେ ବେଶ୍ ପ୍ରଚଳିତ। ସୁଧାର, ଶାନ୍ତ ଗାଈଟିଏର ନିରବତା ଯୋଗୁଁ ଯେମିତି ନିଜ ସନ୍ତାନ ବି ମୃତ୍ୟୁମୁଖରେ ପଡ଼ିଥାଏ, ସେପରି ଜଣେ ଭଦ୍ର, ସରଳ, ଶାନ୍ତ ମଣିଷ ନିଜର ଆଚରଣ, ସହିଷ୍ଣୁତା ଗୁଣ ଯୋଗୁଁ ଅନେକ କିଛି କ୍ଷତି ସହିଥାଏ। ତଳକୁ ମୁହଁ କରି ମାଟିର ମହାନତାକୁ ସ୍ମରଣ କରେ, ସହନଶୀଳତ ଭାବନା ନେଇ। ଲୋକେ କିନ୍ତୁ ତା'କୁ କହନ୍ତି ମାଇଚିଆ ନଂପୁସକ ଇତ୍ୟାଦି ଇତ୍ୟାଦି। ଏହା କେବଳ ଦୁର୍ବଳ ଉପରେ ସବଳର ଅତ୍ୟାଚାର ନୁହେଁ, ଅମଣିଷଙ୍କ ଅମାନବିକତା, ଅସହିଷ୍ଣୁ, ପରଶ୍ରୀକାତରତା, ଅହଙ୍କାରୀ ଭାବର ପରିପ୍ରକାଶ ମାତ୍ର, ଯାହା ଯୁଗଯୁଗ ଧରି ସଂଘଟିତ ହୋଇ ଆସିଛି ଏବଂ ଆଜିର ସଭ୍ୟ ସମାଜରେ ବି ଘଟୁଛି। ସୁଧାର ଗାଈର ବାଛୁରୀଟିଏ ଖାଦ୍ୟ ବିନା ପଛେ ମରୁ, କିନ୍ତୁ ନିଜ ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ନ ଆସୁ, ଏହାହିଁ ଅନେକ ଲୋକଙ୍କର ମାନସିକତା ଆଜି ବହୁକ୍ଷେତ୍ରରେ ପରିଲକ୍ଷିତ ହେଉଛି।

ଲୋକବାଣୀଟିର ତତ୍ତ୍ୱ ଏଇଆ ଯେ, ପାଳିତ ଗାଈଟିଏଠାରୁ କ୍ଷୀର ସଂଗ୍ରହ ପାଇଁ ମାଲିକ ଗାଇ ଦୁହାଳୀ ଯିଏ ଯେତେବେଳେ ପ୍ରୟାସ କରନ୍ତି ଯଦି ଗାଈଟି ସୁଧାର ବା ଶାନ୍ତ ଶିଷ୍ଟ ହୋଇଥାଏ ତେବେ କେତେବେଳେ ସେଇ ଗାଈ ଖୁଣ୍ଟରେ ବା ପଛ ଗୋଡ଼ରେ ରସିଛନ୍ଦି ସେଇଠି ବାନ୍ଧି ଦିଅନ୍ତି ତା'ର ଶିଶୁ-ବାଛୁରୀକୁ। ବାସ୍ ଶାନ୍ତ ହୋଇ ଛିଡ଼ା ହୋଇଥାଏ ଗାଈଟି। କ୍ଷୀର ଖାଇବାକୁ ଚାହିଁଥାଏ ବାଛୁରୀଟି ମା'ର ପହ୍ନାକୁ ସତୃଷ୍ଣ ନୟନରେ। ପିଲାପେଟକୁ ତ ଆହାର ଯାଏନି, ମା'ସ୍ତନରୁ କିନ୍ତୁ କ୍ଷୀର ଶୋଷିନିଏ ଗାଈ ଦୁହାଁଳୀ ଜଣକ। ଆଉ ସମସ୍ତ କ୍ଷୀର ସଂଗ୍ରହ କରି ସାରିବା ପରେ ପିଲାକୁ ବନ୍ଧନ ମୁକ୍ତ କରିଦିଏ। ବାଛୁରୀଟି ବିକଳ ହେଇ ମା'ର ପହ୍ନାରେ ଯେତେ ମୁହଁ ଲଗେଇ ଶୋଷିବାକୁ ଚେଷ୍ଟା କଲେ ବି ବୁନ୍ଦାଏ କ୍ଷୀର ତା' ପାଟିକୁ ଆସେନି। ବିଚରା ଭୋକିଲା ପେଟରେ ଛିଡ଼ା ହୋଇ ରହେ। ଏ ସବୁ ଜାଣିବି ଗାଈଟି ପ୍ରତିବାଦ କରିନଥାଏ। ନିଜ ସ୍ୱାର୍ଥସିଦ୍ଧି ପାଇଁ ଅବିବେକୀ ମଣିଷଟି ମନେ ମନେ ଖୁସି ଜାହିର କରେ ପଶୁଟିର ନିର୍ବୋଧତାକୁ ଲକ୍ଷ୍ୟ କରି। ଏହା ଯେ ପଶୁଟିର ନିର୍ବୋଧତା ନୁହେଁ, ବରଂ ସହନଶୀଳତା ଏକଥା ବୁଝିପାରେନି ଅବିବେକୀ ମଣିଷ। ଆଜିର ସମାଜରେ ଏପରି ଅମଣିଷଙ୍କ ସଂଖ୍ୟା ବୃଦ୍ଧି ସାମାଜିକ ଜୀବନରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରୁଥିଲେ ବି ନିରାକରଣର ବ୍ୟବସ୍ଥା ନାହିଁ।

ଗାଈ ବୋଧହୁଏ ସ୍ଥିର କରି ନେଇଥାଇପାରେ ଦୁଷ୍ଟାମୀ କଲେ ମାଲିକର ଆଘାତ ସହିବାକୁ ପଡ଼ିବ। ଶରୀର ଆହୁରି କ୍ଷତାକ୍ତ ହେବା ସହ ଶିଶୁଟି ବି କଷ୍ଟ ଭୋଗିପାରେ। ତେଣୁ ନିରବ ଶାନ୍ତ ହୋଇ ଛିଡ଼ା ହେଇଗଲେ ଭଲ! ଏମିତି ଅନେକ ଶାନ୍ତ ସ୍ୱଭାବର ମଣିଷ ଭାବିଥା'ନ୍ତି ଦୁଷ୍ଟମାନଙ୍କ ଆକ୍ରମଣରୁ ମୁକୁଳିବା ତ ସହଜ କିମ୍ବା ସମ୍ଭବ ନୁହେଁ, ବରଂ ମୁହଁ ପୋତି ରହିଗଲେ ଜୀବନ ପ୍ରତି ବିପଦ କମିଯିବ।

ସବୁକୁ ସହିଯିବା ମାନସିକତାକୁ କିନ୍ତୁ ନିର୍ବୋଧତା ବୋଲି କୁହାଯାଏ। 'ଇନୋସେନ୍‌ସୀ ଇଜ୍ ଏ କ୍ରାଇମ୍' ବୋଲି ମଧ୍ୟ କୁହାଯାଇଛି। ନିରବତା, ଅଜ୍ଞାନତାକୁ ଅପରାଧିକ ତତ୍ତ୍ୱ ଭାବରେ ଯେଉଁମାନେ ବିଚାର କରି ଏକଥା କହିଥିଲେ ତାହା ସବୁ ସମୟରେ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇନଥାଏ। କିଛି ଭୁଲ୍ କୌଣସି ଅପକର୍ମ ନକରି, ନିରୀହ, ଶାନ୍ତ ସରଳ ମଣିଷଟି ଅନେକ ଦଣ୍ଡ, କଷ୍ଟ, ନିର୍ଯାତନା ଯେତେବେଳେ ପାଉଥାଏ ତା' ପାଇଁ ଆହା ପଦେ କହିବା ପାଇଁ କେହି ନଥାନ୍ତି। କିମ୍ବା ତା'କୁ ସାହସ ଦେଇ ପ୍ରତିବାଦ କରିବାର ଶକ୍ତି ପ୍ରଦାନ କରିବାକୁ ତା' ଚାରିପଟେ କେହି ନଥା'ନ୍ତି। ତେଣୁ ସେ ଭାବିନିଏ ଯେତେ ଅନ୍ୟାୟ, ଅତ୍ୟାଚାର ତା' ପ୍ରତି ହେଲେ ମଧ୍ୟ ମୁଣ୍ଡ ପୋତି ସହିଗଲେ ଭଲ। ତା' ବେକରେ ଗାଈର ଗୋଡ଼ରେ ବନ୍ଧା ହୋଇଥିବା ବାଛୁରୀ ପରି ପରିବାର ଲୋକେ ବନ୍ଧା ହୋଇ ରହିଛନ୍ତି। ସେମାନେ ବି ବିପଦରୁ ରକ୍ଷା ପାଇଯିବେ। ଏମିତି ଶାନ୍ତ, ଶୃଙ୍ଖଳିତ ମଣିଷମାନେ ବଞ୍ଚି ରହିବା ପାଇଁ ଏବଂ ତାଙ୍କୁ ବଞ୍ଚେଇ ରଖିବା ପାଇଁ ସମାଜର ଅନ୍ୟମାନଙ୍କର ବି ଦାୟିତ୍ୱବୋଧ ରହିବା ଆବଶ୍ୟକ। ସେମାନେ ନିରବତା ଗୁଣକୁ ତାଚ୍ଛଲ୍ୟ ନକରି ସାହସ ଦେଲେ, ସମର୍ଥନ ଯୋଗାଇଦେଲେ ହୁଏତ ସରଳ ମଣିଷଟି ତୁଣ୍ଡ ଖୋଲି କିଛି ପ୍ରତିବାଦ କରିବାରେ ସକ୍ଷମ ହେଇପାରେ।

ସମାଜର ସବୁକ୍ଷେତ୍ରରେ କ'ଣ ଏମିତି ଶାନ୍ତ, ସରଳ ମଣିଷମାନେ ନିଷ୍ପେଷିତ ହେଉଥିବେ ଆଉ ବାହୁବଳୀମାନେ ଯନ୍ତ୍ରଣା ଦେଇ ଚାଲୁଥିବେ? ଆମେ କେବଳ କହିବା 'ଆଇନ୍‌ର ଆଶ୍ରୟ ନିଅ' ନ୍ୟାୟ ମିଳିବ। ଏପରି ସାନ୍ତ୍ୱନା ଯଥେଷ୍ଟ ନୁହେଁ। ନ୍ୟାୟଳୟରୁ କିମ୍ବା ଭଦ୍ରଲୋକଙ୍କ ଠାରୁ ନ୍ୟାୟ ଆଶା କରିବା, ଅଧିକାର ସାବ୍ୟସ୍ତ କରିବା, ଆଜିର ସମୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ଦୃଢ଼ୀଭୂତ କରି, ନ୍ୟାୟପାଳିକାକୁ ସଶକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ଶାନ୍ତି ପୂର୍ଣ୍ଣ ଜୀବନ ପାଇଁ। ଅଶାନ୍ତ ପରିବେଶ ସୃଷ୍ଟି ହେଲେ ସାମାଜିକ ଜୀବନ ନଷ୍ଟ ଭ୍ରଷ୍ଟ ହେବ। ଏକ ସୁସ୍ଥ ସମାଜ-ସୁନ୍ଦର ଜୀବନ ସ୍ୱପ୍ନ ପ୍ରାୟ ମନେ ହେବ।

ସବୁବେଳେ ଅତ୍ୟାଚାରୀ, ସ୍ୱାର୍ଥପର ମଣିଷର ସ୍ୱାର୍ଥ ସିଦ୍ଧି ହୋଇନଥାଏ। ମଣିଷକୁ ଜିତିଗଲେ ବି ପରମେଶ୍ୱରଙ୍କ ବିଚାରାଳୟରେ ସେ ନିଶ୍ଚିତ ଦଣ୍ଡିତ ହେବ, ଏହା ନିଃସନ୍ଦେହ। ସେତେବେଳେ ନା ଥିବ ଶକ୍ତି ବା କ୍ଷମତା।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

# ବିପ୍ଳବର ବାଣୀ-ନନ୍ଦନ ସଚ୍ଚିଦାନନ୍ଦ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଏଡ଼ିକି ସେ ଅମାନିଆଁ ପିଲା, ଫଉଜର ଗୁଳିଗୋଳା ରଜା ଝଡ଼ କିଛି ନ ମାନିଲା / ଧୂଳିଖେଳ ଛାଡ଼ି, ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢ଼ି।' ଅତ୍ୟାଚାର, ଉତ୍ପୀଡ଼ନ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଢେଙ୍କାନାଳର ସେହି ଚିର ଅମ୍ଳାନ ବାଜିରାଉତଙ୍କ ଅସାମାନ୍ୟ ବୈପ୍ଳବିକ ବାଣୀ ସଚ୍ଚିଦାନନ୍ଦ ଆବିଷ୍କୃତ କରି ନେଇ ଆସିଲେ ମହାକାଶର ଅଦୃଶ୍ୟ ଅଥଚ ଅମଳିନ ତେଜୋଦୀପ୍ତ ତରଙ୍ଗରୁ। ସଚ୍ଚିଦାନନ୍ଦ ରାଉତରାୟ ବୀର ସନ୍ତାନ ବାଜି ରାଉତଙ୍କ ହୃଦୟକୁ ପ୍ରବେଶ କରିଛନ୍ତି, ନା ବାଜି ରାଉତ ଏକ ସୂକ୍ଷ୍ମ ଆଲୋକରେଖା ହୋଇ ତାଙ୍କ ଛାତିକୁ ଦୋହଲାଇ ଦେଇଛନ୍ତି! ସଚ୍ଚି ରାଉତରାୟଙ୍କ 'ବାଜିରାଉତ' ଚିରକାଳ ନିମିତ୍ତ ଏକ ଅଲିଭା ଶିଖା।

ଅନ୍ୟମାନଙ୍କ ଆଖିରେ ସେ ଦୁନିଆକୁ ଦେଖିଥା'ନ୍ତେ କାହିଁକି? ସେଥିପାଇଁ ପାଇଁ ତ ଗାଇ ଉଠିଲେ - 'ତୁମେ ଦେଖିଅଛ ଶିଳାରେ ତାହାର ରମ୍ୟ କଳାର ରୂପ, ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ।' 'କୋଣାର୍କ' କବିତାର ଏହି ପଦ ସେହିପରି ଅନ୍ତର୍ଭେଦୀ ହୋଇଉଠିଲା ଓଡ଼ିଶାର ପାଠକଙ୍କ ପାଇଁ। 'ଛୋଟ ମୋର ଗାଁଟି ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି' - 'ପଲ୍ଲିଶ୍ରୀ' କବିତା ପୁସ୍ତକର ଏହି କବିତା କେଉଁ ଅନୁରାଗୀଙ୍କ କଣ୍ଠରେ ଧ୍ୱନିତ ହୋଇନାହିଁ! 'ପାଣ୍ଡୁଲିପି' କବିତା ସଂକଳନର ଭାବ-ସମ୍ଭାର ବହୁ ପାଠକଙ୍କ ଦ୍ୱାରା ହୋଇଛି ଆଦୃତ। କେବଳ କବିତା ସର୍ଜନାରେ ସଚ୍ଚିଦାନନ୍ଦ ନିଜକୁ ସୀମିତ ରଖି ନାହାନ୍ତି। 'ମଶାଣିର ଫୁଲ' ରୁଢ଼ିବାଦୀ ସମାଜ ବିରୁଦ୍ଧରେ ଏକ ତୀକ୍ଷଣ ଅସ୍ତ୍ର। ନିରୀହ ନିଷ୍ପାପ ପଲ୍ଲୀବଧୂର ମୃତ୍ୟୁ ପରେ ବି ଯେଉଁ ସମାଜ ତା'କୁ ବର୍ଣ୍ଣନା କରିପାରେ କଳଙ୍କିନୀ ଦୋଚାରିଣୀ ବୋଲି, ସେଇ ସମାଜକୁ ଜଗୁ ତିଆଡ଼ି ମୁହଁରେ ସେ ଜବାବ ଦେଇଛନ୍ତି - 'ଥାଉ ଥାଉ। ଅନ୍ୟକୁ ବିଚାର କର ନାହିଁ। ମଣିଷ କ'ଣ ମଣିଷକୁ ଠିକ ବୁଝିପାରେ?' ଏ ପ୍ରଶ୍ନ ସେ ଗୋଟିଏ ଗଳ୍ପରେ, ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ସକାଶେ ପଚାରି ନାହାନ୍ତି। ଏହା ପ୍ରତିଟି ଯୁଗର ବିବେକ-ବିଚାରଶୂନ୍ୟ ସମାଜ ପ୍ରତି ସମାନ ଭାବରେ ପ୍ରଯୁଜ୍ୟ। 'ଅନ୍ଧାରୁଆ' ଗଳ୍ପରେ ବି ଶୋଷଣକାରୀ ସମାଜ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି। 'ହାତ' ପରି ଗଳ୍ପ କେତେ ନୈରାଶ୍ୟ ଜର୍ଜରିତ ଅନ୍ତରରେ ଭରି ଦେଇଛି ଅପୂର୍ବ ସାନ୍ତ୍ୱନା।

ସାମ୍ୟବାଦୀ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ସଚ୍ଚି ରାଉତରାୟ ଏକ ନବଯୁଗର ମନ୍ତ୍ରଦାତା। 'ଚିତ୍ରଗ୍ରୀବ' ଉପନ୍ୟାସ ତାଙ୍କର ସାମ୍ୟବାଦୀ ତତ୍ତ୍ୱମୂଳକ ଏକମାତ୍ର ଉପନ୍ୟାସ। 'କବିତା ୧୯୬୨' ପାଇଁ ସେ ଲାଭ କଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। କାବ୍ୟିକରୀତି ସହିତ ବାକରୀତିର ସମନ୍ୱୟ ସାଧନ କରି ସେ ଲେଖିଛନ୍ତି କେତେ ଉଚ୍ଚକୋଟୀର କବିତା। ଯତି, ଯମକ, ଉପଧା ଓ ଛନ୍ଦର ଧରାବନ୍ଧା କଟକଣାରୁ କବିତାକୁ ମୁକ୍ତ କରି ଅବାଧ ଭାବ ପ୍ରକାଶ ପାଇଁ ସେ ସୃଷ୍ଟି କରିଦେଲେ ନୂତନ ମାର୍ଗ। ତାଙ୍କର ସାମଗ୍ରିକ କୃତି ସକାଶେ ଲାଭ କଲେ ମଧ୍ୟ ଜ୍ଞାନପୀଠ ପୁରସ୍କାର। 'ଅଭିଯାନ', 'ଅଭିଜ୍ଞାନ', 'ପାଥେୟ', 'ଭାନୁମତୀର ଦେଶେ', 'ହସନ୍ତ', ଆଦି କବିତା 'ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ଛାଇ' ପରି ଗଳ୍ପ ସଂକଳନ, ଆତ୍ମଜୀବନୀ 'ଉତ୍ତର କକ୍ଷ', 'ଆଧୁନିକ ସାହିତ୍ୟର କେତୋଟି ଦିଗ', 'ସାହିତ୍ୟ: ବିଚାର ଓ ମୂଲ୍ୟବୋଧ' ଭଳି ଉଚ୍ଚତର ଚେତନା-ସମ୍ପନ୍ନ ସାହିତ୍ୟ ସମୀକ୍ଷା କବିଙ୍କ ସିଦ୍ଧିର ଭିନ୍ନ ଭିନ୍ନ ଅର୍ଥପୂର୍ଣ୍ଣ ସଂକେତ। ତେବେ ଯେଉଁ କେତୋଟି କବିତା ଓ ଗଳ୍ପ ସୃଷ୍ଟି ସକାଶେ ସେ ହୋଇଥିଲେ ସର୍ବତ୍ର ଆଦୃତ ଓ ଅଭିନନ୍ଦିତ, ସେହି ସଚ୍ଚି ରାଉତରାୟଙ୍କୁ ତାଙ୍କର ପ୍ରିୟ ପାଠକମାନେ ଆଉ ଖୋଜି ପାଇଲେ ନାହିଁ ଅନ୍ୟ ପୁସ୍ତକଗୁଡ଼ିକରେ; ବିଶେଷତଃ 'ପାଣ୍ଡୁଲିପି' ପରବର୍ତ୍ତୀ ପର୍ଯ୍ୟାୟର କବିତାରେ। ହୃଦୟର ଆବେଗ ଅପେକ୍ଷା ବୌଦ୍ଧିକତାର ଆଧିକ୍ୟ ହେତୁ ତାହା ସାଧାରଣ ପାଠକମାନଙ୍କ ଠାରୁ ଦୂରବର୍ତ୍ତୀ ହୋଇ ଯାଇଛି। କବିତା ରଚନାର ପରୀକ୍ଷା ନିରୀକ୍ଷା ସକାଶେ ଅନେକ ଦୃଷ୍ଟିରୁ ଏହାଦ୍ୱାରା ଓଡ଼ିଆ ସାହିତ୍ୟ ଜଗତ ସମୃଦ୍ଧ ହୋଇପାରିଛି ସୁନିଶ୍ଚିତ। ସଚ୍ଚି ରାଉତରାୟ ଓଡ଼ିଶାର ଅଗଣିତ ପାଠକ ହୃଦୟରେ ଯଦି ଆଜି ବି ରହିଛନ୍ତି ଅମଳିନ। ଓଡ଼ିଆ ଜାତି ଅବା ତାଙ୍କୁ ଦେଇପାରିଛି କ'ଣ? ତାଙ୍କ ସ୍ମୃତିରେ ନିର୍ମାଣ କରିଦେଇଛି ନିଜ ହୃଦୟ ମଧ୍ୟରେ ଏକ ଏକ 'ମାଟିର ତାଜ'। ମାଟି ଓ ମଣିଷର କବି ସଚ୍ଚି ରାଉତରାୟ ସର୍ବଦା ବନ୍ଦିତ ଓ ସ୍ପନ୍ଦିତ ହେଉଥିବେ ପ୍ରତିଟି ଓଡ଼ିଆର ପ୍ରାଣ-ପ୍ରକୋଷ୍ଠରେ। 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ' - ଧ୍ୱନିତ ହେଉଥିବ ଆକାଶ ପବନରେ ଚିରକାଳ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିପଦରେ ୩୫୦ କୋଟି...

(୫.୯୯%), ଯୁକ୍ତରାଷ୍ଟ୍ରରେ ୧୩୮ ନିୟୁତ (୩.୯୯%) ଏବଂ ରୁଷରେ ୧୩୩ ନିୟୁତ (୩.୮୪%) ରହିଛି। ଏଥିରେ ୮୧% ଆଣ୍ଡ୍ରଏଡ୍ ଏବଂ ୧୯% ଆଇଓଏସ୍ ବ୍ୟବହାରକାରୀ ଅନ୍ତର୍ଭୁକ୍ତ। ଏହାସହିତ, ୯% ବ୍ୟବସାୟିକ ଆକାଉଣ୍ଟ ମଧ୍ୟ ଏଥିରେ ରହିଛି।

## ବିହାରରେ ପୁଣି...

ଅନ୍ୟପକ୍ଷରେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ତାଙ୍କ ଦଳ ପାଇଁ ଅନ୍ୟୂନ ୨ଟି ମନ୍ତ୍ରୀପଦ ଦାବି କରିଛନ୍ତି। ତେବେ ନୀତୀଶଙ୍କ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ତାଙ୍କ ଭାଇ ଅରୁଣ ଭାରତୀଙ୍କୁ ମନ୍ତ୍ରିପଦ ମିଳିପାରେ ବୋଲି କୁହାଯାଉଛି।

ବିହାର ନିର୍ବାଚନ ଫଳ ପ୍ରକାଶ ପରେ ବିଜେପି ସର୍ବାଧିକ ଆସନ ପାଇଥିବା ସତ୍ତ୍ୱେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ଦଳରେ କିଛି ପରିମାଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏପରିକି ଦଳର କିଛି ବରିଷ୍ଠ ନେତା ଏନ୍‌ଡିଏ ମୁଖ୍ୟମନ୍ତ୍ରୀ ବିଜେପିରୁ କରାଯାଉ ବୋଲି ଦାବି କରିଛନ୍ତି। ମାତ୍ର ବିହାର ନେତାଙ୍କ ଦାବିକୁ ବିଜେପି ଜାତୀୟ ନେତୃତ୍ୱ ଗ୍ରହଣ କରିନାହାନ୍ତି। ନୀତୀଶଙ୍କ ପରି ବଡ଼ ନେତା ବିହାର ବିଜେପିରେ ନ ଥିବା ଯୋଗୁଁ ବିଜେପି ଏପରି କଷ୍ଟସାଧ ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କୁହାଯାଉଛି।

କୁହାଯାଉଛି ଯେ ବିଜେପି ନିକଟରେ ନୀତୀଶଙ୍କ ବିକଳ୍ପ ନାହିଁ। ଯେଉଁଥିପାଇଁ ଦୀର୍ଘବର୍ଷ ଧରି ବିଜେପି ବିହାରରେ ଏକାକୀ ସଂଖ୍ୟା ଗରିଷ୍ଠତା ପାଇପାରୁ ନାହିଁ। ପୁନଶ୍ଚ ବିହାର ରାଜନୀତି ବିଶେଷତଃ ଜାତି ଆଧାରିତ ଓ ସୁଶୀଲ କୁମାର ମୋଦିଙ୍କ ପରଲୋକ ପରେ ଜାତୀୟସ୍ତରରେ ମାନ୍ୟତା ପାଇଥିବା କୌଣସି ଓବିସି ଚେହେରା ବିଜେପିରେ ନାହାନ୍ତି। ଗତ ଦେଢ଼ ଦଶନ୍ଧି ଧରି ବିଜେପି ବିହାରରେ ନୀତୀଶ କୁମାରଙ୍କ କନିଷ୍ଠ ସହଯୋଗୀ ହୋଇ ରହିଛି ଓ ଜଣେ ବି ପ୍ରଭାବଶାଳୀ ନେତା ସୃଷ୍ଟି କରିବାରେ ଦଳ ସମର୍ଥ ହୋଇପାରି ନାହିଁ। ଦ୍ୱିତୀୟ କାରଣଟି ହେଉଛି ନୀତୀଶ କୁମାର ବିହାରର କୁର୍ମୀ, ଇବିସି ଓ ମହାଦଳିତ ସମ୍ପ୍ରଦାୟର ପ୍ରମୁଖ ନେତାର ମାନ୍ୟତା ପାଇଛନ୍ତି। ବିହାରର ମୋଟ ମତଦାତାଙ୍କ ମଧ୍ୟରୁ ଏହି ବର୍ଗ ଭୋଟରଙ୍କ ସଂଖ୍ୟା ପ୍ରାୟ ୨୦% ଓ ଗତ ନିର୍ବାଚନରେ ଏହି ବର୍ଗ ହିଁ ଏନ୍‌ଡିଏ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେଣୁ ନୀତୀଶଙ୍କୁ ଉପେକ୍ଷା କରିବା ବିଜେପି ପାଇଁ ମହଙ୍ଗା ପଡ଼ିବାର ଆଶଙ୍କା ରହିଛି। ଶେଷ କାରଣଟି ହେଉଛି ନୀତୀଶଙ୍କୁ ଉପେକ୍ଷା କରିବା କେନ୍ଦ୍ର ସରକାରଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଭୟ। ବର୍ତ୍ତମାନ ଲୋକସଭାରେ ଏନ୍‌ଡିଏର ଆସନ ସଂଖ୍ୟା ୨୯୨, ଯାହା ସଂଖ୍ୟା ଗରିଷ୍ଠତାଠାରୁ ମାତ୍ର ୨୦ଟି ଆସନ ଅଧିକ। ନୀତୀଶଙ୍କ ଜେଡିୟୁ ସମର୍ଥନ ପ୍ରତ୍ୟାହାର କରିନେଲେ ବି କେନ୍ଦ୍ରରେ ବିଜେପି ସରକାର ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ସୃଷ୍ଟି ହେବ ନାହିଁ; ମାତ୍ର ଏହାର ପରିଣାମ ଆଦୌ ଭଲ ହେବ ନାହିଁ। ଯେ କୌଣସି ସମୟରେ ଅନ୍ୟ ଅଂଶୀଦାର ଦଳ ବିଜେପି ସହ ଅସଙ୍ଗତ ମୂଲଚାଲ କରିବାକୁ ବାହାରି ଆସିବେ। ତେଣୁ ବିହାରରେ ନୀତୀଶଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଚାଲୁ ଓ କେନ୍ଦ୍ର ସରକାର ସୁରକ୍ଷିତ ରହୁ ବୋଲି ବିଜେପି ଆପାତତଃ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି।

## ଟ୍ରିବ୍ୟୁନାଲ ସଂସ୍କାର...

ଟ୍ରିବ୍ୟୁନାଲ ସଂସ୍କାର ଅଧ୍ୟାଦେଶ ଏବଂ ଆଇନର ସମୀକ୍ଷା ବେଳେ ଜଣାପଡ଼ିଛି ଯେ ଟ୍ରିବ୍ୟୁନାଲ ଆଇନର ଯେଉଁ ବ୍ୟବସ୍ଥାକୁ କୋର୍ଟ ଖାରଜ କରିଦେଇଥିଲେ, ସେହି ଆଇନକୁ ପୁଣି ପ୍ରସ୍ତୁତ କରାଯାଇଛି। ଅବଶ୍ୟ ଏଥିରେ ସାମାନ୍ୟ ଏପଟସେପଟ କରାଯାଇଛି। କିନ୍ତୁ କୋର୍ଟ ଯାହାକୁ ବିରୋଧ କରିଥିଲେ ତାହା ବଜାୟ ରହିଛି। ଯାହାକୁ କୋର୍ଟ ବିରୋଧ କରିଛନ୍ତି, ସେଥିରେ ସଂଶୋଧନ କରିବା ବଦଳରେ ପାର୍ଲାମେଣ୍ଟ ସେହି ପୁରୁଣା ଆଇନ ଆଣି ବିଚାର ବ୍ୟବସ୍ଥାର ଘୋର ଉଲ୍ଲଂଘନ କରିବାକୁ ଉଦ୍ୟମ କରିଛନ୍ତି।

ମାନ୍ୟବର ବେଞ୍ଚ କହିଲେ ଯେ ଅଦାଲତରେ ପଡ଼ିଥିବା ବିଚାରାଧୀନ ମାମଲାର ସମାଧାନ କେବଳ ବିଚାର ବିଭାଗର ଦାୟିତ୍ୱ ନୁହେଁ, ସଂସଦ ଏବଂ ବ୍ୟବସ୍ଥାପିକା ମଧ୍ୟ ଦାୟିତ୍ୱ ନେବା ଉଚିତ। ଟ୍ରିବ୍ୟୁନାଲ ସଂପର୍କରେ ଆଇନ ପ୍ରଣୟନ ବେଳେ ବିଚାର ବିଭାଗର ଆଦେଶକୁ ସରକାର ମାନିବାକୁ ବାଧ୍ୟ। ବିଭିନ୍ନ ଟ୍ରିବ୍ୟୁନାଲ ପ୍ରଶାସନର ସୁପରିଚାଳନା, ନିଯୁକ୍ତି ଏବଂ କାମରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ନେସନାଲ ଟ୍ରିବ୍ୟୁନାଲ କମିସନର ଆବଶ୍ୟକତା ରହିଛି। ତେଣୁ ଆସନ୍ତା ୪ ମାସ ମଧ୍ୟରେ ଏଭଳି କମିସନ ଗଠନ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ କୋର୍ଟ। ଏହାସହିତ ବିଭିନ୍ନ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଏବଂ ଅବସର ସୀମା ନେଇ କୋର୍ଟ ପୂର୍ବରୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ କାଏମ ରଖିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଇନକମ୍ ଟାକ୍ସ ଆପେଲେଟ୍ ଟ୍ରିବୁନାଲ ଏବଂ ଏକ୍ସାଇଜ ଆଣ୍ଡ ସର୍ଭିସ ଟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲ ସଭ୍ୟମାନଙ୍କ ଅବସର ବୟସ ସୀମା ୬୨ ବର୍ଷ ଏବଂ ଏହାର ଅଧ୍ୟକ୍ଷଙ୍କ ବୟସ ସୀମା ୬୫ ବର୍ଷ ରହିବ।

ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ସଂସ୍କାର ଆଇନରେ ସଂଶୋଧନ କରି ସରକାର ଫିଲ୍ମ ସାର୍ଟିଫିକେଟ ଆପେଲେଟ୍ ଟ୍ରିବ୍ୟୁନାଲ ସମେତ ଅନେକ ଟ୍ରିବ୍ୟୁନାଲକୁ ଉଚ୍ଛେଦ କରିଥିବା ବେଳେ ଏକାଧିକ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଓ ବୟସ ସୀମାରେ କେନ୍ଦ୍ର ସରକାର ଅନେକ ଅଦଳବଦଳ କରିଥିଲେ। ସୁପ୍ରିମ କୋର୍ଟରେ ଏହାକୁ ଚାଲେଞ୍ଜ କରିଥିଲେ ମାଡ୍ରାସ ବାର ଆସୋସିଏସନ ଏବଂ କଂଗ୍ରେସ ନେତା ଜୟରାମ ରମେଶ।

## ପୁଣି ବାତ୍ୟା...

ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ତେଣୁ ପ୍ରାଥମିକ ଭାବେ ଏହି ଲଘୁଚାପ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ପାଇଁ ବିପଦ ବଢ଼ାଇଛି। ବଡ଼ କଥା ହେଉଛି ଯେ ଏହା ଅବପାତରେ ପରିଣତ ହେବା ପରେ ଆହୁରି ଘନୀଭୂତ ହେବାକୁ ଥିବାରୁ ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରୁ ନାହିଁ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୪ ତାରିଖ ସୁଦ୍ଧା ଘନୀଭୂତ ହୋଇ ଅବପାତର ରୂପ ନେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବାକୁ ଥିବା ବେଳେ ଏହା ଆନ୍ଧ୍ର ଉପକୂଳକୁ ମୁହାଁଇବାର ପ୍ରାଥମିକ ଆକଳନରୁ ଜଣାପଡୁଛି। ଏହା ଆନ୍ଧ୍ର ଉପକୂଳ ମୁହାଁ ହେଲେ ମଧ୍ୟ ଓଡ଼ିଶାରେ ଏହାର ପ୍ରଭାବ ରହିବ। ୨୭ରେ କେନ୍ଦ୍ରାପଡ଼ାଠାରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମେଘୁଆ ପାଗ ସହ ବର୍ଷା ହେବ। ୨୮ ତାରିଖରେ ଉତ୍ତର-ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟରେ ବାକି ଅଞ୍ଚଳରେ ବର୍ଷା ହେବ। ୨୯ରେ ମୁଖ୍ୟତଃ ଗଞ୍ଜାମ ଓ ଗଜପତି ପ୍ରଭାବିତ ହେବ। ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ଭାରି ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ପ୍ରାଥମିକ ଭାବେ ଏହି ସମ୍ଭାବ୍ୟ ଅବପାତ/ବାତ୍ୟାଟି ଆସନ୍ତା ୨୯ କିମ୍ବା ୩୦ ବେଳକୁ ସ୍ଥଳଭାଗ ଛୁଇଁପାରେ। ତେଣୁ ଏହା ପ୍ରଭାବରେ ୨୭ କିମ୍ବା ୨୮ ତାରିଖରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ସମତେ ଅନ୍ୟ କେତେକ ଜିଲ୍ଲାରେ ବର୍ଷା ହୋଇପାରେ। ଯଦି ଏହା ଆନ୍ଧ୍ର ନିକଟରେ ସ୍ଥଳଭାଗ ଛୁଏଁ, ତେବେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଭାବ ସୀମିତ ରହିବ। ମାତ୍ର ଏହା ଓଡ଼ିଶାର ନିକଟତର ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରଭାବ ସୃଷ୍ଟି ହେବ। ଏମିତି ହେଲେ ରାଜ୍ୟକୁ ଏକ ବଡ଼ କ୍ଷତି ସହିବାକୁ ପଡ଼ିପାରେ। କାରଣ ଏବେ ସାରା ଓଡ଼ିଶାରେ ଧାନ ଅମଳ ସମୟ ଚାଲିଛି। ଉପକୂଳ ଓଡ଼ିଶାରେ ପାଚିଲା ଧାନ କ୍ଷେତରେ ହସୁଥିବା ବେଳେ ପଶ୍ଚିମ ଓଡ଼ିଶା ଧାନ ଅମଳ ଆରମ୍ଭ ହୋଇଯାଇଛି। ତେଣୁ ଏ ଦୃଷ୍ଟିରୁ ପ୍ରାୟ ଆସନ୍ତା ୨ ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ବର୍ଷା ଦୃଷ୍ଟିରୁ ବହୁ ସମ୍ବେଦନଶୀଳ ଭାବେ ଗଣାଯାଉଛି। ଏହା ପୂର୍ବରୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ଶୀତ ଦିନେ ଅଦିନିଆ ବର୍ଷା ନେଇ ଚିନ୍ତା ବଢ଼ିଛି। ଏହା ପୂର୍ବରୁ ୨୦୨୧ ଡିସେମ୍ବର ପ୍ରଥମ ସପ୍ତାହରେ ରାଜ୍ୟ ଉପରେ ବାତ୍ୟା ଜୱାଦର ଗୁରୁତର ପ୍ରଭାବ ପଡ଼ିଥିଲା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ବାତ୍ୟା ଯୋଗୁଁ ଧାନ ଫସଲ ଉଜୁଡ଼ି ଯାଇଥିଲା। ଚଳିତ ବର୍ଷ ପୁଣି ଥରେ ଏହି ଆହ୍ୱାନ ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ିଛି। ତେଣୁ ସ୍ଥିତିକୁ ଦେଖି ଆଗୁଆ ଧାନ କାଟି ନିରାପଦ ସ୍ଥାନରେ ରଖିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

## ମିଳୁନି ବକେୟା...

ବୁଧବାର ଦିଲ୍ଲୀରେ କେନ୍ଦ୍ର ଖାଉଟି ବ୍ୟାପାର ଓ ସାଧାରଣବଣ୍ଟନ ବିଭାଗ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟି ପୂର୍ବ ଦାବିକୁ ଦୋହରାଇଛନ୍ତି।

ରାଜ୍ୟରେ ବାର୍ଷିକ ପ୍ରାୟ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହେଉଛି। ଖାଦ୍ୟ ସୁରକ୍ଷା ଯୋଜନା, ବିଭିନ୍ନ ଛାତ୍ରାବାସ ଓ ଛାତ୍ରୀନିବାସ ଆଦି ପାଇଁ ପ୍ରାୟ୫୦ ଲକ୍ଷ ମେଟ୍ରିକ୍ ଟନ୍ ବ୍ୟବହାର ହୋଇଛି। ତେଣୁ ବର୍ଷକୁ ପ୍ରାୟ ୧୩ ଲକ୍ଷ ଟନ୍ ଚାଉଳ ବଳକା ରହୁଛି। ଗତ ବିଧାନସଭା ଅଧିବେଶନ ସମୟରେ ମନ୍ତ୍ରୀ ମଧ୍ୟ ଏହା ସ୍ୱୀକାର କରିବା ସହ ଏହି ଚାଉଳ କେନ୍ଦ୍ର ସରକାରଙ୍କୁ ନେବା ପାଇଁ ବାରମ୍ବାର ଅନୁରୋଧ କରାଯାଇଛି। ଯଦି ସରକାର ଚାଉଳ ନ ଉଠାନ୍ତି, ତେବେ ଏହାକୁ ନିଲାମ କରିବାକୁ ସରକାର ଯୋଜନା କରୁଛନ୍ତି ବୋଲି କହିଥିଲେ। ମାତ୍ର ଏହି ବଳକା ଚାଉଳ ଉଠାଇବାକୁ କେନ୍ଦ୍ର ସରକାର ରାଜି ହେଉ ନାହାନ୍ତି। ଦିନ କେଇଟା ପରେ ରାଜ୍ୟରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଯିବ। ଏଥିପାଇଁ ଗଛିତ ଚାଉଳ ଯୋଗୁଁ ଗୋଦାମ ସମସ୍ୟା ମଧ୍ୟ ବଢ଼ିବ। ଏହା ବ୍ୟତୀତ ଏତେ ପରିମାଣରେ ଚାଉଳ ବଢ଼ିବା ପରେ ସ୍ଥିତି ଆହୁରି ଚିନ୍ତାଜନକ ହେବ। ସେହିପରି ଧାନ କ୍ରୟ ବାବଦରେ କେନ୍ଦ୍ର ଉପରେ ପ୍ରାୟ ୮ ହଜାର କୋଟି ଟଙ୍କା ବକେୟା ରହିଛି। ପୂର୍ବରୁ ଏହା ୧୨ ହଜାର କୋଟି ଟଙ୍କା ରହିଥିଲା, ଇତିମଧ୍ୟରେ କେନ୍ଦ୍ର ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୪ ହଜାର କୋଟି ପ୍ରଦାନ କରିଥିଲେ ହେଁ ଅବଶିଷ୍ଟ ଅର୍ଥ ଏଯାଏ ମିଳିନାହିଁ। ଯାହା ଫଳରେ ଧାନ କ୍ରୟ ପାଇଁ ସରକାରଙ୍କୁ ଋଣ କରିବାକୁ ପଡୁଛି ଓ ଏ ବାବଦ ସୁଧ ରାଜକୋଷରୁ ଭରଣା ହେଉଛି। ତେଣୁ ବକେୟା ଅର୍ଥ ପ୍ରଦାନ ପାଇଁ ପୁଣିଥରେ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ଅଳି କରିଛି। ଏହା ପୂର୍ବରୁ ମଧ୍ୟ ବିଭାଗ ପକ୍ଷରୁ ଏଭଳି ଅନୁରୋଧ କରାଯାଇଥିଲେ ବି ଏସବୁ ନିଷ୍ପ୍ରଭ ରହିଛି। ତେଣୁ ମନ୍ତ୍ରୀ ଚଳିତ ଗସ୍ତ କେତେ ଫଳପ୍ରଦ ହେଉଛି ତାହା ଉପରେ ବିରୋଧୀ ନଜର ରଖିଛନ୍ତି। ଆସନ୍ତା ସପ୍ତାହରେ ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ବଳକା ଚାଉଳ ଉଠିବା ବ୍ୟବସ୍ଥା ନ ହେଲେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିରୋଧୀଙ୍କ ସମାଲୋଚନାର ଶରବ୍ୟ ହେବାର ଆଶଙ୍କା ଥିବାରୁ ଯୋଗାଣ ମନ୍ତ୍ରୀଙ୍କ ପାଇଁ ଏହା ବିଷମ ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ଏ ସମ୍ପର୍କରେ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଗସ୍ତ ଅବସରରେ ଓଡିଶା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିବା ସୂଚନା ମିଳିଛି।

## ଚୋରକୁ ପିଟିପିଟି...

ପଚରାଉଚରା କରୁଛି। ଏହି ଘଟଣାରେ ପୁଲିସ ଗ୍ରାମର ୧୦ରୁ ଅଧିକ ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ସେପଟେ ମୃତକର ଦେହରେ ଅନେକ କ୍ଷତ ଚିହ୍ନ ରହିଛି। ଅନ୍ୟପଟେ ମୃତକ ବାପିର ସ୍ତ୍ରୀ ପାର୍ବତୀ କୋହ୍ଲାର ଉଦଳା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ବାପି ଏକ ଗ୍ୟାସ୍ ଦୋକାନରେ କାମ କରିବା ସହିତ ଗ୍ୟାସ୍ ଡେଲିଭରି କାମ ମଧ୍ୟ କରୁଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ଟଳିଲେ ଆଉ...

ତିନି ଜଣ ମାଓ ସଂଗଠନ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ, ୨୩ ଜଣ ପ୍ଲାଟୁନ ସଦସ୍ୟ, ୫ ଜଣ ଡିଭିଜନାଲ କମିଟି ସଦସ୍ୟ ଏବଂ ୧୯ ଜଣ ଏରିଆ କମିଟି ସଦସ୍ୟ ଥିବା ଜଣା ପଡିଛି। ଗିରଫ ମାଓବାଦୀଙ୍କ ମଧ୍ୟରୁ ଅନେକ ମୃତ ମାଓ କମାଣ୍ଡର ମାଡଭି ହିଡମାଙ୍କ ସହ ଘନିଷ୍ଠ ଭାବରେ ଜଡିତ ଥିଲେ ବୋଲି ଆନ୍ଧ୍ର ପ୍ରଦେଶ ପୋଲିସ କହିଛି। ମାଓ ସଙ୍ଗଠନ ନିଜର ଶେଷ ନିଶ୍ୱାସ ନେଉଥିବା ଇଣ୍ଟେଲିଜେନ୍ସ ଏଡିଜି ମହେଶଚନ୍ଦ୍ର ଲ‡। କହିଛନ୍ତି।

## ଦାଦନ ଫେରନ୍ତା...

ଯିବାପାଇଁ ବସ ଅପେକ୍ଷା କରିଛୁ ବୋଲି କହିଥିଲେ। ତେବେ ଅଭିଯୁକ୍ତ ବର୍ତ୍ତମାନ ଆଉ ବନ୍ଧୁଗାଁକୁ ବସ ମିଳିବ ନାହିଁ ଏବଂ ମୋ ଘରେ ରହିଯାଅ ବୋଲି ସେମାନଙ୍କୁ କହିଥିଲା। ପ୍ରଥମେ ପୀଡିତା ମହିଳାଙ୍କ ସ୍ୱାମୀଙ୍କୁ ନେଇ ଏକ ଦୋକାନରେ ଛାଡି ଟିଫିନ ଆଣି ଆସୁଛି କହି ସେଠାରୁ ଚାଲିଯାଇଥିଲା। । ସେଠାରୁ ଆସି ପୀଡ଼ିତାଙ୍କୁ କୋଇଲାପଡ଼ା ନିକଟସ୍ଥ ବୁଦାକୁ ନେଇ ଦୁଷ୍କର୍ମ କରିଥିଲା। ସ୍ତ୍ରୀ ଦୀର୍ଘ ସମୟ ଧରି ନ ଫେରିବାରୁ ସ୍ୱାମୀ ବସଷ୍ଟାଣ୍ଡ ଆସି ସ୍ତ୍ରୀକୁ ଖୋଜିଥିଲେ ମଧ୍ୟ ପାଇନଥିଲେ। ହେଲେ ସ୍ୱାମୀ ସ୍ତ୍ରୀକୁ ଖୋଜାଖୋଜି କରିବା ବେଳେ ପୀଡ଼ିତା କାନ୍ଦି କାନ୍ଦି ଆସୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସ୍ତ୍ରୀ ସମସ୍ତ ଘଟଣା ସ୍ୱାମୀଙ୍କୁ ଜଣାଇବା ପରେ ଉଭୟ ଯାଇ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି କେସ ନଂ ୪୩୧ରେ ମାମଲା ରୁଜୁ କରି ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ମହିଳାଙ୍କ ବୟାନ ମୁତାବକ ଦୁଷ୍କର୍ମ ଘଟଣା ଘଟିଥିବା ସ୍ଥାନକୁ ଯାଇ ସେଠାରେ ତଦନ୍ତ କରାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Cuttack, dated-14/11/2025. I, **Roopesh Kumar Rout,** R/o- Ganju Market, Near SBI ATM Booth, Sector-22, UTC- Rourkela (ITS), PO: Rourkela-7, Dist-Sundargarh, Odisha, PIN-769007, declared that I have changed the name of my son from **Charles Prince Rout** to **Prince Rout.** Henceforth, he shall be known as **Prince Rout** for all purposes.
**Roopesh Kumar Rout**

**AFFIDAVIT**

I, Kailash Chandra Agrawal, S/o. Chiranjial Kharkawala, resident of Aradhana Apartment,Flat no. 1E, 1st floor, Biswanath lane, Balu Bazar, PS. Lalbag, Dist.-Cuttack, Odisha-753002 declare by this affidavit No..400 , dtd. 19.11.2025 that now onwards I shall be known as **KAILASH CHANDRA KHARKAWALA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dtd.12.11.2025, I Mamata Sahu, D/o- Yudhisthir Sahu, resident of Village- Kanakabira, Ps./Dist.- Bargarh, Pin-768030 state that, I have changed my name from **Mamata Duan** to **Mamata Sahu**. Henceforth I shall be known as **Mamata Sahu** for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated 18.11.2025, I, DURYADHAN KARKARA, S/o- Late Prem Karkara, Vill.- Kurumakot, Po.- Tentulikhunti, Ps.- Tentulikhunti, Dist.- Nabarangpur, Odisha, Pin- 764070, declare that, I have changed the name of my daughter from **PAPA KARKARA** to **LIPSA KARKARA**. Henceforth, she shall be known as **LIPSA KARKARA** for all purposes.
Sd/- Duryadhan Karkara

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.11.2025, I Sanjukta Mohanta, W/o- Sanjaya Mohanta, resident at Kabata, Po- Lembo, Sub-Dist- Sukinda, Dist- Jajpur, Odisha, PIN-755018, declare that I have changed my son's name from Sridhartha Mohanta to Himanshu Mohanta. Henceforth, He shall be known as **HIMANSHU MOHANTA** for all future purposes.

**AFFIDAVIT**

I Aruna Kumara Acharya, S/o- Prakash Chandra Acharya resident of Muktamaladeipur Sasan, Po.- Banthapalli, Ps.- Polasara, Dist.- Ganjam, Pin-761104, Odisha, declare by this affidavit No. A-ii, Dated 18.11.2025 that now onwards I shall be known as **Arun Kumar Acharya** for all future purposes.


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI
NATIONAL COMPETITIVE BIDDING THROUGH e-Procurcment
1ST Corrigendum to Tender Call Notice — O-1445
Identification No. Online Tender 08/GJP/2025-26 T.O Letter No: 3024 Dtd: 29.10.2025

The tender for the works invited vide Tender Identification No. Online Tender 04/GJP/2024-25 is hereby modified as follows due to unavoidable circumstances. The modification dates are as below:

| Sl. No. | Item | Time Schedule as per Original TCN | Time schedule modified as per Corrigendum Notice |
|---|---|---|---|
| 1 | Availability of tender online for bidding. | Dt. 10.11.2025 at 10.00 A.M to 17.11.2025 up to 5.00 P.M. | Dt. 20.11.2025 at 10.00 A.M to 27.11.2025 up to 5.00 P.M |
| 2 | Date & Time of Opening of tender | Dt. 18.11.2025 at 11.00 A.M | Dt. 28.11.2025 at 11.00 A.M |

All other contents will remain unchanged.
OIPR-
Executive Engineer
R.W. Division, Gajapati

**CONFISCATION NOTICE OF TRACTOR & TROLLEY** — MM-289

It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number – Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs=7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.

The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

OIPR-
Authorized Officer-cum-A.C.F
Brahmapur Forest Division

**GOVERNMENT OF ODISHA** — O-1506
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**
E-mail Id – eerw_deogarh@yahoo.co.in
E-Procurement Notice
BID.IDENTIFICATION NO. SERWDGH-Online- 08/2025-26

1. **No of building works** :- (06 Nos)
2. **Estimated cost**:- Approx. Rs.2.54 lakh to Rs.36.22 Lakhs each
3. **Mode of submission of tender:** -Tender shall be submitted online in www.tendersodisha.gov.in
4. **Availability of tender for online bidding:–21.11.2025, 10.00 A.M to 28.11.2025 up to 5.00 P.M**
5. **Date and time of opening of tender:–29.11.2025, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

OIPR-
Superintending Engineer
R.W. Division, Deogarh

**OFFICE OF THE NOTIFIED AREA COUNCIL: CHAMPUA** — C-1408
e-Mail: champuanac@gmail.com
No. 2590, Date: 04.11.2025
**e-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**

| | | | |
|---|---|---|---|
| 1. | Tender Reference No | : | EOCHAMPUANAC-NO-58/2025-26 |
| 2. | Tender I.D No: | : | |
| 3. | Name of the Work | : | Civil Construction works as mentioned in website |
| 4. | No. of works | : | 13 No. |
| 5. | Estimated Cost | : | Rs. 1005078.00 to Rs. 544149.00 |
| 6. | Period of Completion | : | 60 days |
| 7. | Date &Time of Bidding | : | 06.11. 2025 to 17.11.2025 up to 5pm |
| 8. | Last date & time for receipt Of bids in the portal | : | 17 .11.2025 up to 5pm |
| 9. | Last date for Submission of documents | : | On or before 19 .11.2025 up to 5PM (By speed Post/ post) |
| 10. | Bids received online shall be opened on dt. | : | 20 .11.2025 at 9.30 AM |
| 11. | Name and address of the Officer inviting Bid | : | Executive Officer, Champua NAC |

Further details can be seen from the procurement portal i.e. www.tendersodisha.gov.in

OIPR-
Executive Officer
Champua NAC

GOVERNEMENT OF ODISHA — L-110
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1078/ Date 19.11.2025
INVITATION FOR BIDS (IFB)
e-procurement notice
Bid Identification number / Tender call notice no. - EE (A)/D/D-03 of 2025-26

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 8.00 lakhs to 42.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 21.11.2025 at 10.00 hours to 29.11.2025 at 05.00 PM. The bid will be opened on 01.12.2025 at 03.30 PM in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com
OIPR-
Executive Engineer (Agril)
Dhenkanal Division, Dhenkanal

**GOVERNMENT OF ODISHA,** — A-901
**DEPARTMENTOF WATER RESOURCES**
Office of the Superintending Engineer,
Mechanical Division, Bhubaneswar.
Email Address: smdivisionbbsr@yahoo.com
e-Procurement Tender Call Notice No.- SE/MDB-11/W/2025-26

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | ₹ 7,08,957.00 to ₹ 7,36,172.00 |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | Refer to DTCN |
| 8. | Date & time of availability of bid documents in the Portal | : | From dt.19.11.2025 (10.00 AM) to dt.01.12.2025(5.30 PM) |
| 9. | Last date/ time for receipt of bid in the Portal | : | dt.01.12.2025 (up to 5.30 PM) |
| 10. | Date and Place of opening of Bid | : | dt.02.12.2025 (12.00 Noon onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-
Superintending Engineer,
Mechanical Division, Bhubaneswar


**AFFIDAVIT**

I, Someswar Singh(81) of Balijodi, PO: Sonaparbat, PS: Tangarpalli, Dist Sundargarh do hereby solemnly affirm and state that my name has been wrongly mentioned as SUMESHWAR SINGH in my Adhar Card(352286427342). Whereas my actual name is SOMESWAR SINGH in the educational certificate. Both the names stands for one and same person i.e. myself as per affidavit no A/10, dtd 19.11.2025.

**NOTICE**

By virtue of an affidavit sworn before Executive Magistrate Bangomunda I Tejabhanu Mahananda (48) S/o Nityananda Mahananda, Village : Bartunda, P.O: Kapilabhata, P.S: Bangomunda, Bolangir, Odish that I have changed my name from Tejabhanu Mahananda to Teju Mahananda Henceforth, I shall be known as Teju Mahananda for all purposes.

**NOTICE**

By virtue of an affidavit sworn before Notary Public, Balangir on 04.11.2025, I, Dhruba Kumar Jain, resident of:- Udaya Nagar, Po/Ps/Dist: Balangir,767001 (Odisha) declare that I have changed my name from Dhrub Kumar Jain to Dhruba Kumar Jain. Henceforth, I shall be known as Dhruba Kumar Jain for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-17/11/2025. I, **Trushnarani Dandsena** (new name) formerly called as Trusnarani Mohapatra (old name), D/o Mangilal Dandsena, Permanent resident of At-Swadhinpara, Titilagarh, PO-Titilagarh, PS- Titilagarh, Dist-Balangir (Odisha), PIN- 767033 now residing at the same place declare that I have changed my name from **Trusnarani Mohapatra** (old name) to **Trushnarani Dandsena** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name).
**Trushnarani Dandsena**

**AFFIDAVIT**

By virtue of an affidavit no.1034 before the Executive Magistrate, Chandahandi, Dist.: Nabarangpur on dtd.19.11.2025, I, Dinesh Sinha, Village-Telatandi, PO-Saradhapur, PS-Chandahandi, Dist.: Nabarangpur-764077 have changed my name from Dense Sinha to Dinesh Sinha. Henceforth, I shall be known as **Dinesh Sinha** for all purposes.

**AFFIDAVIT**

By virtue of an affidavit (CF No.147, dtd- 25/10/2025) sworn before the Executive Magistrate, Gaisilet. I, **Shyamamani Deep,** D/o Madhusudan Deep, permanent & current resident of AT/PO-Ganiapali, PS- Gaisilet, Dist-Bargarh, PIN- 768049, Odisha declare that I have changed my name from **Pritinanda Deep** (old name) to **Shyamamani Deep** (new name). Henceforth, I shall be known as **Shyamamani Deep** (new name) for all purposes.
**Shyamamani Deep**

**NOTICE**
**(above 18 years of age)**

By virtue of an affidavit sworn before the Notary Public, Sambalpur, I, Sairendri Choudhury, resident of Balerpada, Burla, PO/PS–Burla, Dist.: Sambalpur declare that I have changed my name from Sourendri Choudhury (old name) to Sairendri Choudhury (new name). Henceforth, I shall be known as **Sairendri Choudhury** for all purposes.
**Sd/- Sairendri Choudhury**

**AFFIDAVIT**

By virtue of an affidavit sworn before Executive Magistrate, Bhadrak vide No.1410, dt-16.08.2025, I, **Manas Ranjan Sankhua,** S/o Chakradhar Sankhua, resident of At-Nuapatna, PO- Grejidarada, PS/Dist- Bhadrak, PIN-756128, Odisha declare that I have change the name of my son from **Aditya Sankhua** to **M.P. Aditya.** Henceforth, he shall be known as **M.P. Aditya** for all future purposes.
**Manas Ranjan Sankhua**

**LOST**

I Smt. Hukumat Sahu, W/o-Pilulal Sahu, At/Po-Dumerdihi, Khariarroad, Dist. Nuapada. I have lost my original sale deed Sl. No. 419,plot. 350, 350/520 at the time of transit, after several trial I am unable to found the documents. If anyone finds it, please inform to this mob. No. 9668249884.

**Notice**
**(above 18 years of age)**

By virtue of an affidavit sworn before Notary Public, Bhubaneswar dated 15.11.2025, I RAJALXMI PRADHAN, aged about 47 years, D/o: Dhruba Charan Sahoo, permanent resident of: At: Suara, PO: Koiang, PS: Konark, Dist.: Puri, Odisha, PIN-752118, currently residing at: Plot No: 582/653, Ganganagar, Unit–6, Lingipur, PO: Sisupal PS: Dhauli, Bhubaneswar, Dist.: Khordha, Odisha, PIN–751002, Aadhar No: 4598 3863 6183, declare that I have changed my name from RAJALXMI PRADHAN to RAJALXMI DEI. Henceforth I shall be known as RAJALXMI DEI for all purposes.
**Rajalaxmi Dei**

**AFFIDAVIT**

By virtue of an affidavit No.1030 before the Executive Magistrate, Chandahandi, Dist.: Nabarangpur on dtd. 18.11.2025, I, Premanchal Nayak, Village-Sinapali, PO-Dandamunda, PS-Chandahandi, Dist-Nabarangpur, Pin-764077 have changed my name from Premchan Nayak to Premanchal Nayak. Henceforth, I shall be known as **Premanchal Nayak** for all purposes.

**AFFIDAVIT**

By virtue of this Affidavit before the Executive Magistrate, Bhubaneswar. **Dt.14.11.25**. I, **KSHETRA BASI BEHERA**, S/o-Budhia Behera, Resident of Kalyani Krushna Nagar Basti, Nuasahi, Nayapalli, Bhubaneswar, Khordha, Odisha-751012 declare that I have changed my name from **KSHETRAMANI BHOI** to **KSHETRA BASI BEHERA** as per my Aadhar card no- 2878 1652 3500. But it has been recorded as **KSHETRAMANI BHOI** in my LIC Policy Bearing No-586300817. **KSHETRA BASI BEHERA** and **KSHETRAMANI BHOI** is one and same identical person.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-19/11/2025. I, **Jijnyasa Jyotirjayasha Routray,** D/o Prasanna Kumar Routray, resident of Plot No. 398-G, Laxmi Nagar, Patia, Bhubaneswar, Dist- Khordha, PIN- 751024, Odisha declare that I have changed my name from **Jinyasa Jyotirjayasha** to **Jijnyasa Jyotirjayasha Routray.** Henceforth, I shall be known as **Jijnyasa Jyotirjayasha Routray** (new name) for all purposes.
**Jijnyasa Jyotirjayasha Routray**





# କ୍ୟାପିଟାଲ ହସ୍ପିଟାଲ୍: ଭିତର ଖାଇବା ରୁଚୁନି; ବାହାରୁ ମଗାଉଛନ୍ତି ରୋଗୀ

ଭୁବନେଶ୍ୱର, ୧୯।୧୧(ସମିସ): ରାଜଧାନୀର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲରେ ଦିଆଯାଉଥିବା ଖାଦ୍ୟ ନିମ୍ନମାନର ଏବଂ ଅରୁଚିକର ହୋଇଥିବାରୁ ଏହାକୁ ଖାଉ ନାହାନ୍ତି ମେଡିକାଲରେ ରହୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ। ଅନେକ କ୍ଷେତ୍ରରେ ଭିତରେ ଖାଇବା ଦିଆଯାଉଥିଲେ ମଧ୍ୟ ରୋଗୀ ଓ ସମ୍ପର୍କୀୟମାନେ ବାହାରୁ ଖାଦ୍ୟ ମଗାଇ ଖାଉଛନ୍ତି।






ବର୍ତ୍ତମାନ ସମୟରେ କ୍ୟାପିଟାଲ ହସ୍ପିଟାଲ ଉପରେ ନିର୍ଭର କରୁଥିବା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଆଖପାଖ ଅଞ୍ଚଳରୁ ପ୍ରତିଦିନ ଶହ ଶହ ରୋଗୀ ଏଠାକୁ ଆସୁଛନ୍ତି। କେବଳ ରୋଗୀ ନୁହଁ ତାଙ୍କ ସମ୍ପର୍କୀୟ ମଧ୍ୟ ସାଙ୍ଗରେ ରହୁଛନ୍ତି। ହେଲେ ସେମାନଙ୍କ ପାଇଁ ତିଆରି ହେଉଥିବା ଖାଦ୍ୟକୁ ଦେଖି ସେମାନେ ନାକ ଟେକୁଛନ୍ତି। ଏନେଇ କୋଣାର୍କରୁ ସର୍ଜରୀ ପାଇଁ ଆସିଥିବା ସସ୍ମିତା କୁହନ୍ତି, ଏଠାରେ ଦିଆଯାଉଥିବା ଖାଦ୍ୟ ଦେଖିଲେ ଖାଇବାକୁ ମନ କହୁନାହିଁ। ଖାଦ୍ୟରେ କେତେବେଳେ ଭାତ ଭଲରେ ହେଉନି ତ ଆଉ କେତେବେଳେ ପାଣିଆ ଡାଲି ଦିଆଯାଉଥିବା ଅଭିଯୋଗ ହେଉଛି। ତରକାରୀରେ ପରିବା ପରିମାଣ ମଧ୍ୟ କମ୍ ରହୁଛି। ସେ ପୁଣି ଠିକ ସମୟରେ ମିଳୁନାହିଁ। ଯୋଗାଉଥିବା ସଂସ୍ଥାର କର୍ମଚାରୀ ଅଭାବ ଯୋଗୁଁ ଅଧିକାଂଶ ସମୟରେ ଖାଦ୍ୟ ବିଳମ୍ବରେ ପହଞ୍ଚୁଛି। ତେଣୁ ତାଙ୍କ ସମେତ ଅନ୍ୟ ରୋଗୀ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଫଳରେ ସେ ବାହାରୁ ପାଉରୁଟି ଏବଂ କ୍ଷୀର କିଣି ଖାଉଛନ୍ତି।

ସେହିପରି ବାଲିଅନ୍ତାରୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ବସନ୍ତ ସାହୁ କୁହନ୍ତି, ହସ୍ପିଟାଲ ଖାଦ୍ୟ ବିଷୟରେ ଆଗରୁ ଶୁଣିଥିଲି। ହେଲେ ଏବେ ପ୍ରକୃତରେ ଦେଖିଲେ ଖାଇବାକୁ ଇଚ୍ଛା ହେଉ ନାହିଁ। ଦିଆଯାଉଥିବା ରୁଟି ଟାଣ ସାଙ୍ଗକୁ ସେ ଡାଲିରେ ଡାଲି କମ ପାଣି ଅଧିକ ଏବଂ ସକାଳ ଉପମା ଜଳଖିଆ ଅବସ୍ଥା ମଧ୍ୟ ସମାନ। ଯେଉଁଠି ସେ ନିଜେ ଖାଇ ପାରୁନାହାନ୍ତି ଏପରିସ୍ଥଳେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ତାଙ୍କ ପତ୍ନୀ ଖାଇବେ କିପରି ବୋଲି ପ୍ରଶ୍ନ କରିଥିଲେ। ସେଥିପାଇଁ ବାଧ୍ୟ ହୋଇ ବାହାରେ ପଇସା ଦେଇ ଖାଇବାକୁ ପଡୁଛି। ନଚେତ୍ ଏହାଠୁ ଭଲ ପଦାରେ ଦିଆଯାଉଥିବା ଆହାର ବୋଲି ସେ କହିଥିଲେ।

ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, କିଛିମାସ ତଳେ ଏଭଳି ଅଭିଯୋଗ ଆସିଥିଲା। ପରବର୍ତ୍ତୀ ସମୟରେ ଏହାକୁ ଦୃଷ୍ଟି ଦିଆଯାଇ ଖାଦ୍ୟର ମାନ ବୃଦ୍ଧି କରାଯାଇଛି। ଏବେ ରୋଗୀଙ୍କ ପାଇଁ ଉପଯୁକ୍ତ ଖାଦ୍ୟ ଦିଆଯାଉଛି। ସେହିଭଳି ନିୟମିତ ଭାବେ ଖାଦ୍ୟ ପ୍ରସ୍ତୁତି ଉପରେ ନଜର ରଖାଯାଉଛି। ତା ସହିତ ରୋଗୀଙ୍କୁ ଭଲ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଦିଆଯିବା ପାଇଁ ନିୟମିତ ତଦାରଖ କରାଯାଉଛି। ଭବିଷ୍ୟତରେ କିଛି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅବସରପ୍ରାପ୍ତ ପୁଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ଶିଶୁଦିବସ



ଭୁବନେଶ୍ୱର, ୧୯।୧୧(ସମିସ): ଓଡ଼ିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ଶିଶୁଦିବସ ପାଳିତ ହୋଇଛି। ସପ୍ତମ ବାଟାଲିୟନ୍ ଉଚ୍ଚ ବିଦ୍ୟାଳୟରେ ସମିତିର ସଭାପତି ସୂର୍ଯ୍ୟମଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ବିନୟ କୁମାର ଦାସ ଏବଂ ଅନ୍ୟ ଦିବଂଗତଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ୍ ନିରବ ପ୍ରାଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବୈଜ୍ଞାନିକ ପ୍ରଫେସର ଡଃ. ଜ୍ଞାନଦେବ ମହାରଣା, ଗାନ୍ଧିବାଦୀ ଅଭିବକ୍ତା ପହଲ୍ଲାଦ କୁମାର ସିହ୍ନା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈଦନାଥ ନାୟକ ପ୍ରମୁଖ ଯୋଗାଦେଇଥିଲେ।

## ଲୋକଙ୍କ ଜୀବିକାକୁ ସୁଦୃଢ କରୁଛି ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ବାସ୍କେଟ୍'




ଭୁବନେଶ୍ୱର,୧୯।୧୧(ସମିସ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର) କାର୍ଯ୍ୟକ୍ରମ ଅଧୀନରେ ଏନ୍‌ଜିଓ ଅପ୍‌ହୋଲ୍ଡ ଆର୍ଥ ସହଯୋଗୀତାରେ ଏକ ଅନନ୍ୟ ପ୍ରୟାସ 'ପ୍ରୋଜେକ୍ଟ ବାସ୍କେଟ୍' ଜରିଆରେ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ଏବଂ ପାରିବେଶିକ ଅଗ୍ରଗାମୀତାକୁ ପ୍ରତିପାଳନ କରୁଛି। ଏହି ପ୍ରକଳ୍ପ ସମ୍ବଲପୁର ଜିଲ୍ଲାର ଲାଉମାଳ ଏବଂ ପାଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ପାରମ୍ପରିକ ବାଉଁଶ ହସ୍ତଶିଳ୍ପର ପୁନରୁଦ୍ଧାର ଦ୍ୱାରା ଗ୍ରାମୀଣ ମହିଳାମାନଙ୍କ ନିମନ୍ତେ ସ୍ଥିର ଆୟକାରୀ ସୁଯୋଗଗୁଡିକ ସୃଷ୍ଟି କରିବାକୁ ଚାହୁଁଛି। ପ୍ରୋଜେକ୍ଟ ବାସ୍କେଟ୍‌ର ମୂଳ ଲକ୍ଷ୍ୟ ହେଉଛି ଅତ୍ୟାବଶକ ସମ୍ବଳ ଏବଂ ଦକ୍ଷତା ସହିତ ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା। ଏହି ପ୍ରୟାସ ଅଧୀନରେ ଏକ ନବୀକରଣଯୋଗ୍ୟ ଏବଂ ପରିବେଶ ଅନୁକୂଳ ସମ୍ବଳ ଭାବରେ ବାଉଁଶ ଚାଷକୁ ଉତ୍ସାହିତ କରିବାକୁ ଗୋଷ୍ଠୀ ସଦସ୍ୟମାନଙ୍କ ମଧ୍ୟରେ ବାଉଁଶ ଚାରା ବଣ୍ଟନ କରାଯାଉଥିବା ଅଫ ମାଇନିଂ ବିଜିନେସ୍ ଏବଂ ସମ୍ବଲପୁର କ୍ଲଷ୍ଟର ହେଡ୍ କୈଳାସ ପାଣ୍ଡେ କହିଛନ୍ତି।

## ଡେରୀ ଉଦ୍ୟୋଗ କ୍ଷେତ୍ରରେ ଓମ୍‌ଫେଡକୁ ସ୍ୱତନ୍ତ୍ର ପୁରସ୍କାର




ଭୁବନେଶ୍ୱର,୧୯।୧୧(ସମିସ): ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ ଅବସରରେ ରାଜ୍ୟରେ ଡେରୀ ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଓମ୍‌ଫେଡକୁ ମିଳିଲା ସ୍ୱତନ୍ତ୍ର ପୁରସ୍କାର। ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଏବଂ ଭାରପ୍ରାପ୍ତ ମାନବ ସମ୍ବଳ ବିକାଶ ମୁଖ୍ୟ ନିତ୍ୟଦର୍ଶନ ମିଶ୍ର ମଂଚାସୀନ ଅତିଥିମାନଙ୍କଠାରୁ ସ୍ୱତନ୍ତ୍ର କପ୍ ଓ ମାନପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ବିଭାଗ କମିଶନର ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ, ସମବାୟ ସମିତି ୟୁନିୟନର ସଭାପତି ପ୍ରଭାସିନୀ ଷଡଙ୍ଗୀ ଏବଂ ସମବାୟ ମହାସମୀକ୍ଷକ ସନ୍ତୋଷ ନାୟକ ମଂଚାସୀନ ଥିଲେ। ଏହି ଅବସରରେ ଓମ୍‌ଫେଡ୍ ତାର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଉଚ୍ଚ ଗୁଣମାନର ଦୁଗ୍ଧଜାତ ଦ୍ରବ୍ୟ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଆସୁଛି ଏବଂ ଏଥିରେ କୌଣସି ସାଲିସ କରାଯିବ ନାହିଁ ବୋଲି କହିଛନ୍ତି ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ଇନ୍ଦିରା ଗାନ୍ଧୀ ପାର୍କଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି

## 'ବର୍ଣ୍ଣ ଟୁ ସୁନ୍, ବଟ୍ ଇନ୍ ଦ ସେଫେଷ୍ଟ ହାଣ୍ଡସ୍' ଅଭିଯାନ ଅଧୀନରେ ପ୍ରିମିଥନ୍ ୨୦୨୫




ଭୁବନେଶ୍ୱର, ୧୯।୧୧(ସମିସ): ମହିଳା ଏବଂ ଶିଶୁ ସ୍ୱାସ୍ଥ୍ୟ ନେଟୱର୍କ ଅଙ୍କୁରା ହସ୍ପିଟାଲ୍ସ, ଆୟୁ ଫାଉଣ୍ଡେସନ୍ ସହ ମିଳିତ ଭାବରେ ପ୍ରିମିଥନ୍ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏକ ସଚେତନତା ଯାତ୍ରା, ଯାହା ପ୍ରିମ୍ୟାଚୁର୍ ଶିଶୁମାନଙ୍କ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଜାତୀୟ ଅଭିଯାନ 'ବର୍ଣ୍ଣ ଟୁ ସୁନ୍, ବଟ୍ ଇନ୍ ଦ ସେଫେଷ୍ଟ ହାଣ୍ଡସ୍' ଅଧୀନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଅଙ୍କୁରା ହସ୍ପିଟାଲରୁ ଆରମ୍ଭ ହୋଇଥିଲା। ଅର୍ଜୁନ ପୁରସ୍କାର ପ୍ରାପ୍ତ ଏବଂ ଅଲିମ୍ପିଆଡ୍ ରବି କୁମାର କାଟୁଲୁ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ। ଏଥିରେ ଅଙ୍କୁରା ହସ୍ପିଟାଲ୍ସର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡିରେକ୍ଟର ଡା. କୃଷ୍ଣ ପ୍ରସାଦ ଯୋଗ ଦେଇଥିଲେ।

## ସ୍କାଉଟ୍‌ସ ଏବଂ ଗାଇଡ୍‌ସ ପକ୍ଷରୁ 'ଉଡାନ୍'




ଭୁବନେଶ୍ୱର, ୧୯।୧୧(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ କ୍ୟାମ୍ପ 'ଉଡ଼ାନ୍' ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୨୫ ଗୋଟି ଜିଲ୍ଲାରୁ ୭୫୦ ରୁ ଅଧିକ ଗାଇଡ୍ ଏହି କ୍ୟାମ୍ପରେ ଯୋଗ ଦେଇଛନ୍ତି। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକ୍ରାମ ବିଧାୟକ ବାବୁ ସିଂହ, ଯୋଜନା ଓ ଏକାଭିମୁଖତା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ, ସମ୍ମାନୀତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କୋରକୋରା ଉପସ୍ଥିତ ଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଶାରୀରିକ କଳା ପ୍ରଦର୍ଶନ, ଯୋଗ, ବକ୍ତୃତା, ଖାଦ୍ୟମେଳା, ଦଳଗତ ନୃତ୍ୟ ପ୍ରତିଯୋଗିତା ହୋଇଛି। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

## ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ବାର୍ଷିକ ସାଧାରଣ ସଭା




ଭୁବନେଶ୍ୱର, ୧୯।୧୧(ସମିସ): ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ୫୨ତମ ବାର୍ଷିକସାଧାରଣସଭାବୁଧବାରଏକତାରକାହୋଟେଲରେଅନୁଷ୍ଠିତହୋଇଯାଇଛି।ଏଥିରେ ପି. ସତ୍ୟନାରାୟଣ ଓ ପ୍ରଶାନ୍ତ ମହାପାତ୍ର ସଭାପତି ଓ ସାଧାରଣ ସମ୍ପାଦକ ହିସାବରେ ନିମ୍ବରେ ୨୦୨୫-୨୮ ବର୍ଷ ଅବଧି ପାଇଁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସର୍ବଭାରତୀୟ ସଂଘର ସଭାପତି ଜେ, ଏନ୍ ସିନ୍ଧେ ସାଧାରଣ ସମ୍ପାଦକ ରାଜୀବ ସିଂଘଲ, ଉପସଭାପତି ପୂର୍ବାଞ୍ଚଳ ପି.କେ ସିଂହ, ଯୁଗ୍ମ ସମ୍ପାଦକ ପୂର୍ବାଞ୍ଚଳ, ଭି ଜଗନ୍ନାଥ ରାଓ ଏବଂ ଯୁଗ୍ମ ସମ୍ପାଦକ ପଶ୍ଚିମାଞ୍ଚଳ, ବୈଦ୍ୟନାଥ ଜାଗୁଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ। ଖୋର୍ଦ୍ଧା ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ସଭାପତି ଗିରିଜା ପ୍ରସାଦ ରଥ, ସମ୍ପାଦନ ପ୍ରଶାନ୍ତ କୁମାର ଜେନା ଏବଂ ସମସ୍ତ ପଦାଧିକାରୀ, କାର୍ଯ୍ୟକାରିଣୀ ସଭ୍ୟ ତଥା ସାଧାରଣ ସଭ୍ୟଙ୍କ ଦ୍ୱାରା ସଭାକାର୍ଯ୍ୟ ପରିଚଳନା କରିଥିଲେ। ବିଭିନ୍ନ ଜିଲ୍ଲାରୁ ନୂତନ ଭାବେ ମନୋନୀତ ବା ନିର୍ବାଚିତ ସଭାପତି ଓ ସମ୍ପାଦକଙ୍କ ସହିତ କାର୍ଯ୍ୟକାରିଣୀ ସଭ୍ୟମାନେ ଏହି ସାଧାରଣ ସଭାରେ ଉପସ୍ଥିତ ଥିଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଜାତୀୟ ସଂହତି ଦିବସ

ଭୁବନେଶ୍ୱର, ୧୯।୧୧(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାୟନନ କାନୁନଗୋ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ତଥା ସ୍ତମ୍ଭକାର ଦାଶ୍ ବେନ୍‌ହୁର, ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଅନୁଶାସନ ସଚିବ ମୌସୁମୀ ଦାଶ ସ୍ୱାଗତ ଭାଷଣ ରଖିଥିବାବେଳେ ବିଭାଗୀୟ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

## ସୋଆର ପ୍ରଥମ କୁଳପତି ପ୍ରଫେସର ପି.କେ. ଦାଶଙ୍କ ପରଲୋକ



ଭୁବନେଶ୍ୱର, ୧୯।୧୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ଦାଶଙ୍କର ୮୪ ବର୍ଷ ବୟସରେ ବୁଧବାର ସକାଳେ ପରଲୋକ ହୋଇଯାଇଛି। ସୋଆର ପ୍ରତିଷ୍ଠାତା ସଭାପତି ତଥା ପ୍ରଫେସର ଦାଶଙ୍କର ଛାତ୍ର ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ତାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହି ଅବସରରେ ସୋଆ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ପ୍ରଫେସର ଦାମୋଦର ଆଚାର୍ଯ୍ୟ ପ୍ରଫେସର ଦାଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଷୋଡ଼ଶ ନୃତ୍ୟ ମଞ୍ଜରୀ ମହୋତ୍ସବ - ୨୦୨୫

ଭୁବନେଶ୍ୱର, ୧୯।୧୧(ସମିସ): ଚଳିତ ବର୍ଷ 'ସାଇକଳା ସଂସଦ' ଭୁବନେଶ୍ୱର ଷୋଡ଼ଶ ନୃତ୍ୟ ମଞ୍ଜରୀ ମହୋତ୍ସବ ବୁଧବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସାଇକଳା ସଂସଦର ପକ୍ଷରୁ କୋରସ୍, ଓଡ଼ିଶୀ ନୃତ୍ୟ, ମଙ୍ଗଳା ଚରଣ, (ନମାମି), ଗଙ୍ଗାତରଙ୍ଗ, କଳାବତୀ ପଲ୍ଲବୀ, ମାହାରୀ ନୃତ୍ୟ ପରିବେଷଣ କରିଥିଲେ ଉକ୍ତ ଉତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ମେୟର ସୁଲଚନା ଦାସ, ବିଧାୟକ ଅନନ୍ତନାରାୟଣ ଜେନା, ଓଡ଼ିଶା କୃଷି, ଶିଳ୍ପ ନିଗମ, ପୂର୍ବତନ ଉପାଧକ୍ଷ ଡ. ସନ୍ତୋଷ ବେଜ୍ ଯୋଗ ଦେଇଥିଲେ। ଅତାଥି ମାନଙ୍କ ସହ ସାଇକଳା ସଂସଦର ସମ୍ପାଦିକା ପୁଷ୍ପାଞ୍ଜଳୀ ନାୟକ ଅନୁଷ୍ଠାନିକ ଭାବେ ପ୍ରଦୀପ ଉଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବବର୍ଷ ଭଳି ଉକ୍ତ ଉତ୍ସବରେ ଓଡ଼ିଶାର ଭିନ୍ନ ଭିନ୍ନ ପ୍ରାନ୍ତରରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଖ୍ୟାତ ଓଡିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଘୋଡା ନାଥ ଗୁର ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ଓଡିଶୀ ନୃତ୍ୟ ଗବେଷକ ଡ଼. ଶ୍ରୀନିବାସ ଘଟୁଆରୀ, କଥକ ନୃତ୍ୟ, କୋଲକତା ଗୁରୁ ତାପସ ଦେବନାଥ, ବିଶିଷ୍ଟ କଣ୍ଠଶିଳ୍ପୀ ବିଜୟଲକ୍ଷ୍ମୀ ଦାସଙ୍କୁ 'କଳା ସମ୍ମାନ' ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାଇକଳା ସଂସଦର ମୁଖ୍ୟ ସଂମ୍ପାଦିକା ପୁଷ୍ପାଞ୍ଜଳି ନାୟକ ପରିଚାଳନା କରିଥିଲେ। ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିବା ବେଳେ ପ୍ରକାଶ କୁମାର ନାୟକ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

ବାଲିପାଟଣା, ୧୯।୧୧(ସମିସ) : ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁର ସ୍ଥିତ ବିପିନ୍ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ମୋଟ ୯୬ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଡ଼ ପ୍ରଭାତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୃତ୍ତିକା ସଂରକ୍ଷଣ ଓ ଜଳ ସମ୍ପଦ ବିଭାଗର ନିର୍ଦ୍ଦେଶକ ସୁବ୍ରତ କୁମାର୍ ପଣ୍ଡା, ମୁଖ୍ୟବକ୍ତା ଭାବରେ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ମିତାରାଣି ମଲ୍ଲିକ, ପ୍ରଧାନ ଶିକ୍ଷକ ତପନ କୁମାର ରାଉତ, ସମିତି ସଭ୍ୟ ସନାତନ ସେଠୀ ଓ ଅନ୍ୟାନ୍ୟ ଶିକ୍ଷା ବିଭାଗ ଅଧିକାରୀମାନେ ଯୋଗ ଦେଇଥିଲେ। ଅପରାହ୍ନ ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ମୁଖ୍ୟ ବକ୍ତା ଅଗ୍ନିସେବା ଅଧିକାରୀ ଜ୍ୟୋତି ପ୍ରକାଶ ରଥ ଓ ଅନ୍ୟାନ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷା ହରପ୍ରିୟା ଦାସ, ଜିଲ୍ଲା ପରିଷଦ ସଦସ୍ୟ ସୁକନ୍ୟା ସେଠୀ, ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ବନମାଳୀପୁର ହାଇ ସ୍କୁଲ୍ ପ୍ରଧାନ ଶିକ୍ଷକ ଅର୍ଣ୍ଣବ କୁମାର୍ ବେଉରା, ସମାଜସେବୀ କିଶୋର କୁମାର ଜେନା, ସହ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା, ଯଶୋଦା ସାହୁ, ସିଆରସିସି ଝୁନୀ ଦେଇ, ଶିକ୍ଷକ ନେତା ପ୍ରଭାକର ମଲ୍ଲିକ, ଦୀନବନ୍ଧୁ ସାହୁ, ଶରତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ମହାନ୍ତି, ମମିତା ଦଳାଇ, ରମା ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଜି ମାର୍ଗଶୀର ଗୁରୁବାର: ଲୋଡ଼ାପଡୁନି ପୁରାଣ ବହି; ୟୁ-ଟ୍ୟୁବ୍‌ରେ ଲକ୍ଷ୍ମୀପୁରାଣ

ଭୁବନେଶ୍ୱର, ୧୯।୧୧(ସମିସ): ଉତ୍କଳୀୟ ପରମ୍ପରାରେ ପୂଜା ପର୍ବ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି। ଏହି ପରିପ୍ରେକ୍ଷୀରେ ମାର୍ଗଶୀର ମାସ ଗୁରୁବାର ପୂଜା ଅନ୍ୟତମ। ଏହି ପୂଜା ପାଇଁ ବିବାହିତ ମହିଳାମାନେ ଅଧିକ ତତ୍ପର ହୋଇପଡ଼ିଥାନ୍ତି। ଭୋରୁ ଉଠିବା ପରେ ନିତ୍ୟ କର୍ମ ସାରି ଲକ୍ଷ୍ମୀ ପୂଜାରେ ଲାଗିଯାଇଥାନ୍ତି। ହେଲେ ପୁରାଣ ପଢ଼ିବା କଥା ହେଲେ ଏବେ ୟୁ-ଟ୍ୟୁବ୍‌ରୁ ଗୀତ ଲଗାଇ କାମ ଚଳାଇ ଦେଉଛନ୍ତି। ଫଳରେ ପୂର୍ବଭଳି ଲକ୍ଷ୍ମୀପୁରାଣ ବହି ଆଉ ଆବଶ୍ୟକ ପଡୁନାହିଁ କି ବିକ୍ରି ହେଉନାହିଁ।



ରାଜଧାନୀରେ ପ୍ରତି ଘରେ ହେଉ ଅବା ଭଡ଼ା ଘରେ ରହୁଥିବା ମହିଳାମାନେ ଲକ୍ଷ୍ମୀପୂଜା କରୁଛନ୍ତି। ହାଟ ବଜାରରୁ ଯାଇ ଗେଣ୍ଡୁ ଫୁଲ ସହ ଦୁବ, ବରକୋଳି ପତ୍ର ସହ ଅନ୍ୟ ସାମଗ୍ରୀ କିଣି ଆଣୁଛନ୍ତି ହେଲେ କେହି ଆଉ ପୁରାଣ ବହି କିଣୁନାହାନ୍ତି। ବ୍ୟସ୍ତ ବହୁଳ ସମୟ ଭିତରେ ଅନେକ ମହିଳା ଏବେ କର୍ମଜୀବୀ ଥିବାରୁ ପୁରାଣ ପଢ଼ିବା ପାଇଁ ମଧ୍ୟ ଆଉ କାହା ପାଖରେ ସମୟ ନାହିଁ। ଏଥିପାଇଁ ସବୁ ମହିଳା ଏବେ ଡ଼ିଜିଟାଲ ଉପରେ ନିର୍ଭର କରୁଛନ୍ତି। ବିଶେଷ କରି ୟୁଟ୍ୟୁବ୍‌ରେ ଲକ୍ଷ୍ମୀ ପୁରାଣ ଲଗାଇ ମହିଳାମାନେ ପୁରାଣ ବହି ପଢ଼ା କାମ ସାରି ଦେଉଛନ୍ତି। ଅନେକ କ୍ଷେତ୍ରରେ ଲକ୍ଷ୍ମୀପୁରାଣ ଗୀତ ଟେଲିଭିଜନରେ ଦେଉ ଥିବାରୁ ତାକୁ ନେଇ କାମ ଚଳାଇ ଦେଉଛନ୍ତି ରାଜଧାନୀର ଅନେକ ଉଚ୍ଚଶିକ୍ଷିତା ମହିଳା।

ଭୁବନେଶ୍ୱରର ପୁରୁଣା ବସଷ୍ଟାଣ୍ଡର ଜଣେ ପୁସ୍ତକ ବ୍ୟବସାୟୀ ତପନଙ୍କ କହିବାନୁଯାୟୀ ପୂର୍ବରୁ ମାର୍ଗଶୀର ମାସ ଆସିଲେ ଶତାଧିକ ଲକ୍ଷ୍ମୀପୁରାଣ ବହି ବିକ୍ରି ହେଉଥିଲା। କିନ୍ତୁ ସମୟ କ୍ରମେ ଏବେ ଡିଜିଟାଲ୍ ମିଡିଆର ପ୍ରଭାବ ଯୋଗୁଁ ଲକ୍ଷ୍ମୀ ପୁରାଣ ବହି ବିକ୍ରି ଯଥେଷ୍ଟ ମାତ୍ରାରେ ହ୍ରାସ ପାଉଛି। ଦିନକୁ ୭ରୁ ୮ଟା ବହି ବିକ୍ରି ହେଉଥିବା ବେଳେ ଦାମ ୨୦ରୁ ୩୦ ଟଙ୍କା ଭିତରେ ଅଛି। ସେହିଭଳି ନାରାୟଣୀ ବୁକ୍ ଷ୍ଟୋର ମାଲିକ ବାବୁଲା ବେହେରା କୁହନ୍ତି ଆଗରୁ ମାର୍ଗଶୀର ମାସ ଆସିଲେ ମାସ ସାରା ବହି ବିକ୍ରି ହେଉଥିଲା ହେଲେ ଏବେ କେହି ଆଉ ପୁରାଣ ବହିକୁ ଗୁରୁତ୍ୱ ଦେଉନାହାନ୍ତି। ଯେଉଁ ଘରେ ପୁରୁଖା ମହିଳାମାନେ କେତେକ ମାତ୍ରାରେ ଏହି ପୁରାଣ ବହି ରଖିଛନ୍ତି ବା କିଣି ନେଉଛନ୍ତି। ଏବେର ସବୁ ମହିଳାମାନେ ଆଧୁନିକତାରେ ରହି ପୁରାଣ ବହିକୁ ଗୁରୁତ୍ୱ ଦେବା ଭୁଲି ଯାଉଛନ୍ତି ବୋଲି ସେ କହିଛନ୍ତି।

### ଛାଞ୍ଚ ଚିତା ଛଡ଼ାଇ ନେଉଛି ସୃଜନଶୀଳତା

ମାଣବସା ଝୋଟି ଚିତା ପକାଇବାକୁ ହେଲେ ଚାଉଳକୁ ବାଟି ପିଠଉ କରି ହାତରେ ଛିଟ କପଡ଼ାଟିଏ ଧରି ଭଳିକିଭଳି ଝୋଟି ପଡ଼ିଥାଏ। ଏଥିରେ ମହିଳାମାନେ ଧାନ୍ୟର ସହିତ ସବୁ ସୃଜନଶୀଳକୁ ଲଗାଇ ଛୋଟି ପକାଇଥାନ୍ତି। କିନ୍ତୁ ଏବେ ସବୁ ଜଞ୍ଜାଳରୁ ମୁକ୍ତି। ହାଟ ବଜାରକୁ ଯାଅ ଆଉ ଛାଞ୍ଚ କିଣିଆଣ। ବସ୍ ଏହି ଛାଞ୍ଚରେ ଢ଼ାଳି ଦେଉଛନ୍ତି ମୁରୁଜ ଆଉ ପିଠଉ। ପରେ ଛାଞ୍ଚ ଚିତାରେ ଆଙ୍କି ହେଉଯାଉଛି ବିଭିନ୍ନ ପ୍ରକାରର ଚିତା। ବର୍ତ୍ତମାନ ଦିନରେ ଛୋଟି କହିଲେ ଏବେ ଏହାକୁ ବୁଝାଉଛି। ଆଧୁନିକ ସମାଜରେ ଛୋଟି କହିଲେ ଏବେ ଏହାକୁ ବୁଝାଉଛି। ନୂଆ ପିଢ଼ି ଏଇ ଛାଞ୍ଚ ମୋହରେ ମାତିଛନ୍ତି। ଏଣୁ ଓଡ଼ିଆଣି ହାତର ଯାଦୁ ଆଉ ଦେଖାଯାଉନାହିଁ। ଏବେ ଏହା ହଜି ହଜି ଯାଉଛି। ଆଉ ଛାଞ୍ଚ ଛଡ଼ାଇ ନେଉଛି ମହିଳାଙ୍କ ସୃଜନ।

ରାଜଧାନୀରେ ମଧ୍ୟ ରାସ୍ତାକଡ଼ରୁ ନେଇ ହାଟ ବଜାରରେ ଫାଇବର ଛାଞ୍ଚ ସହିତ ଚାଲୁଣି ଛାଞ୍ଚ ଉପଲବ୍ଧ ହେଉଛି। ଗୁଜୁରାଟରୁ ବେପାରୀ ଆସି ମାଷ୍ଟରକ୍ୟାଣ୍ଟିନ୍ ସମେତ ପ୍ରଦର୍ଶନୀ ପଡ଼ିଆ ରାସ୍ତାରେ ପସରା ମେଲାଇଛନ୍ତି। ଫାଇବର ଛାଞ୍ଚର ମୂଲ୍ୟ ୧୧୦ ଟଙ୍କା ରହୁଥିବା ବେଳେ ଚାଲୁଣି ଛାଞ୍ଚର ମୂଲ୍ୟ ବଡ଼ ରୁ ମୂଲ୍ୟ ୨୦୦ ଟଙ୍କା ଏବଂ ଛୋଟ ଚାଲୁଣି ଚାଞ୍ଚ ଦୁଇଟାକୁ ୫୦ ଟଙ୍କା ରହିଛି। ଫଳରେ ମହିଳାଙ୍କୁ ଏହା ବେସ ସୁହାଉଛି। କମ ସମୟରେ ଛୋଟି କରିବାର ଚିନ୍ତା ଆଉ ରହୁନାହିଁ। ହେଲେ କିଛି ମହିଳା ଏବେବି ଚାଉଳ



ବଟା ଚିତାକୁ ପସନ୍ଦ କରିଥାନ୍ତି।

ନିୟୁ ଏଜି କଲୋନୀର ସ୍ୱର୍ଣ୍ଣଲତା ନାୟକ କୁହନ୍ତି ଛାଞ୍ଚ କେବଳ ଦିପାବଳି ଆଉ ଦୁର୍ଗାପୂଜାରେ ଚିତା କଲେ ଠିକ୍ ହବ। ହେଲେ ଏବେବି ଗୁରୁବାରରେ ଚାଉଳ ବଟା ପିଠଉରେ ଚିତା କରିଲେ ସୁନ୍ଦର ଦିସେ। କିନ୍ତୁ କମ ସମୟରେ ଚିତା ହେଉଥିବାରୁ ସମସ୍ତେ ଏହାକୁ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୫ • ପାଉଣ୍ଡ ୧୧୬.୦୪
- ୟୁରୋ ୧୦୨.୪୯ • ୟେନ୍ ୦.୫୭

## ସୁନା, ରୂପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୪,୬୦୦ (ନୂଆଦିଲ୍ଲୀ)
- ରୁପା : ୧,୫୩,୭୦୬ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୧୮୬.୦୦
- ନିଫ୍ଟି ୨୬,୦୫୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବଦଳିବ ଆଧାର କାର୍ଡ ରୂପ

## ହଟିବ ନାମ ଓ ଠିକଣା; ରହିବ କେବଳ ଫଟୋ ଓ କ୍ୟୁଆର୍ କୋଡ୍

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ବର୍ତ୍ତମାନ ସମୟରେ ଆଧାର ବେଶ ଜରୁରୀ ଡକ୍ୟୁମେଣ୍ଟ। ବିନା ଆଧାରରେ ସବୁ କାମ ବନ୍ଦ। ଏଣୁ ଏଭଳି ଜରୁରୀ ଡକ୍ୟୁମେଣ୍ଟର ହୋଇଥିବା ବେଳେ ଏହାର ଭୁଲ ଉପଯୋଗର ବିପଦ ମଧ୍ୟ ରହୁଛି। ଏହି ବିପଦର ଆଶଙ୍କା ଆଧାରକୁ ଆହୁରି ସୁରକ୍ଷିତ କରିବା ପାଇଁ ସରକାର ପୁଣି ଥରେ ଏଥିରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଆସିବାକୁ ଥିବା ନୂଆ ଆଧାର କାର୍ଡରେ କେବଳ ଜଣଙ୍କର ଫଟୋ ଓ ଏକ କ୍ୟୁଆର କୋଡ୍ ରହିବ। ଏଥିରେ ପୂର୍ବ ଭଳି ଲିଖିତ ଆପଣଙ୍କ ନାମ, ଠିକଣା ଓ ଆଧାରକାର୍ଡ ନମ୍ବର ହଟାଇ ଦିଆଯିବ। ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ ଇଣ୍ଡିଆ (ୟୁଆଇଡିଏଆଇ) ଲୋକଙ୍କ ସମ୍ପର୍କିତ ସୂଚନାର ଦୂରୁପଯୋଗ ରୋକିବା ପାଇଁ ଓ ଅଫ୍‌ଲାଇନ୍ ଭେରିଫିକେସନକୁ ହତୋତ୍ସାହିତ କରିବା ପାଇଁ କାର୍ଡଧାରୀଙ୍କ ଫଟୋ ଓ କ୍ୟୁଆର କୋଡ ସହିତ ଆଧାରକାର୍ଡ ଜାରି କରିବାକୁ ବିଚାର କରୁଛି। ଆଧାର ଉପରେ ଆୟୋଜିତ ଏକ ସମ୍ମିଳନୀରେ ୟୁଆଇଡିଏଆଇ ମୁଖ୍ୟକାର୍ଯ୍ୟକାରୀ ଅଧିକାରୀ (ସିଇଓ) ଭୁବନେଶ କୁମାର କହିଛନ୍ତି ଯେ ପ୍ରାଧିକରଣ ଡିସେମ୍ବରରେ ଏକ ନୂଆ ନିୟମ ଆଣିବା ପାଇଁ ବିଚାର କରୁଛନ୍ତି।

କିଛି ଦିନ ପୂର୍ବେ ନୂତନ ଆଧାର ଆପ୍ ଲଞ୍ଚ କରିବା




ପରେ, ୟୁଆଇଡିଏଆଇ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆପ୍ ପ୍ରଚଳନ କରିବାକୁ ପ୍ରସ୍ତୁତ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଏହି ଆପ୍ ଅଫଲାଇନ୍ ଯାଞ୍ଚକୁ ସରଳ କରିବା ପାଇଁ ଅଣାଯିବ। ଏହାପରେ, ଆଧାର ବ୍ୟବହାର ସମ୍ପୂର୍ଣ୍ଣ ଅନଲାଇନ୍ ହୋଇଯିବ ଏବଂ କାହାକୁ କୌଣସି ସ୍ଥାନରେ ଆଧାରର ଭୌତିକ କିମ୍ବା ଫଟୋକପି ବ୍ୟବହାର କରିବାକୁ ପଡ଼ିବନାହିଁ। ରିପୋର୍ଟ ଅନୁଯାୟୀ, ଏହି ଆପ୍ ଡିଜିଯାତ୍ରୀ ଆପ୍ ପରି କାମ କରିବ, ଯାହା କେବଳ ଏକ କ୍ୟୁଆର୍ କୋଡ୍ ସ୍କାନ କରି ବ୍ୟବହାରକାରୀ ଯାଞ୍ଚକୁ ଅନୁମତି ଦେବ। ଫଟୋକପି ବ୍ୟବହାରକୁ ଦୂର କରିବା ପାଇଁ ୟୁଆଇଡିଏଆଇ ଏହି ଆପ୍ ଆଣିବାକୁ ଯାଉଛି। ଶ୍ରୀ କୁମାର କହିଛନ୍ତି ଯେ ଏହି ଆପ୍ ବର୍ତ୍ତମାନ ପରୀକ୍ଷଣାଧୀନ ଅଛି ଏବଂ ଖୁବ୍ ଶୀଘ୍ର ବ୍ୟବହାର ପାଇଁ ଉପଲବ୍ଧ ହେବ। କିଛି ଦିନ ପୂର୍ବରୁ, ରିପୋର୍ଟ ଅନୁଯାୟୀ, ଏହି ଆପ୍ ଅଫଲାଇନରେ ମଧ୍ୟ କାମ କରିବ। ଏହାର ଅର୍ଥ ହେଉଛି ଆଗାମୀ ନୂତନ ଆପ୍ ଇଣ୍ଟରନେଟ୍ ବିନା ଯେ କୌଣସି ବ୍ୟକ୍ତିଙ୍କ ପରିଚୟକୁ ଅଫଲାଇନ୍‌ରେ ଯାଞ୍ଚ କରିବାକୁ ଅନୁମତି ଦେବ। ଏହା ଉଲ୍ଲେଖନୀୟ ଯେ ଆଧାର ମାଧ୍ୟମରେ ପରିଚୟ ଯାଞ୍ଚ କରିବା ପାଇଁ ବିଭିନ୍ନ ସ୍ଥାନରେ ଆଧାର କାର୍ଡର ଫଟୋକପି ସଂଗ୍ରହ କରାଯାଏ। ଆଗାମୀ ନୂତନ ଆପ୍ ଏହି ପ୍ରକ୍ରିୟାକୁ ପରିବର୍ତ୍ତନ କରିବ, ଆଧାର କ୍ୟୁଆର୍ କୋଡ୍ ଅଫଲାଇନରେ ସ୍କାନ କରି ଯେକୌଣସି ବ୍ୟକ୍ତିଙ୍କ ପରିଚୟ ଯାଞ୍ଚ କରିବାକୁ ଅନୁମତି ଦେବ। ତଥାପି, ଏଥିପାଇଁ ବ୍ୟକ୍ତିଙ୍କ ସମ୍ମତି ଆବଶ୍ୟକ ହେବ।

ଏହି ଆପ୍ ବ୍ୟବହାର କରାଯିବ ସେଠାରେ ଯେଉଁଠାରେ ଆଧାର ଯାଞ୍ଚ ଆବଶ୍ୟକ, ଯେପରିକି ହୋଟେଲରେ। ଏହି ଆପ୍ ମାଧ୍ୟମରେ, ଉପଯୋଗକର୍ତ୍ତାଙ୍କ ଆଧାର ଯାଞ୍ଚ ସେମାନଙ୍କର କ୍ୟୁଆର୍ କୋଡ୍ ସ୍କାନ୍ କରି ସମାପ୍ତ ହେବ। ସେମାନଙ୍କର ଆଧାର କାର୍ଡର ଏକ ଭୌତିକ କପି କିମ୍ବା ଫଟୋକପି ପ୍ରଦାନ କରିବା ପରିବର୍ତ୍ତେ, ବ୍ୟବହାରକାରୀଙ୍କୁ କେବଳ କ୍ୟୁଆର୍ କୋଡ୍ ଦେଖାଇବାକୁ ପଡିବ। ଏହି କ୍ୟୁଆର୍ କୋଡ୍ ୟୁଆଇଡିଏଆଇର ସଦ୍ୟ ଲଞ୍ଚ ହୋଇଥିବା ଆଧାର ଆପ୍ ମାଧ୍ୟମରେ ସେୟାର କରାଯାଇପାରିବ। ରିପୋର୍ଟ ଅନୁଯାୟୀ, ୟୁଆଇଡିଏଆଇ ଆଧାର କାର୍ଡର ଭୌତିକ ରୂପ ପରିବର୍ତ୍ତନ କରିବା ବିଷୟରେ ମଧ୍ୟ ବିଚାର କରୁଛି। ଏହା ସମ୍ଭବ ଯେ ଭବିଷ୍ୟତରେ, ଆଧାର କାର୍ଡର ଭୌତିକ କପିରେ କେବଳ ୟୁଆଇଡିଏଆଇ କୋଡ୍ ଏବଂ ଧାରକଙ୍କ ଫଟୋ ରହିବ। ଏହା ଆଧାର ଧାରକଙ୍କ ଗୋପନୀୟତା ବଜାୟ ରଖିବ ଏବଂ କାର୍ଡରେ ଅନାବଶ୍ୟକ ସୂଚନାର ଅପବ୍ୟବହାରକୁ ରୋକିବ।

## ୨୧ରୁ ଜୟଆଲୁକ୍କାସ୍ 'ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲରୀ ଶୋ'

ଭୁବନେଶ୍ୱର,୧୯।୧୧(ସମିସ): ଜୁଏଲେରୀ ବ୍ରାଣ୍ଡ ଜୟଆଲୁକ୍କାସ, ଭୁବନେଶ୍ୱରରେ ତାଙ୍କର ପ୍ରତୀକାତ୍ମକ ଭୁବନେଶ୍ୱରର ଶୋ' ରୁମ୍‌ରେ ୨୧ ନଭେମ୍ବରରୁ ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲରୀ ଶୋ' ଆରମ୍ଭ କରିବାକୁ ଯାଉଛି। ଏହି ପ୍ରଦର୍ଶନୀରେ ଡାଏମଣ୍ଡ ଅଳଙ୍କାରର କାରୁକଳା, ଶୈଳୀ ଏବଂ ନୂଜନତାର ଅବିସ୍ମରଣୀୟ ଉତ୍ସବ ପାଳନ କରିବାକୁ ପ୍ରତିବଦ୍ଧ। ବିବାହ ଶୃଙ୍ଗାର ସେଟ୍ ରୁ ଆଧୁନିକ ଦୈନନ୍ଦିନ ଚମକ ପର୍ଯ୍ୟନ୍ତ, ଏହି ପ୍ରଦର୍ଶନୀରେ ସେହି ସମସ୍ତ ପିସ୍ ଦର୍ଶାଇଯାଉଛି ଯାହା ସମୟାନୁଯାୟୀ ପାରମ୍ପରିକତାକୁ ଆଧୁନିକ ସୌନ୍ଦର୍ଯ୍ୟ ସହିତ ମିଶାଏ। ପ୍ରତ୍ୟେକ ଡିଜାଇନ୍ ଏକ କଳାକୃତି, ଯାହା କେବଳ ପ୍ରଦର୍ଶନୀ ସମୟରେ ସୀମିତ ସମୟ ପାଇଁ ଉପଲବ୍ଧ। ଜୟଆଲୁକ୍କାସ ଗ୍ରୁପ୍‌ର ଅଧ୍ୟକ୍ଷ ଡଃ ଜୟ ଆଲୁକ୍କାସ କହିଛନ୍ତି, ବ୍ରିଲିଆନ୍ସ ଡାଏମଣ୍ଡ ଜୁଏଲରୀ ଶୋ' ହେଉଛି ଡାଏମଣ୍ଡର ଅତୁଟ ସୌନ୍ଦର୍ଯ୍ୟ ପ୍ରତି ଆମର ସମ୍ମାନ ଏବଂ ଜୁଏଲରୀ ଡିଜାଇନରେ ଆମର ସଂପୂର୍ଣ୍ଣତା ପ୍ରତି ଆଗ୍ରହ। ଉତ୍ସବ ଋତୁରେ ଏହି ପ୍ରଦର୍ଶନୀ ଗ୍ରାହକମାନେ ପାଇଁ ସୌନ୍ଦର୍ଯ୍ୟ, ବ୍ୟକ୍ତିତ୍ୱ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟର ସର୍ବୋତ୍ତମ ପ୍ରତିବିମ୍ବ ଦେଖିବାକୁ ଏକ ବିଶେଷ ସୁଯୋଗ ଦେବ। ଏହି ପ୍ରଦର୍ଶନୀ ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀ ସମୟରେ ୧ ଲକ୍ଷ ଟଙ୍କା ଓ ତାହାଠାରୁ ଅଧିକ ମୂଲ୍ୟର ଡାଏମଣ୍ଡ ଅଳଙ୍କାର କ୍ରୟ କରିଥିବା ପ୍ରତ୍ୟେକ ଗ୍ରାହକଙ୍କୁ ଏକ ମାଗଣା ସୁବର୍ଣ୍ଣ ମୁଦ୍ରା ଦିଆଯିବ, ଯାହା ଶପିଂ ଅନୁଭବକୁ ଅଧିକ ଆଲୋକିତ କରିବ।

## ପିଲାଙ୍କ ମଧ୍ୟରେ ବାଲ୍ୟ ଶିକ୍ଷା ବଢ଼ାଇଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୧୯।୧୧(ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମଖଣି, ଘୋଘରପଲ୍ଲୀ ଏବଂ କୁରାଲୋଇ (ଏ) ଉତ୍ତର କୋଇଲା ଖଣି କାର୍ଯ୍ୟକ୍ଷମ ଅଞ୍ଚଳରେ ୪୦ଟି ଅଙ୍ଗନୱାଡି କେନ୍ଦ୍ରରେ ୪୫୦ରୁ ଅଧିକ ପିଲାଙ୍କୁ ଶିକ୍ଷଣ ସହାୟତା କିଟ୍ ପ୍ରଦାନ କରି ପ୍ରାରମ୍ଭିକ ବାଲ୍ୟ ଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ପ୍ରତ୍ୟେକ କିଟ୍ ଦୁଇଟି ଭାଷାରେ ରହିଛି, ଆକୃତି ପଜଲ୍, ନମ୍ବର କ୍ୟୁବ୍, ଏବଂ ଖେଳ ଉପକରଣଗୁଡିକ ଅନ୍ତର୍ଭୁକ୍ତ ଯାହା କୌତୁହଳ ସୃଷ୍ଟି କରିବା, ଜ୍ଞାନାତ୍ମକ ଦକ୍ଷତା ନିର୍ମାଣ, ଏବଂ



ମୌଳିକ ଶିକ୍ଷାକୁ ସମର୍ଥନ କରିଥାଏ। ଏହି ବିତରଣ ଅଭିଯାନରେ ସ୍ଥାନୀୟ ଅଂଶୀଦାର, ପିତାମାତା ଏବଂ କର୍ମଚାରୀ ସ୍ୱେଚ୍ଛାସେବୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଗୋଷ୍ଠୀ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି କମ୍ପାନୀର ସହଯୋଗୀ ଆଭିମୁଖ୍ୟକୁ ପ୍ରତିଫଳିତ କରିଥିଲା। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆଜିର ପିଲାମାନେ କାଲିର ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରନ୍ତି, ଏବଂ ସେମାନଙ୍କ ଅଭିବୃଦ୍ଧିରେ ନିବେଶ କରିବା ହେଉଛି ଆମ ଦେଶର ଭବିଷ୍ୟତରେ ନିବେଶ କରିବା।

## ଆମୱେ ଇଣ୍ଡିଆର 'ନ୍ୟୁଟ୍ରିଲାଇଟ୍ ଭିଟାମିନ ଡି ପ୍ଲସ୍ ବୋରୋନ'

ଭୁବନେଶ୍ୱର,୧୯।୧୧(ସମିସ): ସାମ୍ପ୍ରତିକ ଜୀବନଶୈଳୀ ଦ୍ୱାରା ପୁଷ୍ଟିଗତ ତାରତମ୍ୟ ବୃଦ୍ଧିପାଉଥିବାବେଳେ ଉପଭୋକ୍ତାମାନେ ସୁସ୍ଥ ଜୀବନକୁ ସମର୍ଥନ କରିବା ନିମନ୍ତେ ପୂର୍ଣ୍ଣାଙ୍ଗ କଲ୍ୟାଣ ଆଡକୁ ମୁହାଁଉଛନ୍ତି। ଏହିଭଳି ଏକ ଚିନ୍ତାର ବିଷୟ ହେଉଛି ଭିଟାମିନ୍ ଡି ପର୍ଯ୍ୟାପ୍ତ ନ ହେବା, ଯାହା ଏକ ନିରବ ମହାମାରୀ ହୋଇଛି ଏବଂ ଏହି ପୁଷ୍ଟିଗତ ତାରତମ୍ୟ ଦୂର କରିବାକୁ ସକ୍ରିୟ ଭାବରେ ଦୃଷ୍ଟି ଦେବା ଆବଶ୍ୟକ କରୁଛି। ଉପଭୋକ୍ତାଙ୍କ ଆବଶ୍ୟକତା ଦ୍ୱାରା ପରିଚାଳିତ ହୋଇ ଏବଂ ଏହାର ପୁଷ୍ଟିଗତ ଅଜ୍ଞତାକୁ ଆଗେଇ ନେଇ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଏକ ଅଗ୍ରଣୀ କମ୍ପାନୀ ଆମ୍‌ୱେ ଇଣ୍ଡିଆ ଶୀର୍ଷସ୍ତରର ଭିଟାମିନ ଡି ବଜାୟ ରଖୁଥିବା ତଥା ଅସ୍ଥି ଓ ରୋଗ ପ୍ରତିରୋଧ ସ୍ୱାସ୍ଥ୍ୟକୁ ସମର୍ଥନ କରୁଥିବା ବ୍ୟବସ୍ଥା ବଜାୟ ରଖିବାକୁ ବିଜ୍ଞାନସମ୍ମତ ଭାବରେ ଉପାଦାନଗୁଡିକୁ ନେଇ ଡିଜାଇନ କରାଯାଇଥିବା ନ୍ୟୁଟ୍ରିଲାଇଟ ଭିଟାମିନ ଡି ପ୍ଲସ୍ ବୋରୋନ ପ୍ରଚଳନ କରିଥିବା ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଛନ୍ତି।

## ଭାରତ କରି ଦେଖାଇଲା, ଏବେ ଟ୍ରମ୍ପଙ୍କ ପାଳି

# ଅତିରିକ୍ତ ୨୫% ଶୁଳ୍କ ଉଠାଉ ଆମେରିକା: ଜିଟିଆର୍‌ଆଇ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ରୁଷରୁ ଭାରତକୁ ଆସୁଥିବା ଅଶୋଧିତ ତୈଳର ପରିମାଣ ହ୍ରାସ ପାଇଛି। ଚଳିତ ମାସରେ ରୁଷରୁ ଭାରତକୁ ତୈଳ ଲୋଡିଂ ପ୍ରାୟ ଦୁଇ-ତୃତୀୟାଂଶ ହ୍ରାସ ପାଇଛି। ଏହି ହ୍ରାସ ଆମେରିକାର ପ୍ରତିବନ୍ଧକ ଯୋଗୁଁ ହୋଇଛି। ଏହି ସମୟରେ ଭାରତୀୟ ବାଣିଜ୍ୟ ଥିଙ୍କ୍ ଟ୍ୟାଙ୍କ ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ଆମେରିକାକୁ 'ରୁଷ ତେଲ'ବର୍ଗ ଅଧୀନରେ ଭାରତୀୟ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫% ଶୁଳ୍କ ତୁରନ୍ତ ଉଠାଇବାକୁ ଅନୁରୋଧ କରିଛି।

ଜିଟିଆର୍‌ଆଇ କହିଛି ଯେ ଭାରତ ରୁଷରୁ ଏହାର ଅଶୋଧିତ ତୈଳ ଆମଦାନୀକୁ ଯଥେଷ୍ଟ ହ୍ରାସ କରିଛି, ଯାହା ଫଳରେ ଏହି ଅତିରିକ୍ତ ଶୁଳ୍କ ଆଉ ଯଥାର୍ଥ ନୁହେଁ। ଭାରତ ରୁଷରୁ ଅଶୋଧିତ ତୈଳ କିଣୁଥିବାରୁ ଆମେରିକା ଭାରତ ଉପରେ ଏହି ୨୫% ଶୁଳ୍କ ଲଗାଇଛି। ଜିଟିଆର୍‌ଆଇର ଆବେଦନ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାର୍ବଜନୀନ ଭାବରେ ସ୍ୱୀକାର କରିବାର କିଛି ଦିନ ପରେ ଆସିଛି ଯେ ଭାରତ ପ୍ରାୟତଃ ରୁଷ ତେଲ କିଣିବା ବନ୍ଦ କରିଦେଇଛି। ଏବେ ପ୍ରଶ୍ନ ହେଉଛି ଟ୍ରମ୍ପ ଭାରତ ଉପରେ ଲାଗୁ ହୋଇଥିବା ଅତିରିକ୍ତ ୨୫% ପ୍ରତିଶତ ଶୁଳ୍କ ଉଠାଇବେ କି ତାଙ୍କର ପୂର୍ବ ବକ୍ତବ୍ୟରୁ ପଛକୁ ହଟିବେ। ଜିଟିଆର୍‌ଆଇର ଯୁକ୍ତି ହେଉଛି ଯେ, ଟ୍ରମ୍ପଙ୍କ ସ୍ୱୀକୃତି ଏବଂ ପ୍ରତିଶ୍ରୁତିକୁ ଦୃଷ୍ଟିରେ ରଖି ଆମେରିକା ଏହି ଅତିରିକ୍ତ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରିବା ଉଚିତ, ଏହାକୁ ବ୍ୟାପକ



ଏବଂ ଧୀର ଗତିରେ ଚାଲିଥିବା ବାଣିଜ୍ୟ ଆଲୋଚନା ସହିତ ଯୋଡ଼ିବା ପରିବର୍ତ୍ତେ। ଜିଟିଆର୍‌ଆଇ ଅନୁଯାୟୀ, ଏହି ଶୁଳ୍କ ଜାରି ରଖିବା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଦଣ୍ଡ ସ୍ୱରୂପ। ଜିଟିଆର୍‌ଆଇ ଚେତାବନୀ ଦେଇଛି ଯେ ଏହି ଶୁଳ୍କ ବଜାୟ ରଖିବା ସମ୍ଭାବନାକୁ କ୍ଷତି ପହଞ୍ଚାଇପାରେ ଏବଂ ଚାଲୁଥିବା ବାଣିଜ୍ୟ ଆଲୋଚନାର ଗତିକୁ ମନ୍ଥର କରିପାରେ। ଜିଟିଆର୍‌ଆଇ ଯୁକ୍ତି ରଖିଛି ଯେ ସମୟୋଚିତ ଶୁଳ୍କ ପ୍ରତ୍ୟାହାର ଟ୍ରମ୍ପଙ୍କ ପ୍ରତିବଦ୍ଧତାକୁ ମଜବୁତ କରିବ। ଭାରତକୁ ଆମେରିକାର ଅଶୋଧିତ ତୈଳ ଏବଂ ଏଲ୍‌ପିଜି ପ୍ରତି ଦ୍ରୁତ ପ୍ରତ୍ୟାବର୍ତ୍ତନ ସହିତ ପୁରସ୍କୃତ କରାଯିବ। ଏହା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ପ୍ରମୁଖ ପ୍ରତିବନ୍ଧକକୁ ମଧ୍ୟ ଦୂର କରିବ। ସେ ଏହା ମଧ୍ୟ କହିଛନ୍ତି ଯେ ଏହି ଅତିରିକ୍ତ ଶୁଳ୍କ ହଟାଇବା ଦ୍ୱାରା ଚୀନ୍ ଭଳି ଅନ୍ୟ ପ୍ରମୁଖ ଅର୍ଥନୀତି ସହିତ ସମାନତା ପୁନଃସ୍ଥାପିତ ହେବ, ଯେଉଁମାନେ ଦଣ୍ଡ ବିନା ବହୁତ ଅଧିକ ପରିମାଣରେ ରୁଷୀୟ ତୈଳ ଆମଦାନୀ କରିଆସୁଛନ୍ତି।

୨୦୨୫ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଭାରତର ଆମେରିକୀୟ ପେଟ୍ରୋଲିୟମ୍ ଅଶୋଧିତ ତୈଳ ଆମଦାନୀ ୬୬.୯ ପ୍ରତିଶତ ବୃଦ୍ଧି ପାଇ ୫.୭ ବିଲିୟନ ଡଲାର ହୋଇଛି। ଏହାଫଳରେ ଆମେରିକାରୁ ଭାରତର ମୋଟ ପେଟ୍ରୋଲିୟମ୍ ଏବଂ ଉତ୍ପାଦ ରପ୍ତାନିରେ ୩୬.୩ ପ୍ରତିଶତ ବୃଦ୍ଧି ଘଟି ୭.୫ ବିଲିୟନ ଡଲାରରେ ପହଞ୍ଚିଛି। ଅପରପକ୍ଷେ ଆମେରିକାକୁ ଭାରତର ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନି ୧୫ ପ୍ରତିଶତ ହ୍ରାସ ପାଇ ୨.୩ ବିଲିୟନ ଡଲାର ହୋଇଛି। ଏହା ୱାଶିଂଟନର ଚିନ୍ତାକୁ ମଧ୍ୟ ଦୂର କରିଛି ଯେ ଭାରତୀୟ ରିଫାଇନାରୀଗୁଡ଼ିକ ରୁଷୀୟ ଅଶୋଧିତ ତୈଳକୁ ଆମେରିକୀୟ ବଜାରକୁ ପଠାଉଛନ୍ତି।

## ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେସନ ଡ୍ରାଇଭ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୧୧ : ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଖଜୁରିଆ ଶାଖାଠାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେସନ ଡ୍ରାଇଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ସମାଜର ଅବହେଳିତ ବର୍ଗକୁ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ୍ ସେବା ସହିତ ଯୋଡ଼ିବା, ଆର୍ଥିକ ସଚେତନତା ବୃଦ୍ଧି କରିବା ଏବଂ ଡିଜିଟାଲ ପେମେଣ୍ଟ ସମାଧାନକୁ ପ୍ରୋତ୍ସାହିତ କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ କେନ୍ଦ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ଜିକେ ସୁଧାକର ରାଓ, ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ହରେକୃଷ୍ଣ ଦାସ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ମିତ୍ରଙ୍କ ସମେତ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ପେନ୍‌ସନ୍ ଯୋଜନା,ପିଏମ୍ ସ୍ୱନିଧି ଯୋଜନା ଓ ଆକାଉଣ୍ଟଗୁଡିକର ରିକେୱାଇସି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା।




## ପ୍ରଥମ ଓଡ଼ିଶା ନ୍ୟୁରୋଡାଇଭରସିଟି ସମ୍ମିଳନୀର ଆୟୋଜକ ଟାଟା ପାୱାର



ଭୁବନେଶ୍ୱର, ୧୯।୧୧(ସମିସ): ଟାଟା ପାୱାର, ଏହାର ସାମାଜିକ ପ୍ରଭାବ ଶାଖା- ଟାଟା ପାୱାର କମ୍ୟୁନିଟି ଡେଭେଲପମେଣ୍ଟ ଟ୍ରଷ୍ଟ (ଟିପିସିଡିଟି) ଏବଂ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡିକ ସହିତ ମିଳିତ ଭାବରେ, ରମା ଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପ୍ରଥମ ଓଡ଼ିଶା ନ୍ୟୁରୋଡାଇଭରସିଟି ସମ୍ମିଳନୀ ୨୦୨୫ ସଫଳତାର ସହିତ ଆୟୋଜନ କରିଛି। ପେ ଅଟେନ୍‌ସନ୍ - ଏକ ଫିଜିଟାଲ୍ (ଫିଜିକାଲ + ଡିଜିଟାଲ୍) ଅଟିଜିମ୍ ସପୋର୍ଟ ନେଟୱାର୍କ ଅଧୀନରେ ଅନୁଷ୍ଠିତ ଏହି ସମ୍ମିଳନୀ ଓଡ଼ିଶାର ନ୍ୟୁରୋଡାଇଭରସିଟି ଇକୋସିଷ୍ଟମକୁ ସୁଦୃଢ଼ କରିବା ସହିତ ଏ ସମ୍ପର୍କରେ ସଚେତନତା ଆଣି ରାଜ୍ୟବ୍ୟାପୀ ପେ ଅଟେନ୍‌ସନ୍ ପ୍ଲାଟଫର୍ମକୁ ପରିଚିତ କରାଇଛି। ସମ୍ମିଳନୀରେ ୪୦୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ଯେଉଁଥିରେ ୨୦୦ ରୁ ଅଧିକ ନ୍ୟୁରୋଡାଇଭର୍ସ ବ୍ୟକ୍ତି ଏବଂ ଦିବ୍ୟାଙ୍ଗ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତି, ସ୍ୱତନ୍ତ୍ର ଶିକ୍ଷାଦାତା, ସ୍ୱେଚ୍ଛାସେବକ ଏବଂ କର୍ପୋରେଟ୍ ଓ ସିଭିଲ୍ ସୋସାଇଟି ପ୍ରତିନିଧିମାନେ ସାମିଲ ଥିଲେ। ନେତୃତ୍ୱ ଆଲୋଚନା, କର୍ମଶାଳା ଏବଂ ପ୍ରଦର୍ଶନୀ ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ଓଡ଼ିଶାର ନ୍ୟୁରୋଡାଇଭରସିଟି କ୍ଷେତ୍ରରେ ଅନ୍ତର୍ଭୁକ୍ତିକରଣର ପ୍ରୟାସକୁ ମଜବୁତ କରିବା ପାଇଁ ଜ୍ଞାନ ଆଦାନପ୍ରଦାନ ଏବଂ ସମ୍ପ୍ରଦାୟର ସହଯୋଗ ପାଇଁ ଏକ ପ୍ଲାଟଫର୍ମ ତିଆରି କରିଥିଲା। ଏହି ଅବସରରେ ଟାଟା ପାୱାରର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଏବଂ ସଷ୍ଟେନେବିଲିଟି ଓ ସିଏସଆର ମୁଖ୍ୟ ଶ୍ରୀ ହିମଲ ତିୱାରୀ କହିଛନ୍ତି ଯେ, ଟାଟା ପାୱାରରେ, ଅନ୍ତର୍ଭୁକ୍ତିକରଣ କେବଳ ଏକ ଦୃଷ୍ଟିକୋଣ ନୁହେଁ, ବରଂ ପେ ଅଟେନସନ୍ ମାଧ୍ୟମରେ ସାକାର ହୋଇଥିବା ଏକ ମିଶନ, ଯାହା ସମଗ୍ର ଭାରତରେ ନ୍ୟୁରୋଡାଇଭର୍ସ ପିଲା ଏବଂ ସେମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ସଶକ୍ତ କରିଥାଏ।

## ସିଷ୍ଟମ୍‌ରେ ଆକ୍ଟିଭ୍ ହୋଇଯାଇଥିଲା ପୁରୁଣା ବଗ୍

# ଫେଲ୍ ମାରିଲା ଇଣ୍ଟରନେଟ୍‌ର ଚୌକିଦାର କ୍ଲାଉଡ୍‌ଫ୍ଲେୟାର

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି): ମଙ୍ଗଳବାର ବିଶ୍ୱବ୍ୟାପୀ କ୍ଲାଉଡ୍‌ଫ୍ଲେୟାର ଡାଉନ୍ ରହିଥିଲା। ସାରା ବିଶ୍ୱରେ କ୍ଲାଉଡ୍‌ଫ୍ଲେୟାର ଡାଉନ୍ ହେବା ପରେ କମ୍ପାନୀର ନେଟୱାର୍କ ଉପରେ ନିର୍ଭର କରୁଥିବା ହଜାର ହଜାର ୱେବସାଇଟ୍ ଆଜି ଡାଉନ୍ ହୋଇଯାଇଛି। ଏହା ବିଶ୍ୱରେ ବହୁ ସଂଖ୍ୟାରେ ଗ୍ରାହକଙ୍କୁ ପ୍ରଭାବିତ କରିଛି। ବ୍ୟାପକ ୫୦୦ ଏରର, କ୍ଲାଉଡଫ୍ଲେୟାର ଡ୍ୟାସବୋର୍ଡ ଏବଂ ଏପିଆଇ ମଧ୍ୟ ଫେଲ୍ ମାରିଛି। କ୍ଲାଉଡ୍‌ଫ୍ଲେୟାର ସର୍ଭରରେ ତ୍ରୁଟି ପାଇଁ ଏହି ସମସ୍ୟା ଉପୁଜିଛି। ତେବେ କ୍ଲାଉଡ୍‌ଫ୍ଲେୟାରକୁ ଇଣ୍ଟରନେଟ୍‌ର ଜଗୁଆଳୀ କୁହାଯାଇପାରିବ। ସୂଚନାଯୋଗ୍ୟ ଯେ, ୱେବସାଇଟ୍ ଡାଟା କ୍ଲାଉଡ୍‌ଫ୍ଲେୟାର ମାଧ୍ୟମରେ ଗତି କରେ। କ୍ଲାଉଡ୍‌ଫ୍ଲେୟାର ଏକ ସରକାରୀ ବ୍ଲଗ୍ ପୋଷ୍ଟରେ ସମଗ୍ର ଘଟଣାର ଏକ ବିସ୍ତୃତ ରିପୋର୍ଟ ପ୍ରକାଶ କରିଛି। କମ୍ପାନୀ ସ୍ୱୀକାର କରିଛି ଯେ ଏହା ଏକ ସାଇବର ଆକ୍ରମଣ ନୁହେଁ, ବରଂ ସେମାନଙ୍କ ସିଷ୍ଟମରେ ଥିବା ଏକ ବର୍ଷ ପୁରୁଣା ଲୁକ୍କାୟିତ 'ବଗ୍' ଥିଲା ଯାହା ଏକ ନିୟମିତ ପରିବର୍ତ୍ତନ ଦ୍ୱାରା ଆକ୍ଟିଭ୍ ହୋଇଯାଇଥିଲା।

କ୍ଲାଉଡ୍‌ଫ୍ଲେୟାର ସିଟିଓ ଡାନ୍ ନେଟ୍ସ ବ୍ୟାଖ୍ୟା କରିଛନ୍ତି ଯେ କମ୍ପାନୀର ଡାଟାବେସରେ ଏକ ନିୟମିତ ଅନୁମତି ପରିବର୍ତ୍ତନ ଫଳରେ ବଟ୍ ସୁରକ୍ଷା ସିଷ୍ଟମର ବିନ୍ୟାସ ଫାଇଲରେ ଭୁଲ ପ୍ରବେଶ ହୋଇଥିଲା। ଫାଇଲ୍ ଆକାରରେ ଦ୍ୱିଗୁଣିତ ହୋଇଥିଲା। ଯେତେବେଳେ ଫାଇଲଟି ବିଶ୍ୱ ନେଟୱାର୍କରେ ବଣ୍ଟନ କରାଯାଇଥିଲା, ସେତେବେଳେ ସଫ୍ଟୱେର୍ ଏତେ ବଡ଼ ଫାଇଲକୁ ପରିଚାଳନା କରିପାରି ନ ଥିବାରୁ ହଜାର ହଜାର ସର୍ଭର କ୍ରାସ୍ ହୋଇଯାଇଥିଲା।



ଫାଇଲ୍ ପ୍ରତି କିଛି ମିନିଟ୍ ରେ ପୁନଃନିର୍ମାଣ ହୋଇଥିଲା, ଯାହା ଫଳରେ ସମସ୍ୟା ପୁନରାବୃତ୍ତି ହେଉଥିଲା। ବ୍ୟବହାରକାରୀମାନେ ୫୦୦ ତ୍ରୁଟି ବାର୍ତ୍ତା ଦେଖୁଥିଲେ। ଏହି ସମସ୍ୟା ସନ୍ଧ୍ୟା ୫-୯ ଟା ପର୍ଯ୍ୟନ୍ତ ଲାଗିରହିଥିଲା। କ୍ଲାଉଡ୍‌ଫ୍ଲେୟାର ସାଧାରଣତଃ ବିଶ୍ୱର ୨୦% ରୁ ଅଧିକ ୱେବସାଇଟ୍ କୁ ବିଷୟବସ୍ତୁ ବିତରଣ ନେଟୱାର୍କ, ସୁରକ୍ଷା ଏବଂ ରାଉଟିଂ ସେବା ପ୍ରଦାନ କରେ। ୧୪ନିୟୁତରୁ ଅଧିକ ୱେବସାଇଟ୍ ବିଭ୍ରାଟ ଦ୍ୱାରା ପ୍ରଭାବିତ ହୋଇଥିଲା। ଏଥିରେ ଏକ୍ସ, ଚାର୍ଟଜିପିଟି, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ୍, ସ୍ପଟିଫାଏ,କାନ୍‌ଭା, କ୍ଲାଉଡ୍ ଏଆଇ,ଉବେର ଏବଂ ଜୁମ୍ ଅନ୍ତର୍ଭୁକ୍ତ। ଏକ ଆକଳନ ଅନୁଯାୟୀ, କ୍ଲାଉଡ୍‌ଫ୍ଲେୟାର ବିଶ୍ୱର ପ୍ରତ୍ୟେକ ପଞ୍ଚମ ୱେବସାଇଟ୍‌କୁ ସେବା ପ୍ରଦାନ କରେ।

କ୍ଲାଉଡ୍‌ଫ୍ଲେୟାର ହେଉଛି ଏକ କ୍ଲାଉଡ୍ ସେବା ଏବଂ ସାଇବର ସୁରକ୍ଷା କମ୍ପାନୀ। ଏହା ଡାଟାସେଣ୍ଟର, ୱେବସାଇଟ୍ ଏବଂ ଇ-ମେଲ୍ ସୁରକ୍ଷା, ଡାଟା କ୍ଷତି ନିବାରଣ ଏବଂ ସାଇବର ବିପଦ ସୁରକ୍ଷା ପ୍ରଦାନ କରେ। କମ୍ପାନୀ ନିଜକୁ 'ଇଣ୍ଟରନେଟ୍‌ର ପ୍ରତିରକ୍ଷା ପ୍ରଣାଳୀ' ଭାବରେ ବର୍ଣ୍ଣନା କରେ। ଏହାର ଅର୍ଥ ହେଉଛି ଏହାର ପ୍ରଯୁକ୍ତିବିଦ୍ୟା ଏହାର ଗ୍ରାହକ ଏବଂ ବିଶ୍ୱର ଅନ୍ୟ ଦେଶ ମଧ୍ୟରେ ବସିଥାଏ, ପ୍ରତିଦିନ କୋଟି କୋଟି ସାଇବର ଆକ୍ରମଣକୁ ଅବରୋଧ କରିଥାଏ। ଏହା ସହିତ, ଏହା ଏହାର ବିଶ୍ୱ ଭିତ୍ତିଭୂମି ମାଧ୍ୟମରେ ଇଣ୍ଟରନେଟ୍ ଟ୍ରାଫିକକୁ ତ୍ୱରାନ୍ୱିତ କରିଥାଏ। କମ୍ପାନୀ ପ୍ରତି ତ୍ରୈମାସିକରେ ୫୦୦ ନିୟୁତ ଡଲାର (ପ୍ରାୟ ୪.୪୨ ହଜାର କୋଟି ଟଙ୍କା) ରୁ ଅଧିକ ରାଜସ୍ୱ ସୃଷ୍ଟି କରେ। ଏହାର ପ୍ରାୟ ୩ ଲକ୍ଷ ଗ୍ରାହକ ଅଛନ୍ତି। କମ୍ପାନୀ ଚୀନ୍ ସମେତ ୧୨୫ଟି ଦେଶରେ କାର୍ଯ୍ୟ କରେ।

## ଏଜେଏସ୍‌ଏ ଇଣ୍ଡିଆକୁ ବିଶ୍ୱସ୍ତରୀୟ ମାନ୍ୟତା

ଭୁବନେଶ୍ୱର,୧୯।୧୧(ସମିସ): ଚଳିତବର୍ଷ ମିଳିତ ଜାତିସଂଘ ଓ ବ୍ରାଜିଲ ସରକାରଙ୍କ ମିଳିତ ଆନୁକୂଲ୍ୟରେ ବେଲେମ୍ବ ସହରରେ ଅନୁଷ୍ଠିତ ହେଉଥିବା କପ୍ ୩୦ ସମ୍ମିଳନୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବ୍ରାଜିଲ ପ୍ରଥମ ମହିଳା ସମ୍ମାନନୀୟା ଜାଞ୍ଜାଲୁଲା ଦା ସିଲ୍‌ଭା, ଜର୍ଡାନର ରାଜକୁମାରୀ ଦାନା ଫିରାସ, ଗ୍ଲୋବାଲ ସେଣ୍ଟର ଅନ୍ ଆଡାପ୍ଟେସନ (ଜି.ସି.ଏ)ର ଅଧ୍ୟକ୍ଷ ଓ ସିଇଓ ପ୍ରଫେସର ପ୍ୟାଟ୍ରିକ୍ ଭି ଭର୍କୋଇଯେନ୍ ଏବଂ ନରେୱେ, ଇଉନାଇଟେଡ କିଙ୍ଗଡମ୍ ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ମିଳିତ ହିସାବରେ ଏ.ଜେ.ଏସ.ଏ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ବେହେରାଙ୍କୁ ମହିଳାଙ୍କ ଜୀବିକା ଅଭିବୃଦ୍ଧିରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଶ୍ରେଣୀରେ 'ଲୋକାଲିଲେଡ୍ ଆଡାପ୍ଟେସନ ଚାମ୍ପିଅନ୍ (ଏଲଏଲଏ)' ପୁରସ୍କାର ପ୍ରଦାନ କରିବା ସହିତ ସମ୍ମାନିତ କରିଥିଲେ। ଏହି ବିଶେଷ ସମାରୋହ କପ୍ ୩୦ର ରେଜିଲିଏନ୍ସ ହବ୍‌ରେ ଆୟୋଜିତ ହୋଇଥିଲା। ଏଥିରେ ବିଶ୍ୱର ପାଖାପାଖି ଦୁଇଶହ ଦେଶରୁ ପଚାଶ ହଜାର ଲୋକ ଯୋଗଦାନ କରିଛନ୍ତି। ଚଳିତ ବର୍ଷର ଏଲ୍.ଏଲ୍.ଏ ପୁରସ୍କାର ପ୍ରତିଯୋଗୀତାରେ ୮୬ଟି ଦେଶରୁ ୪୮୯ଟି ସାମାଜିକ ସଂଗଠନ ଭାଗ ନେଇଥିଲେ।

# ଓଡ଼ିଶା-ନାଗାଲାଣ୍ଡ ରଣଜୀ: ଜୟ-ପରାଜୟର ବ୍ୟବଚ୍ଛେଦ

## ସମୀରଙ୍କ ସ୍ପୋର୍ଟିଂ ୱିକେଟ କାମ ଦେଲା



ଭୁବନେଶ୍ୱର,୧୯ ।୧୧(ସମିସ): ଚଳିତ ରଣଜୀ ସିଜିନରେ ଓଡ଼ିଶା ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି । ଚତୁର୍ଥ ତଥା ଅନ୍ତିମ ଦିବସର ତୃତୀୟ ସେସନରେ ହିଁ ଓଡ଼ିଶା ବିଜୟ ହାସଲ କରିଥିଲା । ଅର୍ଥାତ ଏହା ଏକ ସ୍ପୋର୍ଟିଂ ୱିକେଟ ବୋଲି ପ୍ରମାଣିତ ହୋଇଛି । ତେଣୁ କିଟ୍ କ୍ରିକେଟ ଗ୍ରାଉଣ୍ଡ କ୍ୟୁରେଟରର ସମୀର ନାୟକଙ୍କ ପରିଶ୍ରମ କାମ ଦେଇଛି । ମ୍ୟାଚ୍ ଅନ୍ତିମ ସେସନ ପର୍ଯ୍ୟନ୍ତ ଯାଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି । ସମୀର ପୂର୍ବତନ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କ୍ୟୁରେଟର ପଙ୍କଜ ପଟ୍ଟନାୟକ ଓ ହୃଷିକେଶ ସିଂଙ୍କୁ ନିଜର ଗୁରୁ ମାନନ୍ତି । ପିଚ୍ ତିଆରି କରିବାର ପ୍ରକ୍ରିୟା ସେ ତାଙ୍କଠାରୁ ଶିକ୍ଷା କରିଛନ୍ତି । ପିଚ୍ ତିଆରି କରିବାରେ ସେ ନିପୁଣତା ହାସଲ କରିଛନ୍ତି । ୨୦୧୩ରୁ ସେ କିଟ୍ ସହିତ ଜଡିତ ରହିଆସିଛନ୍ତି । କିଟ୍ ପାଇଁ ସ୍ଥାୟୀ ଭାବେ ନିୟୋଜିତ ହୋଇ ସଫଳତାର ସହ ନିଜର ଦାୟିତ୍ୱ ବହନ କରୁଛନ୍ତି ।

## ବିଳମ୍ବରେ ପାଳି ଘୋଷଣା କରିଥିଲା ଓଡ଼ିଶା: ଦେବାଶିଷ

ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶା ଡେରିରେ ବିଜୟ ହାସଲ କରିଥିଲେ ମଧ୍ୟ ଏହି ବିଜୟ ଦଳକୁ ଆବଶ୍ୟକୀୟ ମୋମେଣ୍ଟମ୍ ପ୍ରଦାନ କରିଛି ବୋଲି ପୂର୍ବତନ ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର ତଥା ନାଗାଲାଣ୍ଡ କୋଚ୍ ଦେବାଶିଷ ମହାନ୍ତି କହିଛନ୍ତି । ବିପ୍ଳବ ସାମନ୍ତରାୟ ଓ ଅନୀଲ ପରିଡା ଏବଂ ଦ୍ୱିତୀୟ ଇନିଂସରେ ସ୍ୱସ୍ତିକ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବ୍ୟାଟିଂକୁ ସେ ପ୍ରଶଂସା କରିଛନ୍ତି । ପ୍ରଥମ ପାଳିରେ ବିପ୍ଳବ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଲଢୁଆ ପାଳି ଖେଳିଥିଲେ । ଏମାନଙ୍କ ପ୍ରଦର୍ଶନ ଯୋଗୁଁ ଓଡ଼ିଶା ବିଜୟର ହକ୍‌ଦାର ଥିଲା । କିନ୍ତୁ ଘରୋଇ ଦଳ ବିଳମ୍ବରେ ପାଳି ଘୋଷଣା କରିଥିଲା । ଯଦି ନାଗାଲାଣ୍ଡ ଆଉ ଟିକିଏ ଭଲ ବ୍ୟାଟିଂ କରିଥାନ୍ତା, ତାହେଲେ ଫଳାଫଳ ଅଲଗା ହୋଇଥାନ୍ତା ବୋଲି ସେ କହିଛନ୍ତି । କିନ୍ତୁ ନାଗାଲାଣ୍ଡର ଖେଳାଳି ଭଲ ଲଢ଼େଇ କରିଥିଲେ ବୋଲି ସେ କହିଛନ୍ତି । ନାଗାଲାଣ୍ଡର ବୋଲିଂ ଭଲ ଥିଲା । ତେବେ ବ୍ୟାଟିଂରେ ଉନ୍ନତିର ଆବଶ୍ୟକ ବୋଲି ସେ କହିଛନ୍ତି । ଆଗକୁ ଓଡ଼ିଶା ଗୋଟିଏ ମ୍ୟାଚ୍ ଘରୋଇ ମାଟିରେ ଓ ବାହାରେ ଖେଳିବ । ଏହି ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କ୍ରମାଗତ ୪ଟି ପରାଜୟ ପରେ ଏହି ବିଜୟ ଓଡ଼ିଶା ଖେଳାଳିଙ୍କୁ ଯଥେଷ୍ଟ ଆତ୍ମବିଶ୍ୱାସ ପ୍ରଦାନ କରିଛି ବୋଲି ସେ କହିଛନ୍ତି । ଦଳର ଏଥର ବହୁତ ନୂଆ ଖେଳାଳି ସ୍ଥାନ ପାଇଛନ୍ତି ଓ ସେମାନେ ଆଶା ଅନୁରୂପ ପ୍ରଦର୍ଶନ କରିଛନ୍ତି ବୋଲି ଦେବାଶିଷ କହିଛନ୍ତି ।




## ‘ପ୍ରଦର୍ଶନରେ ସ୍ଥିରତା ନିହାତି ଆବଶ୍ୟକ’

ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶାର ବିଜୟ ନେଇ ଅଧିନାୟକ ଶୁଭ୍ରାଂଶୁ ସେନାପତି ବେଶ୍ ଉତ୍ସାହିତ ଅଛନ୍ତି । ଆଗକୁ ବାକିଥିବା ଦୁଇଟି ମ୍ୟାଚ୍‌ରେ ତାମିଲନାଡୁ ଓ ଝାଡଖଣ୍ଡ ବିପକ୍ଷରେ ଏହି ମୁମେନଟମ ବଜାୟ ରଖିବୁ ବୋଲି ସେ କହିଛନ୍ତି । ଚାପରେ ବିପ୍ଳବ ଭଲ ଖେଳିଥିଲେ ମଧ୍ୟ ଶତକ ହାସଲ କରିପାରି ନଥିଲେ । କିନ୍ତୁ ଏହି ଇନିଂସ କାମ ଦେଇଥିଲା । ୩ଟି ପରାଜୟ ପରେ ଏହି ବିଜୟ ଆମକୁ ଉତ୍ସାହିତ କରିଛି ଓ ଏହା ଆଗକୁ କାମ ଦେବ । କିନ୍ତୁ ଦଳର ପ୍ରଦର୍ଶନରେ ସ୍ଥିରତା ରହୁନାହିଁ ବୋଲି ସେ ସ୍ୱୀକାର କରିଛନ୍ତି । ସମସ୍ତେ ଏଥିପାଇଁ ଚିନ୍ତିତ ମଧ୍ୟ ଅଛନ୍ତି । ପ୍ରଦର୍ଶନରେ ସ୍ଥିରତା ଆବଶ୍ୟକ । ଆରମ୍ଭରୁ ଆମର ପ୍ରଦର୍ଶନ ଭଲ ନଥିଲା । ଦ୍ୱିତୀୟ ଇନିଂସରେ ଖେଳିଥିବା ୧୩୭ ରନର ଶତକୀୟ ପାଳିକୁ ନେଇ ସେ ସନ୍ତୁଷ୍ଟ ଅଛନ୍ତି ବୋଲି କହିଛନ୍ତି । ଅନୀଲ ପରିଡା ଶତକୀୟ ପାଳି ମଧ୍ୟ ପ୍ରଶଂସନୀୟ ବୋଲି ସେ କହିଛନ୍ତି । କିନ୍ତୁ ଆଗକୁ ଏହାକୁ ବଜାୟ ରଖିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱ ଦେଇ କହିଛନ୍ତି ।



## ଟେନିସ୍ ହଲ୍ ଅଫ ଫେମ୍‌ରେ ଫେଡେରର



ଜେନେଭା,୧୯ ।୧୧(ଏଜେନ୍ସି): ବିଶ୍ୱବିଖ୍ୟାତ ଖେଳାଳି ସ୍ୱିଜରଲାଣ୍ଡର ରୋଜର ଫେଡେରର ଟେନିସ ହଲ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି । ରୋଡସ ଦ୍ୱୀପପୁଞ୍ଜରେ ଅବସ୍ଥିତ ଏହି କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି । ଫେଡେରର ତାଙ୍କ ଜୀବନ କାଳରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି । କିନ୍ତୁ ତାଙ୍କ ସମୟରେ ବିଶ୍ୱର ଆଉ ଦୁଇଜଣ କିଂବଦନ୍ତି ଖେଳାଳି ରାଫେଲ ନାଦାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ଖୁବ୍ ଉଚ୍ଚକୋଟୀର ହୋଇଥିଲା ।

## ଦିନିକିଆ ଖେଳିବେନି ପାଣ୍ଡ୍ୟା, ବୁମ୍‌ରା

ନୂଆଦିଲ୍ଲୀ,୧୯ ।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ନଭେମ୍ବର ୩୦ରୁ ଆରମ୍ଭ ହେବ । ଏହି ସିରିଜ୍‌ରେ ଭାରତର ଦୁଇ ପ୍ରମୁଖ ଖେଳାଳି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ ନାହିଁ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି । ଏସିଆ କପ୍ ଟି-୨୦ ଖେଳିଲାବେଳେ ଆହତ ହୋଇଥିବା ପାଣ୍ଡ୍ୟା ଏବେ ବେଙ୍ଗାଲୁରୁରେ ଫିଟ୍ ହେବାକୁ ପ୍ରସ୍ତୁତି ଚଳାଇଛନ୍ତି ଓ ନିକଟରେ ଖେଳାଯିବାକୁ ଥିବା ସୟଦ ମୁସ୍ତାକ ଅଲି ଟି-୨୦ରେ ଖେଳି ନିଜର ଫିଟ୍‌ନେସ ପ୍ରମାଣ ଦେବାକୁ ଅପେକ୍ଷା କରିଛନ୍ତି । ୱାର୍କଲୋଡ ଲାଗି ବୁମ୍‌ରାଙ୍କୁ ଦଳରେ ନିଆଯିବ ନାହିଁ । ଉଭୟ ଫିଟ୍ ରହିଲେ ଟି-୨୦ ସିରିଜ୍‌ରେ ଖେଳିବେ । ସେହିପରି ଅଧିନାୟକ ଶୁବମନ ଗିଲ ଆହତ ହେବା ପରେ ଦ୍ୱିତୀୟ ଟେଷ୍ଟରେ ଖେଳିବା ନେଇ ସନ୍ଦେହ ରହିଛି । ସେ ଯଦି ଫିଟ୍ ନୁହଁନ୍ତି, ତେବେ ଜଣେ ନୂଆ ଅଧିନାୟକ ଦଳର ନେତୃତ୍ୱ ନେବେ । ଋଷଭ ପନ୍ତଙ୍କୁ ଦିନିକିଆ ଦଳରେ ସୁଯୋଗ ମିଳିଲେ ନେତୃତ୍ୱ ପ୍ରସଙ୍ଗ ସମାଧାନ ହୋଇଯିବ ।

## ଆଫ୍ଟରନୁନ୍ କ୍ଲବ୍‌କୁ ହରାଇଲା ମର୍ଣ୍ଣିଂ କ୍ଲବ୍



ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରଦର୍ଶନୀ ମ୍ୟାଚ୍

ଭୁବନେଶ୍ୱର, ୧୯ ।୧୧ (ସମିସ): ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମା ସୁନାଦେଇ ୱାର୍କସ, ତୁଷାର ଚାରିଟେବଲ୍ ଟ୍ରଷ୍ଟ ଏବଂ ନ୍ୟୁ ଏଜି କଲୋନୀର ମିଳିତ ଆନୁକୂଲ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ମର୍ଣ୍ଣିଂ ଷ୍ଟାର୍ କ୍ଲବ ୪-୦ ଗୋଲ୍‌ରେ ଆଫ୍ଟରନୁନ କ୍ଲବକୁ ପରାସ୍ତ କରିଥିଲା । କୈଳାସ ପଣ୍ଡା ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । କମଳକାନ୍ତ ନାୟକ, ରାଜୀବ ଶେଖର ସାହୁ, ନ୍ୟୁ ଏଜି କଲୋନୀର ସମ୍ପାଦକ ଅଶୋକ ପଟ୍ଟନାୟକ, କାଳୀପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ମର୍ଣ୍ଣିଂ କ୍ଲବର ସୋମ ପଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ସତୀଶ କୁମାର ପାତ୍ର ଓ ଆୟୁଷ ଅସୁରଜିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

■ ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍

## ଆମେରିକା ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ

ନୂଆଦିଲ୍ଲୀ,୧୯ ।୧୧(ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଆସନ୍ତାବର୍ଷ ଜାନୁଆରୀ ୧୫ରୁ ଫେବୃଆରୀ ୬ ତାରିଖଯାଏ ଆଇସିସି ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ । ଏହି ପ୍ରତିଯୋଗିତାରେ ୧୬ଟି ଦେଶ ଭାଗନେଉଥିଲାବେଳେ ୨୩ ଦିନରେ ଖେଳାଯିବ ୪୧ଟି ମ୍ୟାଚ୍ । ଏହି ଦେଶଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଏହା ମଧ୍ୟରୁ ଭାରତ ଗ୍ରୁପ୍-ଏ’ରେ ସ୍ଥାନ ପାଇଛି । ଭାରତ ଗ୍ରୁପ୍-ଏ’ରେ ଆମେରିକା ସହ ଜାନୁଆରୀ ୧୫ରେ ପ୍ରଥମ ମ୍ୟାଚ୍, ୧୭ରେ ବାଂଲାଦେଶ ସହ ଦ୍ୱିତୀୟ ଓ ୨୪ରେ ନ୍ୟୁଜିଲାଣ୍ଡ ସହ ତୃତୀୟ ମ୍ୟାଚ୍ ଖେଳିବ ।

ସମସ୍ତ ମ୍ୟାଚ୍ ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ସ ସ୍ପୋର୍ଟ୍ସ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯିବ । ଆମେରିକା, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ସ୍ଥାନ ପାଇଛି । ସେହିପରି ଗ୍ରୁପ୍-ବି’ରେ ଜିମ୍ବାୱେ, ପାକିସ୍ତାନ, ଇଂଲଣ୍ଡ ଓ ସ୍କଟଲାଣ୍ଡ, ଗ୍ରୁପ୍-ସି’ରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଓ ଜାପନ, ଗ୍ରୁପ୍-ଡି’ରେ ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ, ୱେଷ୍ଟଇଣ୍ଡିଜ୍ ଓ ଡେବ୍ୟୁଟାଣ୍ଟ ତାଞ୍ଜାନିଆକୁ ସ୍ଥାନିତ କରାଯାଇଛି ।

## ମୁମ୍ବାଇଠାରୁ ହାରିଲା ଓଡ଼ିଶା

ଷ୍ଟେଟ-ଏ ଟ୍ରଫି

କଟକ,୧୯ ।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ମୁମ୍ବାଇ ଠାରୁ ପରାସ୍ତ ହୋଇଛି । ବରୋଦାର କୋଦାମ୍ବି ଷ୍ଟାଡିୟମରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଦିନେଶ ମାଝୀଙ୍କ ୬୦ରନ୍ ସହାୟତାରେ ଓଡ଼ିଶା ସମସ୍ତ ୱିକେଟ ହରାଇ ୧୯୭ରନ ସଂଗ୍ରହ କରିଥିଲା । ଜବାବରେ ପ୍ରତୀକ ଯାଦବଙ୍କ ୬୩ରନ ଏବଂ ଜୟ ଜୈନଙ୍କ ୭୭ରନ ସହାୟତାରେ ମୁମ୍ବାଇ ୨ ୱିକେଟ ହରାଇ ବିଜୟୀ ହୋଇଥିଲା । ୬ଟି ମ୍ୟାଚରୁ ୪ଟି ବିଜୟ ଏବଂ ୨ଟି ପରାଜୟ ବଳରେ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି । ଆସନ୍ତା ୨୧ରେ ଓଡ଼ିଶା ଅନ୍ତିମ ଲିଗ୍‌ରେ ଆନ୍ଧ୍ରପ୍ରଦେଶକୁ ଭେଟିବ । ଏହି ମ୍ୟାଚ୍ ଜିତିଲେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ସୁଯୋଗ ରହିବ ।

C-1395

Email ID : gmwatcosbp@gmail.com

GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER, WATCO DIVISION, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-12/2025-26 Dt. 03.11.2025

| | | |
|---|---|---|
| 01. | Name of the Work | : 1 no. work |
| 02. | Type of Bid | : Single Bid System |
| 03. | Estimated Cost | : Rs. 49.15 lakh |
| 04. | Period of Completion | : 8 (Eight) Calendar Months |
| 05. | Date & Time of availability of bid document in the portal | : From 11.00 AM of dt. 07.11.2025 to 5.00 PM of 17.11.2025 |
| 06. | Last date / time of receipt of bids in the portal | : 5.00 PM of 17.11.2025. |
| 07. | Date & Time of opening of Bids | : At 11.30 AM of 18.11.2025. |
| 08. | Name and Address of the Officer Inviting Bid | : General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001. |

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-

General Manager,
WATCO Division, Sambalpur

OFFICE OF THE PRINCIPAL
GANGESWARI HIGHER SECONDARY SCHOOL
POTTANGI, KORAPUT PIN: 764039

Letter No: GHSS.168/2025 Date: 19/11/2025

QUOTATION CALL NOTICE

Sealed quotations are invited from intending firms/FPM/DGS&D rate contract suppliers having CST/VAT, TIN/PAN number to reach by Dated: 05/12/2025 by Registered Post/Speed Post for supply of the following items. Item quoted need to be super scribed on the envelope. The rate should be inclusive of all taxes and F.O.R. destination. The undersigned reserves the right to accept or reject any or all the quotations without assigning any reason thereof.

| Sl No. | ITEM | SPECIFICATION |
|---|---|---|
| 1. | Rack (8 Nos.) | Iron open Rack of 6 feet length & 4.5 feet breadth with 5 tray. |
| 2. | Printer (1 Nos.) | HP Laser Jet 1020 Plus |
| 3. | Xereox Machine | EPSON L6490 /HP LaserJet/Bizhub 227, Kanika |
| 4. | Library Almirah (1 Nos.) | Front Glass fitting Almirah of General Size |
| 5. | Almirah (01 Nos) | Almirah of General Size 6 fit |

SD/- PRINCIPAL
Gangeswari Higher Secondary School
Pottangi, Koraput

## ଦକ୍ଷିଣ ଆଫ୍ରିକା-ଏ’ର ସାନ୍ତ୍ୱନାମୂଳକ ବିଜୟ

ରାଜକୋଟ,୧୯ ।୧୧(ଏଜେନ୍ସି): ଲୁହାନ-ଡ୍ରେ ପ୍ରିଟୋରିୟସ ଓ ରିଭାଲ୍ଡୋ ମୁନୁସ୍ୱାମୀଙ୍କ ଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ’ ୭୩ ରନ୍‌ରେ ଭାରତକୁ ହରାଇ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି । ଏହି ମ୍ୟାଚରେ ପ୍ରିଟୋରିୟସ ୧୨୩ ଓ ମୁନସ୍ୱାମୀଙ୍କ ୧୦୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ’ ୬ ୱିକେଟ ହରାଇ ୩୨୫ ରନ୍ କରିଥିଲା । ଜବାବରେ ଭାରତ-ଏ’ ଆୟୁଷ ବଦୋନିଙ୍କ ୬୬ ଓ ଇଶାନ କିସାନଙ୍କ ୫୩ ରନ୍ ସତ୍ତ୍ୱେ ୪୯.୧ ଓଭରରେ ୨୫୨ ରନ୍ କରି ଅଲଆଉଟ ହୋଇଥିଲା । ବିଜୟୀ ଦଳର ପ୍ରିଟୋରିୟସଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଓ ଭାରତର ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

## ଚେସ୍ ବିଶ୍ୱକପ୍ | ଭାରତର ଚ୍ୟାଲେଞ୍ଜ ଶେଷ

ପଣଜୀ,୧୯ ।୧୧(ଏଜେନ୍ସି): କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଏକମାତ୍ର ଭାରତୀୟ ଖେଳାଳି ଅର୍ଜୁନ ଏରିଗାଏସି ଚୀନ୍‌ର ୱେଇ ୟିଙ୍କଠାରୁ ପରାଜିତ ହେବା ପରେ ଏଠାରେ ଚାଲିଥିବା ପୁରୁଷ ଚେସ୍ ବିଶ୍ୱକପ୍‌ରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୯ ଜଣ ଭାରତୀୟ ଅଂଶଗ୍ରହଣ କରିଥିଲାବେଳେ ମାତ୍ର ଜଣେ ଖେଳାଳି କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ । ୟିଙ୍କ ସହ ସେ ପ୍ରଥମ ମୁକାବିଲା ଡ୍ର କରିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରିଯାଇଥିଲେ ।

## ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଉଦ୍‌ଘାଟିତ

ଧର୍ମଶାଳା,୧୯ ।୧୧(ସମିସ): ସ୍ଥାନୀୟ ମିନିଷ୍ଟାଡିୟମ୍‌ରେ ଆଜି ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାକୁ ଯାଜପୁର ଏମ୍‌ପି ରବିନାରାୟଣ ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ସକ୍ଷମ ଅନୁଷ୍ଠାନ ଓ ଧର୍ମଶାଳା ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଦ୍ୱାରା ଏହା ଆୟୋଜିତ ହେଉଛି । ଏହି ପ୍ରତିଯୋଗିତାକରୁ ନଗେଶ ଟ୍ରଫି ଲାଗି ଖେଳାଳି ଚୟନ କରାଯିବ । ଏଥିରେ ସମଗ୍ର ରାଜ୍ୟରୁ ୨୦ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି । ଆଜିଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୨୩ରେ ଶେଷ ହେବ ।

## ଆନ୍ତଃସ୍କୁଲ ଖୋ ଖୋ’ | କିସ୍ ଚାମ୍ପିଅନ, ପୁରୀ ରନର୍ସଅପ୍

ଭୁବନେଶ୍ୱର, ୧୯ ।୧୧ (ସମିସ): ଯାଜପୁରର ବରୁଣେଶ୍ୱର କଲେଜରେ ଅନୁଷ୍ଠିତ ଆନ୍ତଃସ୍କୁଲ ଉଚ୍ଚ ମାଧ୍ୟମିକ ବାଳକ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ କିସ୍ ଚାମ୍ପିଅନ ହୋଇଛି । ଭୁବନେଶ୍ୱରର କିସ୍ ଓ ପୁରୀ ହାଇସ୍କୁଲ ମଧ୍ୟରେ ଫାଇନାଲ ଖେଳାଯାଇଥିଲା । ଏହି ମୁକାବିଲାରେ କିସ୍ ୯ ପଏଣ୍ଟରେ ପୁରୀକୁ ପରାସ୍ତ କରିଥିଲା । ଦୁଇ ଦିନିଆ ଏହି ସମ୍ମାନଜନକ ଖୋ ଖୋ ଚାମ୍ପିଅନସିପ୍‌ରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିଥିଲେ । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



THE BISRA STONE LIME COMPANY LIMITED
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020

STATEMENT OF FINANCIAL RESULTS FOR THE QUARTER ENDED 30TH SEPTEMBER 2025

| Sl. No. | Particulars | Half Year Ended | | Year Ended |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 4,937.51 | 3,124.00 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 695.79 | 539.93 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 695.79 | 539.93 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 455.14 | 400.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 455.14 | 400.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,725.14) | (21,273.21) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.52 | 0.46 | 0.50 |
| | (ii) Diluted | 0.52 | 0.46 | 0.50 |

1. The above results of the Company were approved by the Board of Directors at their respective meetings held on 18.11.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Vishakhapatnam
Date: 18.11.2025

## ଆଜିର ରାଶିଫଳ

ମେଷ: କୌଣସି କାର୍ଯ୍ୟରୁ ଲାଭ ମିଳିବ । ଦିନଟି ହସଖୁସିରେ ଅତିବାହିତ ହେବ । କୌଣସି ନୂଆ ଜିନିଷ କିଣିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

ବୃଷ: ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ । ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ ।

ମିଥୁନ: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପ୍ରେମ ଜୀବନ ସୁଖମୟ ହେବ । ସାଙ୍ଗ ଦ୍ୱାରା ଲାଭବାନ ହେବେ । ବ୍ୟବସାୟରେ ସଫଳତା ମିଳିବ । ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ ।

କର୍କଟ: ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ । ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ନୂଆ ବ୍ୟବସାୟର ଯୋଜନା କରିବେ । ଗୁରୁଜନଙ୍କ ସହଯୋଗ ମିଳିବ ।

ସିଂହ: ଦିନଟି ଭଲରେ କଟିବ । ଚାକିରିରେ ପରିବର୍ତ୍ତନ ଆସିବ । କୌଣସି ନୂଆ ଦାୟିତ୍ୱ ତୁଲାଇବେ । ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ । କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ ।

କନ୍ୟା: ଘରକୁ ଅତିଥି ଆଗମନ କରିବେ । ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଟକି ରହିଥିବା ଧନ ଆଗମନ ହେବ ।

ତୁଳା: ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ । ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ । ଅଟକିଥିବା କାର୍ଯ୍ୟକୁ ପୂରା କରିବେ ।

ବିଛା: ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ । ବଡ଼ ଭାଇଙ୍କ ପରାମର୍ଶ ନେବେ । କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ । ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ । ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ ।

ଧନୁ: ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ । ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ ।

ମକର: ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ । ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ । ବାଦବିବାଦଠାରୁ ଦୂରେଇ ରହିବେ ।

କୁମ୍ଭ: ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ । ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ । ଜାଗାବାଡ଼ି କିଣିବେ ।

ମୀନ: ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ । ରାଜନୀତିରେ ସଫଳତା ମିଳିବ । ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ ।



**ବାଦାମ ତେଲ:** ଶୀତ ଦିନେ ଏହି ତେଲକୁ ଲଗାଇଲେ ତ୍ୱଚା ସୁନ୍ଦର ଓ କୋମଳ ରହେ । ତା'ସହ ଦାଗ ଆଦି ମଧ୍ୟ ଦୂର ହୋଇଥାଏ ।

**ଆଭକାଡୋ ଅଏଲ୍:** ଏହାକୁ ନିତିଦିନ ଲଗାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦିଶେ ।

**କୁମକୁମାଦି ତେଲ:** ଏହି ତେଲକୁ ମୁହଁରେ ଲଗାଇଲେ ମୁହଁ ସୁନ୍ଦର ଦେଖାଯାଏ । ତ୍ୱଚା ଉଜ୍ଜ୍ୱଳ ଦେଖାଯିବା ସହ ତ୍ୱଚା ଜନିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

**ଅଲିଭ୍ ଅଏଲ:** ଅଲିଭ୍ ତେଲକୁ ମୁହଁରେ ମାଲିସ୍ କରିବା ଦ୍ୱାରା ତ୍ୱଚା କୋମଳ ହୋଇଥାଏ । ତା'ସହ ଶୁଷ୍କତା ଦୂର ହୁଏ ।

**ନଡ଼ିଆ ତେଲ:** ତ୍ୱଚାକୁ କୋମଳ ରଖିବାକୁ ଚାହୁଁଥିଲେ ନଡ଼ିଆ ତେଲ ବ୍ୟବହାର କରିବା ଉତ୍ତମ । ତ୍ୱଚା କୁଞ୍ଚନ ସମସ୍ୟା ଦୂର ହୁଏ ।

# ତ୍ୱଚା ପାଇଁ ତେଲ

**ଶୀତ ଦିନେ ତ୍ୱଚା ଶୁଷ୍କ ହୋଇଯାଏ । ଏଥିପାଇଁ ଅନେକେ ବଡିଲୋସନ୍ ଲଗାଇଥାନ୍ତି । ହେଲେ ଏହା ଦୀର୍ଘ ସମୟ ପାଇଁ ପ୍ରଭାବୀ ହୋଇ ନ ଥାଏ । ଏପରିସ୍ଥଳେ ପ୍ରାକୃତିକ ତେଲ ଲଗାଇ ତ୍ୱଚାକୁ ମଏଶ୍ଚରାଇଜ୍ କରିପାରିବେ ।**

# ନିମ୍ବ ବଡ଼ିରୁ ବ୍ୟବସାୟ



**ସାଧାରଣତଃ ନିମ୍ବ ଫୁଲ ବର୍ଷକେ ଥରେ ଆସିଥାଏ । ତେଣୁ ଏହାର ଚାହିଦା ଅଧିକ ଥାଏ । ଅଧିକାଂଶ ଲୋକେ ଏହାକୁ ତରକାରୀ, ଭଜା ଓ ପିଠଉ କରି ଖାଇଥାନ୍ତି; କିନ୍ତୁ ଛତିଶଗଡ଼ ଜାଂଜଗୀର - ଚାମ୍ପା ଜିଲ୍ଲାର ମହିଳାମାନେ ଏହି ନିମ୍ବଫୁଲକୁ ଉପଯୋଗ କରି ବଡ଼ି ପ୍ରସ୍ତୁତ କରୁଛନ୍ତି । ଏହାକୁ ସ୍ଥାନୀୟ ଅଞ୍ଚଳ ଓ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାନ୍ତି । ମହିଳାଙ୍କ କହିବାନୁଯାୟୀ, ଏହି ବଡ଼ି ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ସ୍ୱାଦିଷ୍ଟ ଲାଗିଥାଏ । ଏଥିସହ ଏହା ଶରୀରରେ ଶର୍କରା ମାତ୍ରା ନିୟନ୍ତ୍ରଣ କରିଥାଏ ।**

ଗଙ୍ଗା ମୈୟା ସ୍ୱୟଂ ସହାୟକ ଗୋଷ୍ଠୀର ପୁଷ୍ପା ଯାଦବଙ୍କ କହିବାନୁଯାୟୀ, ବହେରାଡିହ ଗ୍ରାମର ମହିଳାମାନେ ଏକାଠି ହୋଇ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଏଥିପାଇଁ ପ୍ରଥମେ ମହିଳାମାନେ ସ୍ଥାନୀୟ ଅଞ୍ଚଳରୁ ନିମ୍ବଫୁଲ ସଂଗ୍ରହ କରି ଖରାରେ ଶୁଖାନ୍ତି । ଏହାପରେ ଫୁଲକୁ ଧୋଇ ଗରମପାଣିରେ ପକାଇ କିଛି ସମୟ ଫୁଟାନ୍ତି । ଫୁଟିଗଲା ପରେ ପାଣିରୁ ନିମ୍ବ ଫୁଲକୁ ଛାଣି ପୁଣି ଥରେ ଖରାରେ ସୁଖାଇବାକୁ ପଡ଼ିଥାଏ । ଏହାପରେ ବଡ଼ି ପାଇଁ ବିରିଡାଲି ବତୁରାଇ ଗୋଟିଏ ରାତି ରଖନ୍ତି । ପରେ ଡାଲିକୁ ବାଟି ନିମ୍ବଫୁଲ ମିଶାଇ ଲୁଣ, ଲଙ୍କାଗୁଣ୍ଡ, ହେଙ୍ଗୁ, ଜୁଆଣି ଆଦି ପକାଇ ଛୋଟ ଛୋଟ ଗୁଳା କରି ବଡ଼ି ପ୍ରସ୍ତୁତ



କରନ୍ତି । ଏହାପରେ ବଡ଼ିକୁ ଟାଣ ଖରାରେ ଦିନେ କିମ୍ବା ଦୁଇ ଦିନ ଶୁଖାନ୍ତି । ଏହାକୁ ଲୋକେ ସେମାନଙ୍କ ପସନ୍ଦ ମୁତାବକ ଖାଇଥାନ୍ତି । ଅନେକେ ଏହାକୁ ଲାଉ ବଡ଼ି ଭଳି ତେଲରେ ଭାଜି ଖାଆନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ବଡ଼ିର ବେଶ୍ ଚାହିଦା ରହିଛି । କିଲୋପିଛା ଏହାର ମୂଲ୍ୟ ୧୦୦୦ ଟଙ୍କା । ଏହାକୁ ଖାଲି ପେଟରେ ଖାଇଲେ ଅଧିକ ସୁଫଳ ମିଳେ ବୋଲି ଗୋଷ୍ଠୀର ସଭାପତି ପୁଷ୍ପା କହିଛନ୍ତି । ଏହାକୁ ପିଲାଠୁ ନେଇ ବୟସ୍କ ସମସ୍ତେ ଖାଇପାରିବେ । ହେଲେ ସୁଗାର ଥିବା ଲୋକଙ୍କ ପାଇଁ ଏହା ବେଶ୍ ଲାଭଦାୟକ । ଦୈନିକ ଏହି ବଡ଼ି ଖାଇଲେ ସୁଗାର(ଶର୍କରା) ମାତ୍ରା କମ୍ ହୋଇଥାଏ । ବଜାରରେ ଏହାର ଖୁବ୍ ଚାହିଦା ରହିଛି । ମହିଳାମାନେ ପ୍ରତ୍ୟେକ ବର୍ଷ ନିମ୍ବଫୁଲ ଆସିଲେ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଅନ୍ୟ ଦିନଗୁଡ଼ିକରେ ଲାଉ, ଫୁଲ, ଲିଆ ଭଳି ବିଭିନ୍ନ ବଡ଼ି ପ୍ରସ୍ତୁତ କରନ୍ତି । ଏହାକୁ ପ୍ୟାକେଟ୍ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ଘରର ସବୁକାମ ସରିବା ପରେ ଫାଙ୍କା ସମୟକୁ ଉପଯୋଗ କରି ମହିଳାମାନେ ବଡ଼ି ବ୍ୟବସାୟ କରିଥାନ୍ତି । ଗୋଷ୍ଠୀରେ ଏବେ ୨୦ ଜଣ ମହିଳା ଥିବାବେଳେ ଆଗାମୀ ଦିନରେ ଅଧିକ ମହିଳାଙ୍କୁ ଏଥିରେ ସାମିଲ କରିବାକୁ ପୁଷ୍ପା ଆଶା ରଖିଛନ୍ତି ।

# ଅମୃତ ଅଁଳା

**ଶୀତଦିନେ କେଶ ରୁକ୍ଷ, ଦୁର୍ବଳ ଓ ନିର୍ଜୀବ ଦେଖାଯାଏ । ଥଣ୍ଡା ଓ ବାୟୁର ଆର୍ଦ୍ରତା କେଶକୁ କ୍ଷତି ପହଞ୍ଚାଇଥାଏ । ଏପରି ସ୍ଥଳେ ଅଁଳା କେଶ ପାଇଁ ଖୁବ୍ ହିତକର ହୋଇଥାଏ । ଏଥିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ଅନ୍ୟ ପୋଷକ ତତ୍ତ୍ୱ ଥାଏ । ଏହା କେଶକୁ ପୋଷଣ ଦେବା ସହ ରୂପି ସମସ୍ୟା ଦୂର କରିଥାଏ । ଏହା ନିୟମିତ ବ୍ୟବହାର କଲେ କେଶ ଘନ, ଉଜ୍ଜ୍ୱଳ ଓ ଭିତରୁ ମଜଭୂତ୍ ରହିଥାଏ ।**

### ଅଁଳା ତେଲରେ ମସାଜ୍

ଅଁଳା ତେଲକୁ ନଖଉଷୁମ କରି କେଶରେ ମସାଜ କରନ୍ତୁ । ଏହା କେଶମୂଳକୁ ପୋଷଣ ଦେବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରି କେଶ ବଢ଼ାଇ ଥାଏ. ।

### ଅଁଳା ଓ ନଡ଼ିଆ ତେଲ

ଅଁଳା ପାଉଡରକୁ ନଡ଼ିଆ ତେଲରେ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କେଶମୂଳରେ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହା କେଶକୁ ଆର୍ଦ୍ର ଓ ମଜଭୂତ ରଖିଥାଏ ।

### ଅଁଳା ଓ ଦହି

ଅଁଳା ପାଉଡରରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହା ରୁକ୍ଷକେଶ ସମସ୍ୟା ଦୂର କରିଥାଏ । କେଶରେ ଚମକ ଆଣିଥାଏ ।

### ଅଁଳା ଓ ହେନା ମାସ୍କ

ଅଳ୍ପ ପାଣି ନେଇ ସେଥିରେ ହେନା ପାଉଡର ମିଶାଇ ହେୟାର ମାସ୍କ ପ୍ରସ୍ତୁତ କରନ୍ତୁ । ଏହାକୁ ତିନି ଚାରି ଘଣ୍ଟା ରଖି ଦିଅନ୍ତୁ । ଏହାପରେ ଭଲରେ ମିକ୍ସ କରି କେଶରେ ଲଗାନ୍ତୁ । ଏକ ଘଣ୍ଟାପରେ କେଶକୁ ଧୋଇ ଦିଅନ୍ତୁ । ଏହାକେଶକୁ ପ୍ରାକୃତିକ ଚମକ ଓ ମଜଭୂତ କରିଥାଏ ।



# ମେକ୍‌ଅପ୍‌ରୁ ବିରତି

ମେକ୍‌ଅପ୍ କରିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ତ୍ୱଚାରେ ଥିବା ଦାଗ, ବ୍ରଣ ଦୂର କରି ପ୍ରାକୃତିକ ଚମକ ଆଣିଥାଏ । କିନ୍ତୁ ଲଗାତାର ମେକ୍‌ଅପ୍ କଲେ ଏହା ତ୍ୱଚାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଶରୀରକୁ ସୁସ୍ଥ ରଖିବା ପାଇଁ ଯେପରି ଡିଟକ୍ସ କରାଯାଏ, ସେହିପରି ତ୍ୱଚାକୁ ମଧ୍ୟ ମେକ୍‌ଅପ୍‌ରୁ ବିରତି ଦେବାକୁ ପଡ଼ିଥାଏ । ନଚେତ୍ ତ୍ୱଚାର ପୋର୍ସଗୁଡ଼ିକ ବନ୍ଦ ହୋଇ ପ୍ରାକୃତିକ ଚମକ ହଜିଯାଏ । ତେଣୁ ସମୟେ ସମୟେ ମେକ୍‌ଅପ୍‌ରୁ ବିରତି ନେବା ଆବଶ୍ୟକ ।



### ଚମକ ବିହୀନ ତ୍ୱଚା

ମେକ୍‌ଅପ୍ ପରେ ତ୍ୱଚାରେ ଚମକ ଆସିଥାଏ; କିନ୍ତୁ ହାଇଲାଇଟର୍ ଓ ବ୍ଲଶ୍ ଲଗାଇବା ପରେ ତ୍ୱଚା ରୁକ୍ଷ, ତଥା ନିର୍ଜୀବ ଲାଗୁଥିଲେ, ଏହା ବିପଦର ସଂକେତ ହୋଇପାରେ । ଦୀର୍ଘ ସମୟ ତ୍ୱଚାରେ ମେକ୍‌ଅପ୍ ରହିଲେ, ଏହା ତ୍ୱଚାର ଥିବା କଣିକାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ସୁସ୍ଥ ତ୍ୱଚା ପାଇଁ ମଝିରେ ମଝିରେ ମେକ୍‌ଅପ୍‌ରୁ ବିରତି ନେବା ଜରୁରୀ ।

### ଶୁଷ୍କତା

ଦୈନିକ ମେକ୍‌ଅପ୍ କରିବା ଦ୍ୱାରା ତ୍ୱଚାରେ ଥିବା ପ୍ରାକୃତିକ ତେଲ କମିଯାଏ । ତ୍ୱଚାର ସୁରକ୍ଷା ପରସ୍ତ ଦୁର୍ବଳ ହୋଇଯାଏ । ଏହା ଉପରେ ମେକ୍‌ଅପ୍ କଲେ ତ୍ୱଚାରେ ଶୁଷ୍କତା ଓ ଫଟା ଫଟା ଦାଗ ଦେଖିବାକୁ ମିଳିଥାଏ । ତେଣୁ ତ୍ୱଚାରେ ମେକ୍‌ଅପ୍ ନ ଲଗାଇ କ୍ରିମ୍ ମଏଶ୍ଚରାଇଜର୍ ଲଗାଇ ଦେଖାଶୁଣା କରିପାରିବେ ।

### ବାରମ୍ବାର ବ୍ରଣ

ତ୍ୱଚାରେ ଫାଉଣ୍ଡେସନ୍, କନ୍‌ସିଲର୍, ବ୍ଲଶ୍ ଆଦି ବାରମ୍ବାର ଲଗାଇଲେ ତ୍ୱଚାରେ ଏହା ଜମିରହେ । ଫଳରେ ଧୂଳି, ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ମୁହଁରେ ବ୍ରଣ ହୋଇଥାଏ । ତେଣୁ ଏପରି ସ୍ଥିତି ଉପୁଜୁଥିଲେ ତ୍ୱଚାରେ କିଛିଦିନ ପାଇଁ ମେକ୍‌ଅପ୍ ଲଗାଇବା ଛାଡ଼ି ଦିଅନ୍ତୁ ।

# ଶୀତଦିନେ ଘରକୁ ଦିଅନ୍ତୁ ନୂଆ ରଙ୍ଗ

**ଋତୁ ଅନୁଯାୟୀ ଲୋକେ ଖାଦ୍ୟ,ପାନୀୟ ତଥା ପୋଷାକ ଆଦିରେ ପରିବର୍ତ୍ତନ କରିଥାନ୍ତି । ସେହିପରି ଘରକୁ ମଧ୍ୟ ଋତୁ ଅନୁସାରେ ରଙ୍ଗ କରିବା ଜରୁରୀ । ଏପରି କରିବା ଦ୍ୱାରା ଘର ସୁନ୍ଦର ଦିଶିବା ସହ ଆରାମଦାୟକ ଅନୁଭୂତି ମିଳିଥାଏ ।**

- ଶୀତଦିନେ ହାଲୁକା, ନ୍ୟୁଟ୍ରାଲ୍ ରଙ୍ଗ ଖୁବ୍ ଭଲ ହୋଇଥାଏ । ଅଫ୍‌ହ୍ୱାଇଟ୍, କ୍ରିମ୍ ଭଳି ରଙ୍ଗ ଘରକୁ ବଡ଼ ଦେଖାଇବା ସହ ବିଭିନ୍ନ ସାଜଉପକରଣ ସହ ମେଳ ଖାଇଥାଏ । କାନ୍ଥ ତଥା ଫର୍ଣ୍ଣିଚର ପାଇଁ ଏହି ରଙ୍ଗ ଖୁବ୍ ସୁନ୍ଦର ଦିଶିଥାଏ ।
- ସେହିପରି ଶୀତଦିନେ ଘରକୁ ଟିକେ ଉଷୁମ ରଖିବାକୁ ଚାହୁଁଥିଲେ, ଗାଢ଼ ନାଲି ରଙ୍ଗ କରିପାରିବେ । ଏହା ଘରକୁ ସୁନ୍ଦର କରିଥାଏ । ଏଥିସହ ଚାହିଁଲେ ଘରେ ମେରୁନ୍ ରଙ୍ଗ ଲଗାଇପାରିବେ । ଏହା ଘରକୁ ଏକ ଫେଷ୍ଟିଭ୍ ଲୁକ୍ ଦେଇଥାଏ ।
- ଘରେ ପ୍ରାକୃତିକ ଚମକ ଆଣିବାକୁ ଚାହୁଁଥିଲେ, ବ୍ରାଉନ୍ ଓ କଫିସେଡ୍ ବ୍ୟବହାର କରିପାରିବେ । ଏହି ରଙ୍ଗ କାଠ, ଉଲ୍ ଓ ଲାଇଲେନ୍ ଭଳି ଫାବ୍ରିକ୍‌କୁ ସୁନ୍ଦର ଦିଶିଥାଏ । ଏହାଦ୍ୱାରା ଘରେ ଶାନ୍ତି ଅନୁଭୂତ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ପିଜ୍ଜା ପରଟା



### ଆବଶ୍ୟକ ସାମଗ୍ରୀ

ଅଟା -୨୫୦ ଗ୍ରାମ୍, କଟା ପିଆଜ - ଅଧା କପ୍, କଟା କ୍ୟାପ୍ସିକମ୍ - ଅଧା କପ୍, ମିଠା ମକ୍କା- ଅଧା କପ୍, ଟମାଟୋ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ଟମାଟୋ ସସ୍ - ଏକ ଚାମଚ, ଚିଜ୍ - ଅଧା କପ୍ , ଲୁଣ- ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଅଟାରେ ପାଣି ଅଳ୍ପ ଲୁଣ ଦେଇ ଚକଟି ଦିଅନ୍ତୁ । ଏହାକୁ ଗୁଳା କରି ଗୋଲାକାରରେ ବେଲନ୍ତୁ । ଏହାପରେ ରୁଟିରେ ଏକ ଚାମଚ ତେଲ ଓ ମ୍ୟାଗି ମସଲା ଦେଇ ରୁଟିର ଚାରିକଡ଼େ ଲଗାନ୍ତୁ । ଗୋଟିଏ କଣ୍ଟା ଚାମଚ ସାହାଯ୍ୟରେ ମଝିରେ ଦାଗ ଦିଅନ୍ତୁ । ଗ୍ୟାସ୍ ଲଗାଇ ତାୱା ଗରମ କରି ରୁଟିକୁ ସେକନ୍ତୁ । ଦୁଇପାଖ ହାଲୁକା ସେକି ହୋଇଯିବା ପରେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ରୁଟି ଉପରେ ପିଜ୍ଜା ସସ୍ ଟମାଟୋ ସସ୍, ଚିଜ୍, ମିଠାମକା ଦେଇ ଏହା ଉପରେ କ୍ୟାପ୍‌ସିକମ୍, ଟମାଟୋ, ପିଆଜ ଦିଅନ୍ତୁ । ଏହାକୁ ଏକ ପ୍ୟାନ୍‌ରେ ବସାଇ ଉପରେ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ପ୍ଲେଟ୍‌ରେ କାଢ଼ନ୍ତୁ । ପ୍ରସ୍ତୁତ ହୋଇଗଲା 'ପରଟା ପିଜ୍ଜା' ।

# ଟ୍ରେଣ୍ଡରେ ବବଲ୍ ହେମ୍ ଆଉଟଫିଟ୍



**ଫେଶନ ଦୁନିଆରେ ଅନେକ ଷ୍ଟାଇଲ୍ ରହିଛି, ଯାହା କେବେ ହେଲେ ପୁରୁଣା ହୁଏନି । ଏହା ସମୟାନୁସାରେ ନୂଆ ରୂପରେ ଦେଖିବାକୁ ମିଳିଥାଏ । ସେମିତି ଏକ ଟ୍ରେଣ୍ଡ ହେଲା ବବଲ୍ ହେମ୍ ଆଉଟଫିଟ୍ । ଏହା ଅଶି ଦଶକରେ ଖୁବ୍ ଲୋକପ୍ରିୟ ଥିଲା । ଏବେର ମହିଳାଙ୍କ ମଧ୍ୟରେ ଏହାର ଚାହିଦା ରହିଛି । ଏହା ପାର୍ଟି, ଫଙ୍କ୍‌ଶନ୍, ଉତ୍ସବ, କାଜୁଆଲ୍ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।**

- ଏ ପ୍ରକାର ଡ୍ରେସ୍‌ରେ କପଡ଼ାକୁ ତଳକୁ ମୋଡ଼ି ସିଲେଇ କରାଯାଇଥାଏ । ଏହାଦ୍ୱାରା ତଳଅଂଶ ଫୁଲି ଏକ ବେଲୁନ୍ ଆକାର ଦେଖାଯାଏ । ଏହା ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ ।
- ଏହି ଡିଜାଇନ୍ ମିନି, ମିଡି ଓ ମ୍ୟାକ୍ସି ଆଦି ବିଭିନ୍ନ ଲମ୍ବର ରହିଛି । ତେବେ କୌଣସି ପାର୍ଟି, ଫଙ୍କସନ୍‌ରେ ପିନ୍ଧିବାକୁ ଚାହୁଁଥିଲେ , ସିଲ୍କ ବା ସାଟିନ୍ କପଡ଼ାର ପୋଷାକ ପିନ୍ଧିପାରିବେ ।
- ଏହି ଡ୍ରେସ୍ ସବୁ ପ୍ରକାର ଶାରୀରିକ ଗଠନକୁ ଭଲ୍ ମାନିଥାଏ । ତେଣୁ ଏହାର ଲୋକପ୍ରିୟତା ଖୁବ୍ ରହିଛି । ଏହି ବବଲ୍‌ଆକୃତି ଶରୀରକୁ ଏକ ବାଲାନ୍ସ ଲୁକ୍ ଦେଇଥାଏ । ଏହି ପୋଷାକ ଜୁଏଲାରୀ ବିନା ଅଧିକ ଆକର୍ଷଣୀୟ ଦିଶିଥାଏ ।



## କିଟ୍ ରଣଜୀ ଲଢ଼େଇ: ନାଗାଲାଣ୍ଡ ୨୯୯ ରନ୍‌ରେ ପରାସ୍ତ

# ଓଡ଼ିଶାକୁ ସିଜିନ୍‌ର ପ୍ରଥମ ବିଜୟ ପଏଣ୍ଟ

ଭୁବନେଶ୍ୱର, ୧୯ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ଅନୁଷ୍ଠିତ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ୨୯୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଦୁଇ ସ୍ପିନର ଗୋବିନ୍ଦ ପୋଦ୍ଦାର (୫/୬୯) ଓ ବାଦଲ ସ୍ୱାଇଁ (୩/୩୮) ମିଳିତ ଭାବେ ୮ ୱିକେଟ୍ ନେଇ ଘରୋଇ ଓଡ଼ିଶାକୁ ଚଳିତ ସିଜନରେ ପ୍ରଥମ ବିଜୟ ଭେଟି ଦେଇଥିଲେ। ପୂର୍ବରୁ ବରୋଦା (୭ ୱିକେଟ), ଆନ୍ଧ୍ର ପ୍ରଦେଶ (ଇନିଂସ ଓ ୫୦ ରନ) ଓ ବିଦର୍ଭ (୧୦୦ ରନ) ନିକଟରୁ ହାରିଥିବା ଓଡ଼ିଶା କେବଳ ଉତ୍ତର ପ୍ରଦେଶ ବିପକ୍ଷରେ ଡ୍ର ରଖିଥିଲା। ଏବେ ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୭ ପଏଣ୍ଟ ସହ ଏଲିଟ୍ ଗ୍ରୁପ୍-ଏ'ରେ ୬ଷ୍ଠ ସ୍ଥାନରେ ରହିଛି।

ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୪୬୫ ରନର କଷ୍ଟସାଧ ଲକ୍ଷ୍ୟକୁ ପିଛା କରିଥିବା ନାଗାଲାଣ୍ଡ ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସରେ ୧୬୫ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନାଗାଲାଣ୍ଡକୁ ଅଲ୍‌ଆଉଟ୍ କରିବାକୁ ଓଡ଼ିଶା ବୋଲରଙ୍କୁ ୮୩ ଓଭର ବୋଲିଂ କରିବାକୁ ପଡ଼ିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ଡେଗା ନିଶ୍ଚଳ (୧୨୬ ବଲରେ ୫୨ ରନ) ଓ ହେମ ଛେତ୍ରୀ (୧୦୨ ବଲରେ ୩୭ ରନ) ଧୀମା ବ୍ୟାଟିଂ କରି ମ୍ୟାଚକୁ ଡ୍ର ରଖିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପାର୍ଟଟାଇମ ସ୍ପିନର ଗୋବିନ୍ଦ ଉଭୟଙ୍କୁ ଆଉଟ୍ ଓଡ଼ିଶା ଦଳ ପାଇଁ ବିଜୟ ପଥ ପରିଷ୍କାର କରିଦେଇଥିଲେ। ଗୋବିନ୍ଦ ୩୧ ଓଭର ବୋଲିଂ କରି ୧୩ ମେଡେନ ସହ ୬୯ ରନ ବ୍ୟୟରେ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ପ୍ରଥମଶ୍ରେଣୀ ଫର୍ମାଟରେ ଏହା ତାଙ୍କର ୩ୟ ୫ ୱିକେଟ ସଫଳତା ଥିଲା। ସେହିଭଳି ବାମହାତୀ ସ୍ପିନର ବାଦଲ ୧୯ ଓଭର ବୋଲିଂ କରି ୧୦ ମେଡେନ ସହ ୩୮ ରନ ଦେଇ ୩ଟି ୱିକେଟ୍ ନେଇଥିଲେ। ସମ୍ବିତ ବରାଳଙ୍କୁ ଗୋଟିଏ ୱିକେଟ୍ ମିଳିଥିବା ବେଳେ ଅଭିଜ୍ଞ ଚେତନ ବିଷ୍ଟ ୧୯ ବଲ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ରନଆଉଟ୍ ହୋଇଥିଲେ। ପୂର୍ବରୁ ଅନିଲ ପରିଡ଼ା (୧୧୮)ଙ୍କ ଶତକ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନ କରିଥିଲା। ଜବାବରେ ୧୬୧ ରନରେ ସୀମିତ ରହିଥିଲା। ୧୧୪ ରନରେ ଅଗ୍ରଣୀ ଥାଇ ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୫ ୱିକେଟରେ ୩୫୦ ରନ କରି ପାଳି ଘୋଷଣା କରିଥିଲା। ଓପନର୍ ସ୍ୱସ୍ତିକ ସାମଲ ୧୬୯ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୩୭ ରନର ଶତକୀୟ ପାଳି ଖେଳିଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସୟଦ ମୁସ୍ତାକ ଅଲି ଟ୍ରଫି ଲାଗି ରଣଜୀ ଟ୍ରଫିରେ ଏବେ ସାମୟିକ ବ୍ରେକ୍ ଲାଗିଛି। ଜାନୁଆରୀ ୨୨ରୁ ୬ଷ୍ଠ ଓ ୨୯ରୁ ଅନ୍ତିମ ତଥା ୭ମ ରାଉଣ୍ଡ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବ।


ଗୋବିନ୍ଦ ପୋଦ୍ଦାର



ସ୍ୱସ୍ତିକ ସାମଲ

### ସଂକ୍ଷିପ୍ତ ସ୍କୋର

**ଓଡ଼ିଶା ପ୍ରଥମ ଇନିଂସ**: ୨୭୫/୧୦ (ଅନିଲ-୧୧୮, ବିପ୍ଳବ- ୯୨, ଲମଲିୱତି ଲେମତୁର- ୩/୨୬)।
**ନାଗାଲାଣ୍ଡ ପ୍ରଥମ ଇନିଂସ**: ୧୬୧/୧୦ (ଡେଗା- ୭୨, ଗୋବିନ୍ଦ- ୩/୨୨)।
**ଓଡ଼ିଶା ୨ୟ ଇନିଂସ**: ୩୫୦/୫, ୭୧ ଓଭର (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)।
**ନାଗାଲାଣ୍ଡ ୨ୟ ଇନିଂସ**: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)।

## ■ ଗୌହାଟୀରେ ଶନିବାରରୁ ଦ୍ୱିତୀୟ ଟେଷ୍ଟ

# ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ



ଗୌହାଟୀ,୧୯ ।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକା ସହ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ଏଠାରେ ବୁଧବାର ପହଞ୍ଚିଛି। ଏହି ଟେଷ୍ଟ ଆସନ୍ତା ଶନିବାର ବା ନଭେମ୍ବର ୨୨ରୁ ଆରମ୍ଭ ହେବ। ଇଡେନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ତୃତୀୟ ଦିନରେ ଶେଷ ହୋଇଥିଲା। ଏହା ଫଳରେ କୋଲକାତାରେ ଭାରତୀୟ ଦଳକୁ ୨ ଦିନ ଛୁଟିରେ ରହିବାକୁ ପଡ଼ିଲା। ଭାରତୀୟ କ୍ରିକେଟ ଦଳର ଟୁର୍ ପ୍ଲାନ୍ ଅନୁଯାୟୀ ଆଜି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଗୁଆହାଟୀରେ ପହଞ୍ଚିଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ୩ଟି ବଲ ଖେଳିବା ପରେ ଆହତ ହୋଇ ରିଟାୟର୍ଡ ହୋଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ ଦୂର ହୋଇନାହିଁ। କୋଲକାତାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟୁଛି। ଏବେ ସେ ବିସିସିଆଇ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିଛନ୍ତି। କିନ୍ତୁ ବର୍ଷାପଡାରେ ସେ ଖେଳିବେ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ଟିମ୍ ମ୍ୟାନେଜ୍‌ମେଣ୍ଟ ନିଷ୍ପତ୍ତି ନେବ ବୋଲି ଜଣାଯାଇଛି।

## ■ ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକରରେ ବିପର୍ଯ୍ୟୟ

# ଅଗରୱାଲଙ୍କୁ ହରାଇଲେ ସିଂଘାଲ



ଭୁବନେଶ୍ୱର,୧୯ ।୧୧(ସମିସ): ପୂର୍ବତନ ଜାତୀୟ ବିଲିୟାର୍ଡ୍ସ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ୧୫ ବର୍ଷୀୟ ରାଜ୍ୟ ଜୁନିଅର ଚାମ୍ପିଅନ୍ ବିଶେଷ ସିଂଘାଲ ଏଠାରେ ଚାଲିଥିବା ଅଲଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ର୍‌ୟାଙ୍କିଙ୍ଗ୍ ପ୍ରତିଯୋଗିତାରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଆଜି ଖେଳାଯାଇଥିବା ସିନିଅର ସ୍ନୁକର ଚାମ୍ପିଅନସିପ୍‌ରେ ୧୫ ବର୍ଷୀୟ ବିଶେଷ ୩-୨ ଫ୍ରେମ୍‌ରେ କୁନାଲ ଅଗରୱାଲଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବିଲିୟାର୍ଡ୍ସ ଚାମ୍ପିଅନ ଆଶୁତୋଷ ପାଢ଼ୀ ଓ ରନର୍ସ ଅପ୍ ସୁବ୍ରତ ଦାସଙ୍କ ଆଜିର ମୁକାବିଲାରେ ୱାକ୍ ଓଭର ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ଅନୁଜ ପଣ୍ଡା, ସୁଦୀପ୍ତ ଦାସ ମଧ୍ୟ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

## ୨୭.୪ ଓଭରରେ ୨୪୮ ରନ

# ବିହାରର ଅବିଶ୍ୱସନୀୟ ବିଜୟ

ପାଟନା, ୧୯ ।୧୧ (ଏଜେନ୍ସି): ରଣଜୀ ଟ୍ରଫି ଇତିହାସରେ ବୁଧବାର ବିହାର ଏକ ସ୍ମରଣୀୟ ବିଜୟ ହାସଲ କରିଛି। ଏଠାରେ ଅନୁଷ୍ଠିତ ପ୍ଲେଟ୍ ଡିଭିଜନର ଏକ ମ୍ୟାଚରେ ବିହାର ରୋମାଞ୍ଚକ ଭାବେ ୧୪ଟି ବଲ୍ ବଳକା ଥାଇ ୭ ୱିକେଟ୍‌ରେ ମିଜୋରାମକୁ ପରାସ୍ତ କରିଛି। ହାଇସ୍କୋରିଂ ବିଶିଷ୍ଟ ଏହି ମ୍ୟାଚରେ ମିଜୋରାମ ପ୍ରଥମ ଇନିଂସରେ ୧୩୬.୫ ଓଭରରେ ୫୦୯ ରନ କରିଥିଲା। ୱାସିମ ଜାଫରଙ୍କ ପୁତୁରା ଅର୍ମାନ ୧୯୩ ରନର ମାରାଥନ ପାଳି ଖେଳିଥିଲେ। ଏହାପରେ ଆୟୁଷ ଆନନ୍ଦ (୧୩୬) ଓ ମଙ୍ଗଳ ମହରୌର (୧୦୨)ଙ୍କ ଶତକ ସହାୟତାରେ ୧୩୬.୩ ଓଭରରେ ବିହାର ୫୨୨ ରନରେ ସୀମିତ ରହିଥିଲା। ୧୩ ରନ ପଛରେ ଥାଇ ମିଜୋରାମ ବୁଧବାର ଅନ୍ତିମ ତଥା ୪ର୍ଥ ଦିବସରେ ୫୭.୫ ଓଭର ଖେଳି ଦ୍ୱିତୀୟ ଇନିଂସରେ ୨୬୦/୬ ସ୍କୋରରେ ପାଳି ଘୋଷଣା କରିଥିଲା। ଫଳରେ ୪ର୍ଥ ଦିବସର ଅନ୍ତିମ ତଥା ୩ୟ ସେସନ (୩୦ ଓଭର)ରେ ବିହାର ସମ୍ମୁଖରେ ୨୪୮ ରନର କଷ୍ଟସାଧ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ଅସମ୍ଭବ ମନେ ହେଉଥିବା ଏହି ଲକ୍ଷ୍ୟକୁ ବିହାର ବ୍ୟାଟର୍ ସମ୍ଭବ କରି ଦେଖାଇଥିଲେ। ବ୍ୟାଟିଂକ୍ରମର ପ୍ରଥମ ୪ଜଣ ଖେଳାଳି ମଙ୍ଗଳ (୫୪ ବଲରେ ୬୭ ରନ), ଅଧିନାୟକ ଶାକିବୁଲ୍ ଘାନି (୪୬ ବଲରେ ୬୬ ରନ), ଆୟୁଷ ଆନନ୍ଦ (୩୩ ବଲରେ ୫୪ ରନ) ଓ ୱିକେଟ୍‌କିପର ବିପିନ ସୌରଭ (୨୨ ବଲରେ ୪୭ ରନ) ଦ୍ରୁତ ଇନିଂସ ଖେଳି ବିହାରକୁ ୨୭.୪ ଓଭରରେ ଅର୍ଥାତ ୧୪ଟି ବଲ୍ ଓ ୭ଟି ୱିକେଟ୍ ବଳକା ଥାଇ ବିଜୟୀ କରାଇଥିଲେ। ବିଜୟ ସହ ବିହାର ପ୍ଲେଟ୍ ଡିଭିଜନ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି।

## ● ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦

# ଅଲିପ୍ସା ଓଡ଼ିଶା ଦଳର ଅଧିନାୟିକା



ଭୁବନେଶ୍ୱର, ୧୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଏଥିଲାଗି ବୁଧବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସିନିୟର ମହିଳା ଚୟନ କମିଟି ଅଧକ୍ଷା ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରିଥିଲେ। ଅଲିପ୍ସା ବିଶ୍ୱାଳଙ୍କୁ ଦଳର ନେତୃତ୍ୱ ଭାରତ ପ୍ରଦାନ କରାଯାଇଛି। ଓଡ଼ିଶା ନଭେମ୍ବର ୨୪ରେ ସିକ୍କିମ, ୨୫ରେ ଉତ୍ତରାଖଣ୍ଡ, ୨୭ରେ ହରିୟାଣା, ୨୯ରେ ବରୋଦା ଓ ଡିସେମ୍ବର ୧ରେ ମୁମ୍ବାଇ ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳିବ।

ଓଡ଼ିଶା ୨୩ ବର୍ଷରୁ କମ୍ ମହିଳା ଦଳ: ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ-ଅଧିନାୟିକା), ପୂଜାରାଣୀ ଦାସ, ଦିବ୍ୟା ରାଉତରାୟ, ତନ୍ୱୀ ରଞ୍ଜନା (ଉଭୟ ୱିକେଟ୍‌କିପର), ସୁଚିସ୍ମିତା ପଣ୍ଡା, ଅଙ୍କିତା ଗିରି, ପ୍ରାର୍ଥନା ପ୍ରତିଶ୍ରୁତି, ଶୁଭ୍ରା ସ୍ୱାଇଁ, ଜିଏମ୍ ଅଳକାନନ୍ଦା, ଅନନ୍ୟା ମିଶ୍ର, ସୁଲଗ୍ନା ନାୟକ, ଏସ୍‌ବି ଲରେନ୍ସ, ଶ୍ରେୟା ପ୍ରିୟଦର୍ଶିନୀ, ଜ୍ୟୋତି ପ୍ରସାଦ, କଳାନ୍ତି ଧରିତ୍ରୀ। ଷ୍ଟାଣ୍ଡବାଏ: ଜୟସ ନାୟକ, ରାଣୀ ପ୍ରସାଦ, ଏସ୍. ସ୍ୱାଇଁ ଓ ସୋନାଲିସା ସାହୁ।

## ସୟଦ ମୁସ୍ତାକ ଅଲ୍ଲୀ ଟି-୨୦

# ୫ ବର୍ଷ ପରେ ବିପ୍ଳବଙ୍କୁ ନେତୃତ୍ୱ

କଟକ,୧୯ ।୧୧(ସମିସ)



### ୬ ନୂଆ ମୁହଁ; ୧୭ବର୍ଷୀୟ ରାଜଙ୍କୁ ସୁଯୋଗ

ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖରୁ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ୨୦ଜଣିଆ ରାଜ୍ୟ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ନେତୃତ୍ୱ ମିଳିଛି। ପାଞ୍ଚବର୍ଷ ପରେ ବିପ୍ଳବ ଟି-୨୦ ଫର୍ମାଟର ଅଧିନାୟକ ପଦକୁ ଫେରିଛନ୍ତି। ସେହିଭଳି ଦଳରେ ୬ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜ ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମ ଥର ସୁଯୋଗ ପାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ପପୁ ରାୟ ପାଖାପାଖି ୪୪ ମାସ ପରେ ସିନିଅର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘୋଷିତ ଦଳରେ ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଶୁଭ୍ରାଂଶୁ ସେନାପତି, ଶୁଭମ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ପପୁ ରାୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି ରହିଛନ୍ତି। ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

# ଫିଫା ବିଶ୍ୱକପ୍‌ରେ କୁରାକାଓ କ୍ଷୁଦ୍ରତମ ଦେଶ

ଜାମାଇକା, ୧୯ ।୧୧ (ଏଜେନ୍ସି): କାରିବୀୟାନ ଦୀପ ରାଷ୍ଟ୍ର କୁରାକାଓ କ୍ଷୁଦ୍ରତମ ଦେଶ ଭାବେ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛି। ବୁଧବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ କୁରାକାଓ ଗୋଲ୍‌ଶୂନ୍ୟ ଭାବେ ଜାମାଇକା ବିପକ୍ଷରେ ଡ୍ର ରଖିଥିଲା। ୧୭୧ ସ୍କୋୟାର ମାଇଲ୍ସ ବିଶିଷ୍ଟ କୁରାକାଓର ଜନସଂଖ୍ୟା ୧ ଲକ୍ଷ ୫୬ ହଜାର। ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ଏହା ବିଶ୍ୱର କ୍ଷୁଦ୍ରତମ ଦେଶ ହେବାର ରେକର୍ଡ କରିଛି। ପୂର୍ବରୁ ଏହି ରେକର୍ଡ ଆଇସଲାଣ୍ଡ ନାମରେ ରହିଥିଲା। ୨୦୧୮ ବିଶ୍ୱକପ୍ ଖେଳିଥିବା ଆଇସଲାଣ୍ଡର ଜନସଂଖ୍ୟା ସେ ସମୟରେ ୩.୫ ଲକ୍ଷ ଥିଲା।


ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ




Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

### ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ୍ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ୍ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS